ପର୍ଯ୍ୟାବରଣ କ୍ଷେତ୍ରରେ ଭାରତ ତାର ଦାୟିତ୍ୱ ନିର୍ବାହ କରିଛି ।୧୦

ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

ଅଜୟଙ୍କ ପାଇଁ ଆଜି ମୁଁ ସିଙ୍ଗଲ୍: ତବୁ ।୧୨

RNI Regd. No.ORI ORI 2004/12956 Postal Regd. No. BN/294/21-23 Published Simultaneously from Bhubaneswar, Angul & Berhampur. www.odishabhaskar.com

ଊନବିଂଶ ବର୍ଷ ସଂଖ୍ୟା-୧୦୫ Vol. 19 No-105 28 JUNE 2022 TUESDAY BHUBANESWAR ମଙ୍ଗଳବାର, ୨୮ ଜୁନ୍ ୨୦୨୨ ପୃଷ୍ଠା-୧୨ ମୂଲ୍ୟ:୭.୦୦

ରଥଯାତ୍ରାରେ କରୋନା ଭୟ

ମାସ୍କ ବାଧ୍ୟତାମୂଳକ

ଉପରମୁହାଁ ହେଉଛି ସଂକ୍ରମଣ

ଲକ୍ଷଣ ଥିବା ଶ୍ରଦ୍ଧାଳୁ ନଆସିବାକୁ ପରାମର୍ଶ

ପୁରୀର ୩ ସ୍ଥାନରେ ସ୍ୱାସ୍ଥ୍ୟ ଶିବିର

ପୁରୀ/ଭୁବନେଶ୍ୱର, ୨୭।୬, (ଭାସ୍କର ନ୍ୟୁଜ୍) : ଆସନ୍ତା ଜୁଲାଇ ୧ ତାରିଖରେ ଅନୁଷ୍ଠିତ ହେବ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା । ଦୁଇ ବର୍ଷର ବ୍ୟବଧାନ ପରେ ଏହି ଯାତ୍ରାରେ ୧୦ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବା ନେଇ ଆକଳନ କରାଯାଇଛି । ତେବେ ସମ୍ପ୍ରତି କରୋନା ସଂକ୍ରମଣ ରାଜ୍ୟରେ ଉପରମୁହାଁ ହେଉଥିବାରୁ ଏହାକୁ ନେଇ ବିଭିନ୍ନ ମହଲରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି । ଏହି ରଥଯାତ୍ରା ପାଇଁ ଦେଶବିଦେଶରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ବଡ଼ଦାଣ୍ଡରେ ହେବାର ସମ୍ଭାବନା ରହିଛି । ତେଣୁ ଏପରି ସମୟରେ କରୋନା ସଂକ୍ରାମଣର ଆଶଙ୍କା ଅଧିକ ଥିବାରୁ ସମସ୍ତ ପ୍ରକାରର ସତର୍କତା ଅବଲମ୍ବନ କରିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି, ରଥଯାତ୍ରା ସମୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଥିବାରୁ ଏଥିନେଇ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି । ଏଥିନିମନ୍ତେ ପୁରୀରେ ଥିବା ହସ୍ପିଟାଲ୍‌ଗୁଡ଼ିକୁ ପ୍ରସ୍ତୁତ ରଖାଯାଇଛି । କେବଳ କରୋନା ନୁହେଁ ଏହି ସମୟରେ ଝାଡ଼ାବାନ୍ତି ପରି ରୋଗ ଯେପରି ନବ୍ୟାପେ ସେଥିନେଇ ସମସ୍ତେ ଯତ୍ନବାନ ହେବା ଉଚିତ । ଯେଉଁମାନଙ୍କ ଲକ୍ଷଣ ରହୁଛି ସେମାନେ ରଥଯାତ୍ରା ଭିଡ଼କୁ ଯିବା ଉଚିତ ନୁହେଁ ବୋଲି ଶ୍ରୀ ମହାପାତ୍ର କହିବା ସହ ଘରେ ବସି ଟିଭିରେ ରଥଯାତ୍ରା ଦେଖିପାରିବେ ବୋଲି କହିଛନ୍ତି । ଏପରିକି ରଥଯାତ୍ରାରେ ଗହଳିକୁ ଯିବା ପୂର୍ବରୁ ସମସ୍ତେ ମାସ୍କ ପରିଧାନ କରିବା ଜରୁରୀ । ଅନ୍ୟପକ୍ଷରେ ବହୁ ଶ୍ରଦ୍ଧାଳୁଙ୍କ ଆଗମନକୁ ଆଖି ଆଗରେ ରଖି ପୁରୀ ଷ୍ଟେସନ, ବସ୍‌ଷ୍ଟାଣ୍ଡ ଓ ବଡ଼ଦାଣ୍ଡରେ ସ୍ୱାସ୍ଥ୍ୟ ଶିବିର ଖୋଲାଯାଇଛି । ସାମାନ୍ୟ ଲକ୍ଷଣ ଥିଲେ ତୁରନ୍ତ ସେହି ସ୍ୱାସ୍ଥ୍ୟ ଶିବିରରେ ପରୀକ୍ଷା କରାଇନେବାକୁ ଶ୍ରୀ ମହାପାତ୍ର କହିଛନ୍ତି । ରଥଯାତ୍ରା ସମୟରେ ଅନ୍ୟ ● ପୃଷ୍ଠା ୮ ଦେଖନ୍ତୁ

ଡିଜିପିଙ୍କ ଉଚ୍ଚସ୍ତରୀୟ ବୈଠକ

ପୁରୀ, ୨୭।୬, (ଭାସ୍କର ନ୍ୟୁଜ୍) : ଚଳିତ ବର୍ଷ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ଜୋର୍‌ଦାର୍ ପ୍ରୟାସ ଆରମ୍ଭ ହୋଇଛି । ଏନେଇ ସୋମବାର ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲଙ୍କ ଅଧ୍ୟକ୍ଷତାରେ ପୁରୀରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଶାନ୍ତି ଶୃଙ୍ଖଳାର ସହ ଯେପରି ରଥଯାତ୍ରା ସମାପନ ହେବ ତା' ଉପରେ ଡିଜିପି ଶ୍ରୀ ବଂଶଲ ଗୁରୁତ୍ୱ ଦେଇଥିଲେ । ବୈଠକ ପରେ ସେ କହିଥିଲେ, ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ରଥଯାତ୍ରା ସମୟରେ ପୁରୀରେ ୧୮୦ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ । ଟ୍ରାଫିକ୍ ନିୟମ ସମସ୍ତ ଶ୍ରଦ୍ଧାଳୁ ପାଳନ କରିବା ପାଇଁ ସେ ନିବେଦନ କରିଥିଲେ । ସେହିପରି ସମୁଦ୍ର ତଟର ସୁରକ୍ଷା ପାଇଁ ସମସ୍ତ ● ପୃଷ୍ଠା ୮ ଦେଖନ୍ତୁ

ରାଷ୍ଟ୍ରପତି ନିର୍ବାଚନ

ନାମାଙ୍କନ ଦାଖଲ କଲେ ଯଶୋୱନ୍ତ

ନୂଆଦିଲ୍ଲୀ, ୨୭।୬ : ଆସନ୍ତା ଜୁଲାଇ ୧୮ ତାରିଖରେ ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି । ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ପକ୍ଷରୁ ଝାରଖଣ୍ଡର ପୂର୍ବତନ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ ଗତ ୨୪ ତାରିଖରେ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିସାରିଥିବାବେଳେ ସୋମବାର ବିରୋଧୀ ମେଣ୍ଟର ପ୍ରାର୍ଥୀ ଯଶୋୱନ୍ତ ସିହ୍ନା ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଶ୍ରୀ ସିହ୍ନା ରାଜ୍ୟସଭା ସଚିବ ତଥା ରାଷ୍ଟ୍ରପତି ନିର୍ବାଚନ ପାଇଁ ନିଯୁକ୍ତ ହୋଇଥିବା ରିଟର୍ଣ୍ଣିଂ ଅଫିସର ପି.ସି.ମୋଦୀଙ୍କ ନିକଟରେ ୪ ସେଟ୍ ନାମାଙ୍କନ ପତ୍ର ଦାଖଲ କରିଥିବା ସୂଚନା ମିଳିଛି । ନାମାଙ୍କନ ପତ୍ର ଦାଖଲବେଳେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧି, ଏନ୍‌ସିପି ସୁପ୍ରିମୋ ଶରଦ ପାୱାର, ତୃଣମୂଳ କଂଗ୍ରେସ ପକ୍ଷରୁ ଅଭିଷେକ ବାନାର୍ଜୀ, କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖଡ଼ଗେ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଲେଶ ଯାଦବ ଓ ସିପିଆଇଏମ୍‌ର ସୀତାରାମ ୟେଚୁରୀ ପ୍ରମୁଖ ଉପସ୍ଥିତ ରହିଥିଲେ । ଏମାନଙ୍କ ବ୍ୟତୀତ ତେଲେଙ୍ଗାନାର କ୍ଷମତାସୀନ କେସିଆର୍‌ଙ୍କ ଟିଆର୍‌ଏସ୍‌ର କେତେକ ନେତା ମଧ୍ୟ ଉପସ୍ଥିତ ରହିଥିଲେ । ସୂଚନଯୋଗ୍ୟ ଯେ, ଶ୍ରୀ ସିହ୍ନାଙ୍କ ପ୍ରାର୍ଥିତ୍ୱକୁ ଟିଆରଏସ୍ ସମର୍ଥନ ଜଣାଇଛି । ଶ୍ରୀ ସିହ୍ନାଙ୍କ ପ୍ରଥମ ପ୍ରସ୍ତାବକ ଭାବେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ସ୍ୱାକ୍ଷର କରିଥିବା ଜଣାପଡ଼ିଛି । ଏହାବାଦ୍ ଟିଏମ୍‌ସି, ଏନ୍‌ସିପି ଏବଂ ଟିଆର୍‌ଏସ୍‌ର କେତେକ ନେତା ମଧ୍ୟ ପ୍ରସ୍ତାବକ ଭାବେ ସ୍ୱାକ୍ଷର କରିଥିବା ସୂଚନା ମିଳିଛି । ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ଜୟରାମ ରମେଶ, ଡିଏମ୍‌କେ ନେତା ଏ.ରାଜା, ନ୍ୟାସନାଲ୍ କନ୍‌ଫରେନ୍ସର ଫାରୁକ ଅବଦୁଲ୍ଲା ମଧ୍ୟ ଉପସ୍ଥିତ ରହିଥିଲେ । ଏହି ନିର୍ବାଚନରେ ଶ୍ରୀ ସିହ୍ନାଙ୍କ ଲଢ଼େଇ ସିଧାସଳଖ ଓଡ଼ିଆ ଝିଅ ତଥା ଏନ୍‌ଡିଏର ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ସହ ହେବ । ସୂଚନାଯୋଗ୍ୟ ଯେ, ଶ୍ରୀମତୀ ମୁର୍ମୁଙ୍କ ପ୍ରାର୍ଥିତ୍ୱକୁ ବିଜେଡ଼ି ଓ ୱାଇଏସ୍‌ଆର୍ କଂଗ୍ରେସ ସମର୍ଥନ ଜଣାଇଛନ୍ତି ।

ସଂକ୍ଷେପରେ...

୬ କ୍ୱିଣ୍ଟାଲ ଗଞ୍ଜେଇ ଜବତ

ରାୟଗଡ଼ା, ୨୭।୬(ଭାସ୍କର ନ୍ୟୁଜ୍) : ସାରା ରାଜ୍ୟରେ ଏବେ ଉତ୍କଟ ନିଶାଦ୍ରବ୍ୟର ଚୋରା କାରବାର ଜାରି ରହିଛି । ବହୁ ସମୟରେ ପୋଲିସ ଓ ଅବକାରୀ ବିଭାଗ ଚଢ଼ାଉ କରି ଜବତ କରୁଥିଲେ ମଧ୍ୟ ଏହା ଥମିବାର ନାଁ ନେଉନାହିଁ । ସୋମବାର ସକାଳେ ରାୟଗଡ଼ା ଜିଲ୍ଲା ମୁନିଗୁଡ଼ାରୁ ପୋଲିସ ଏକ ଟ୍ରକ୍‌ରେ ଯାଉଥିବା ସାଢ଼େ ୬ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ୪ଜଣଙ୍କୁ ଗିରଫ କରାଯାଇଛି । ଗଞ୍ଜେଇ ଟ୍ରକଟି ରାୟଗଡ଼ାରୁ ଦିଲ୍ଲୀ ଅଭିମୁଖେ ଯାଉଥିଲା । ଏହାର ଆନୁମାନିକ ମୂଲ୍ୟ ୬ ଲକ୍ଷରୁ ଅଧିକ ବୋଲି ପୋଲିସ କହିଛି ।

ବସ୍ ଧର୍ମଘଟ ସ୍ଥଗିତ

ଭୁବନେଶ୍ୱର, ୨୭।୬ (ଭାସ୍କର ନ୍ୟୁଜ୍) : ବିଭିନ୍ନ ଦାବି ନେଇ ଜୁଲାଇ ୧ ତାରିଖରୁ ବସ୍ ଧର୍ମଘଟ ଡାକରା ଦେଇଥିବା ଓଡ଼ିଶା ବସ୍ ମାଲିକ ସଂଘ ଏହାକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି । ବସ୍ ଧର୍ମଘଟ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିଛି ସଂଘ । ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି ରଥଯାତ୍ରାକୁ ଦେଖି ବସ୍ ଧର୍ମଘଟ ସ୍ଥଗିତ ରଖାଯାଇଛି । ଜୁଲାଇ ସୁଦ୍ଧା ଦାବି ପୂରଣ ପାଇଁ ସଂଘ ରାଜ୍ୟ ସରକାରଙ୍କୁ ଅପିଲ କରିଛି । ଯଦି ସରକାର ଜୁଲାଇ ମାସ ସୁଦ୍ଧା ଦାବି ପୂରଣ ନ କରନ୍ତି, ତାହାହେଲେ ଅଗଷ୍ଟରେ ପୁଣି ଧର୍ମଘଟକୁ ଓହ୍ଲାଇବ ବସ୍ ମାଲିକ ସଂଘ । ଏଥିପୂର୍ବରୁ ସଂଘ ରାଜ୍ୟ ପରିବହନ ମନ୍ତ୍ରୀଙ୍କ ସହ ମଧ୍ୟ ଆଲୋଚନା କରିଥିଲା ।

ସେନ୍‌ସେକ୍ସ: ୫୩,୧୬୧.୨୮
ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୩୪ ଡିଗ୍ରୀ
ସର୍ବନିମ୍ନ: ୨୬ ଡିଗ୍ରୀ

୨୬।୬ ର ମତାମତ

ରଥଯାତ୍ରାରେ କରୋନା ସଂକ୍ରମଣକୁ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେବା ଉଚିତ୍ ନୁହେଁ କି ?



ଆଜିର ପ୍ରସଙ୍ଗ

ମହାରାଷ୍ଟ୍ରରେ ଚାଲିଥିବା ରାଜନୈତିକ ମହାତ୍ରାମାର ପରିସମାପ୍ତି ଘଟିବା ଉଚିତ୍ ନୁହେଁ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

ତୀର୍ଯ୍ୟକ

ମହାରାଷ୍ଟ୍ରେ ରାଜନୀତି ଡ୍ରାମା ଚାଲେ
ଏକକୁ ଆରେକ ବଳି
ଉଦ୍ଧବ ସାଙ୍ଗରେ ଏକନାଥଙ୍କର
ଚାଲିଅଛି ଘୋର କଳି
ବିଜେପି ମାରୁଛି ତାଳି
ଆଗକୁ ଏ କଳି କି ରୂପ ନେବ
କେହି ପାରୁନାହିଁ କଳି...

ଦୁବାଇରେ ମୁଖ୍ୟମନ୍ତ୍ରୀ

୨୯ରେ ପୁଞ୍ଜିପତିଙ୍କ ସହ ଆଲୋଚନା

ଭୁବନେଶ୍ୱର, ୨୭।୬, (ଭାସ୍କର ନ୍ୟୁଜ୍) : ଗତ ୨୦ ତାରିଖରୁ ବିଦେଶ ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କର ଇଟାଲୀ ଗସ୍ତ ଶେଷ କରି ରବିବାର ରାତିରେ ଦୁବାଇରେ ପହଞ୍ଚିଛନ୍ତି । ସେଠାରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ପାଇଁ ଆରମ୍ଭ ହୋଇଛି କାଉଣ୍ଟଡାଉନ୍ । ଆସନ୍ତା ୨୯ ତାରିଖରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ମଧ୍ୟପ୍ରାଚ୍ୟର ପୁଞ୍ଜି ନିବେଶକାରୀଙ୍କ ସହ ସିଧାସଳଖ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଆଲୋଚନା ସମୟରେ ଖାଦ୍ୟ ପ୍ରକ୍ରିୟାକରଣ, ପର୍ଯ୍ୟଟନ, ପେଟ୍ରୋକେମିକାଲ, ପେଟ୍ରୋଲିୟମ ସେକ୍ଟର ଏବଂ ଡାଉନ୍‌ଷ୍ଟ୍ରିମ୍ ଇଣ୍ଡଷ୍ଟ୍ରୀ ଉପରେ ଫୋକସ୍ କରାଯିବାର ସ୍ଥିର କରାଯାଇଛି । ଦୁବାଇର ହୋଟେଲ୍ ଓବରାଇରେ ହେବାକୁ ଥିବା ପୁଞ୍ଜିପତିଙ୍କ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ସହ ମୁଖ୍ୟ ଶାସନ ସଚିବ, ଶିଳ୍ପ ସଚିବ, ଯୋଗାଣ ସଚିବ, ଆବାସିକ କମିଶନର ଏବଂ ୫-ଟି ସଚିବ ଯୋଗ ଦେବେ । ରାଜ୍ୟରେ ସଫଳତାର ସହ ପୁଞ୍ଜି ନିବେଶ କରିଥିବା ଶିଳ୍ପପତିଙ୍କ ଏକ ପ୍ରତିନିଧି ଦଳ ମଧ୍ୟ ଏହି କନ୍‌କ୍ଲେଭ୍‌ରେ ଯୋଗ ଦେବେ । ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ବ୍ୟାପକ ସୁବିଧା ସୁଯୋଗ ରହିଥିବାବେଳେ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ନେଇ ମୁଖ୍ୟମନ୍ତ୍ରୀ ଓ ଟିମ୍ ଓଡ଼ିଶା ମଧ୍ୟପ୍ରାଚ୍ୟର ପୁଞ୍ଜିପତିଙ୍କ ସହ ଆଲୋଚନା କରିବେ । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ଦୂରଦୃଷ୍ଟି, ସ୍ଥିର ସରକାର, ଦୃଢ଼ ଇଚ୍ଛାଶକ୍ତି ଯୋଗୁଁ ଶିଳ୍ପାୟନ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ଘଟିଛି । ଏହାକୁ ଦୃଷ୍ଟିରେ ରଖି ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ପୁଞ୍ଜିପତିମାନେ ଓଡ଼ିଶା ମୁହାଁ ହେଉଛନ୍ତି । ଓମାନ, ଦୋହା, ଦୁବାଇ ଭଳି ରାଷ୍ଟ୍ରର ଶିଳ୍ପପତିମାନେ ଓଡ଼ିଶାରେ ପୁଞ୍ଜିନିବେଶ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । ତେବେ ମୁଖ୍ୟମନ୍ତ୍ରୀଙ୍କ ଏହି ଉଦ୍ୟମ ବେଶ୍ ଫଳପ୍ରଦ ହେବ ବୋଲି ଆଶା କରାଯାଉଛି । ଏଥିପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଇଟାଲି ରାଜଧାନୀ ରୋମରେ ପୁଞ୍ଜିନିବେଶକାରୀଙ୍କ ସହ ଆଲୋଚନା କରିବା ସହ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଧର୍ମଗୁରୁ ପୋପ୍ ଫ୍ରାନସିସ୍‌ଙ୍କୁ ସାକ୍ଷାତ କରିଥିଲେ । ଏଥିସହ ସେଠାରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କ ସହ ମଧ୍ୟ ଭାବ ବିନିମୟ କରିଥିଲେ । ଆସନ୍ତା ୩୦ ତାରିଖରେ ଶ୍ରୀ ପଟ୍ଟନାୟକ ଭୁବନେଶ୍ୱର ଫେରିବାର କାର୍ଯ୍ୟକ୍ରମ ରହିଛି ।

ହାତୀ ମୃତ୍ୟୁର କବରସ୍ଥାନ ପାଲଟିଛି ଆଠଗଡ଼ ବନଖଣ୍ଡ

ଆଉ ଏକ ହାତୀର କଙ୍କାଳ ଠାବ

- ଏସ୍‌ଆଇଟି ଓ ଏସ୍‌ଟିଏଫ୍‌ର ଯୁଗ୍ମ ତଦନ୍ତ
- ୩ ଦଲାଲ୍ ଗିରଫ
- ରେଞ୍ଜର, ଫରେଷ୍ଟର ଫେରାର୍

ଆଠଗଡ଼, ୨୭।୬, (ଭାସ୍କର ନ୍ୟୁଜ୍) : ହାତୀ ମୃତ୍ୟୁର କବରସ୍ଥାନ ପାଲଟିଛି ଆଠଗଡ଼ ବନଖଣ୍ଡ । ଏହି ବନଖଣ୍ଡରୁ ଗୋଟିଏ ପରେ ଗୋଟିଏ ହାତୀ କଙ୍କାଳ ଠାବ କରାଯିବା ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି । ଏହାକୁ ନେଇ ପଶୁପ୍ରେମୀ ଓ ପରିବେଶବିତମାନଙ୍କ ମଧ୍ୟରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି । ପ୍ରଥମେ ନରସିଂହପୁର ବନାଞ୍ଚଳରୁ ହାତୀ କଙ୍କାଳ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍‌କୁ ମିଳିବା ପରେ ବଡ଼ାମ୍ବା ବନାଞ୍ଚଳରୁ ଆଉ ୩ଟି ହାତୀ କଙ୍କାଳ ଉଦ୍ଧାର କରାଯାଇଥିଲା । ସୋମବାର ପୁଣି ଏସ୍‌ଆଇଟି ଆଉ ଏକ ହାତୀ କଙ୍କାଳ ଠାବ କରିବା ପରେ ଏହା ପଛରେ ବନବିଭାଗ କର୍ମଚାରୀଙ୍କ ହାତ ରହୁଥିବା ସନ୍ଦେହ କରାଯାଉଛି । ହାତୀ କଙ୍କାଳ ଠାବ ହେବା ଘଟଣାର ତଦନ୍ତ କରୁଛନ୍ତି ଉଭୟ ବନବିଭାଗ ଏସଆଇଟି ଓ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ । ଆଠଗଡ଼ ଡିଏଫ୍‌ଓଙ୍କ ନେତୃତ୍ୱରେ ଗଠିତ ଏସ୍‌ଆଇଟି ଓ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଏହି ତଦନ୍ତ କରୁଥିବାବେଳେ ଆଉ ଏକ ହାତୀର କଙ୍କାଳ ଠାବ କରାଯାଇଥିଲା । ଏହି ଘଟଣାରେ ୩ ଜଣ ଦଲାଲଙ୍କୁ ଗିରଫ କରାଯାଇଥିବାବେଳେ ଏଥିରେ ସମ୍ପୃକ୍ତ ଥିବା ସ୍ଥାନୀୟ ରେଞ୍ଜର ଓ ଫରେଷ୍ଟର ଫେରାର୍ ହୋଇଯାଇଛନ୍ତି । ସେମାନଙ୍କୁ ଠାବ କରିବା ପାଇଁ ଉଦ୍ୟମ ଜାରି ରହିଛି । ପିସିସିଏଫ୍ ଶଶୀ ପଲ୍ କହିଛନ୍ତି ଯେ, ଉଭୟଙ୍କ ବିରୋଧରେ ଆଇନଗତ ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସୂଚନାଯୋଗ୍ୟ ଯେ, ରାଜ୍ୟରେ ● ପୃଷ୍ଠା ୮ ଦେଖନ୍ତୁ

ଦ୍ରୌପଦୀଙ୍କ ଗାଁରେ ଜଳିଲା ବିଜୁଳି ଆଲୁଅ

ରାଇରଙ୍ଗପୁର, ୨୭।୬, (ଭାସ୍କର ନ୍ୟୁଜ୍) : ଶେଷରେ ସବୁ ପ୍ରତୀକ୍ଷାର ଅନ୍ତ ଘଟିଛି । ଦୀର୍ଘ ୨୫ ବର୍ଷ ପରେ ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ ହୋଇଥିବା ଦ୍ରୌପଦୀ ମୁର୍ମୁଙ୍କ ଗାଁରେ ବିଜୁଳି ଆଲୁଅ ଜଳିଛି । ମୟୁରଭଞ୍ଜ ଜିଲ୍ଲା କୁସୁମୀ ବ୍ଲକ୍ ଉପରବେଡ଼ା ଡୁଙ୍ଗୁରୀ ସାହିରେ ସୋମବାର ବିଜୁଳି ସଂଯୋଗ ହୋଇଛି । ବିଜୁଳି ସଂଯୋଗ ପରେ ଲୋକଙ୍କ ଘରେ ଆଲୁଅ ଜଳିଛି । ରାଷ୍ଟ୍ରପତି ପ୍ରାର୍ଥୀ ଶ୍ରୀମତୀ ମୁର୍ମୁଙ୍କ ଘରେ ଓ ଗାଁରେ ବିଜୁଳି ନଥିବା ନେଇ ଲଗାତାର ବିଭିନ୍ନ ଗଣମାଧ୍ୟମରେ ସମ୍ବାଦ ପ୍ରକାଶିତ ହେବା ପରେ ଏହି ଗାଁ ଚର୍ଚ୍ଚାକୁ ଆସିଥିଲା । ଏପରିକି ସରକାରଙ୍କ ଦାୟିତ୍ୱହୀନତା ମଧ୍ୟ ପଦାରେ ପଡ଼ିଯାଇଥିଲା । ତେବେ ବିଦ୍ୟୁତ୍ ବିଭାଗ ତତ୍ପର ହୋଇ ଗତ ଶନିବାର ଠାରୁ ଉକ୍ତ ଗାଁରେ ଖୁଣ୍ଟ ପୋତିବା ଠାରୁ ତାର ଟାଣିବା ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ କରିଦେଇଥିଲା । ରବିବାର ଗାଁରେ ୨୦ଟି ଖୁଣ୍ଟ ପୋତାଯାଇ ତାର ଟଣାଯାଇଥିବାବେଳେ ସୋମବାର ୧୮ଟି ଘରକୁ ବିଦ୍ୟୁତ୍ ସଂଯୋଗ କରାଯାଇ ଲାଇନ୍ ଚାର୍ଜ କରାଯାଇଥିଲା । ● ପୃଷ୍ଠା ୮ ଦେଖନ୍ତୁ

ଶ୍ରୀନଅରକୁ ଖଡ଼ିପ୍ରସାଦ ବିଜେ

ମହାପ୍ରଭୁଙ୍କ ବନକଲାଗି ନୀତି ଆରମ୍ଭ

ପୁରୀ, ୨୭।୬, (ଭାସ୍କର ନ୍ୟୁଜ୍) : ସ୍ନାନଯାତ୍ରାରେ ଜ୍ୱରରେ ପୀଡ଼ିତ ହୋଇଥିବା ମହାପ୍ରଭୁଙ୍କୁ ଉପଚାର ପ୍ରଦାନ ପରେ ସେ ଏବେ ସୁସ୍ଥ ହୋଇଛନ୍ତି । ସୋମବାର ମହାପ୍ରଭୁଙ୍କ ଖଡ଼ିପ୍ରସାଦ ବିଜେ ସହ ଶ୍ରୀମନ୍ଦିରରେ ବନକଲାଗି ନୀତି ଆରମ୍ଭ ହୋଇଛି । ଘଣ୍ଟ, ଛତା, କାହାଳୀ ମଧ୍ୟରେ ଶ୍ରୀନଅରକୁ ଖଡ଼ିପ୍ରସାଦ ବିଜେ କରାଯାଇଥିଲା । ମହାପ୍ରଭୁଙ୍କୁ ଲାଗି ହୋଇଥିବା ଖଡ଼ିପ୍ରସାଦ ଦଇତାପତି ଓ ଦଉମହାପାତ୍ର ● ପୃଷ୍ଠା ୮ ଦେଖନ୍ତୁ

ଆକ୍ସନମୋଡ୍‌ରେ ଗଣଶିକ୍ଷା ମନ୍ତ୍ରୀ

୮ ଶିକ୍ଷକଙ୍କ ଦରମା ବନ୍ଦ ନିର୍ଦ୍ଦେଶ

ଭୁବନେଶ୍ୱର, ୨୭।୬, (ଭାସ୍କର ନ୍ୟୁଜ୍) : ଆକ୍ସନମୋଡ୍‌ରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ପରେ ଏବେ ମନ୍ତ୍ରୀ ଶ୍ରୀ ଦାଶ ବିଭିନ୍ନ ବିଦ୍ୟାଳୟର ସ୍ଥିତି ପରଖିବା ପାଇଁ ଅଚାନକ ପରିଦର୍ଶନ ଆରମ୍ଭ କରିଛନ୍ତି । ଏହିକ୍ରମରେ ଗତ ୨ ଦିନ ତଳେ ସେ ବାଲେଶ୍ୱର ଗସ

କରଞ୍ଜିଆ, (ଭାସ୍କର ନ୍ୟୁଜ): କରଞ୍ଜିଆ ବ୍ଲକ ଅନ୍ତର୍ଗତ ମିରିଗାନେଣ୍ଡି ପଞ୍ଚାୟତରେ ଆଇକାର୍ଡ ସଂସ୍ଥା ଦ୍ୱାରା ଚାଷୀଙ୍କୁ ହରଡ଼ ବିହନ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି, ଏହି ଶିବିରରେ ଅତିଥିଭାବେ ଜିଲ୍ଲା କୃଷିଅଧିକାରୀ ରାମଚନ୍ଦ୍ର ନାଏକ,ବି ଏ ଓ ଧରିତ୍ରୀ ଚୁଡ଼ୁ, ଜିଲ୍ଲା ସଂଯୋଜକ ସନ୍ତୋଷ କୁମାର ସାହା, ସି ସି ଏଫ ଯୋଗଦାଶ ମହାନ୍ତ,, କରଞ୍ଜିଆ ବ୍ଲକ କୋରଡିନେଟର ଲୋଳିତ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ମିରିଗାନେଣ୍ଡି ପଞ୍ଚାୟତ ର ଝୁମ୍ରୁକାକୁଦର, ଖୋଦାକୁଦର ଓ ମିରିଗିନେଣ୍ଡି ଗ୍ରାମରୁ ଚୟନ ହୋଇଥିବା ଚାଷୀଙ୍କ ମଧ୍ୟରୁ ୮୮ ଜଣ ଚାଷୀଙ୍କୁ ହରଡ଼ ବିହନ (୩୦ ହେକ୍ଟର ପାଇଁ ଏକର ପିଛା ୮ କେଜି ଲେଖା ହରଡ଼ ବିହନ,)୫୦୦ ଏମ ଏଲ ଲେଖା କୀଟନାଶକ ଔଷଧ ୪ ଜଣଙ୍କୁ ଓ ଏକ ପେକେଟ ଲେଖାଏଁ ଭିଟାମିନ ୮ ଜଣ ଚାଷୀଙ୍କୁ ପ୍ରଦାନ କରାଯାଇଛି ତେବେ ଇଣ୍ଟରନେସନାଲ ସେଣ୍ଟର ଫର ଏଗ୍ରିକଲଚୋର ରିସାଚ ଇନ ଡ୍ରାଏ ଏରିଆ ବା ଆଇକାର୍ଡ ସଂସ୍ଥା କରଞ୍ଜିଆ ବ୍ଲକ ରେ ମୋଟ ୩୦ ହେକ୍ଟର ଜମିରେ ହରଡ଼ ଚାଷ କରିବା ପାଇଁ ଲକ୍ଷରଖିଛି.ଶିବିରରେ ମୁଖ୍ୟ ଅତିଥି ରାମ ଚନ୍ଦ୍ର ନାଏକ ଚାଷୀ ମାନଙ୍କୁ ସଂସ୍ଥାକୁ ସହଯୋଗ କରିବାକୁ ଅନୁରୋଧ କରିବାବେଳେ ଏଇ ଓ ଧରିତ୍ରୀ ନାଏକ, ଜିଲ୍ଲା ସଂଯୋଜକ ସନ୍ତୋଷ କୁମାର ସାହା ଚାଷୀଙ୍କୁ କୋଉ ପ୍ରଣାଳୀରେ ଚାଷ କରିବେ ଅବଗତ କରିଥିଲେ ।

ବ୍ଲକ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କରଞ୍ଜିଆ, (ଭାସ୍କର ନ୍ୟୁଜ): ଆଜି କରଞ୍ଜିଆ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାଯ+ର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ମହିଳା, ଶିଶୁ କଲ୍ୟାଣ ଓ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ ଯୋଗ ଦେଇ ଉଦଘାଟନ କରିବା ସହିତ ଶିବିରକୁ କଙ୍କା କାଳିଆ ସ୍ୱାଧୀନତା ସଂଗ୍ରାମୀଙ୍କ ନାମରେ ଉର୍ଶଗ କରିଥିଲେ ଓ ଦୀର୍ଘ ଦୁଇ ବର୍ଷ ପରେ ଏହି ଶିବିର ପୁଣିଥରେ ଆରମ୍ଭ ହୋଇଥିବାରୁ ହିତାଧିକାରୀ ଏଥିରେ ଲାଭଉଠାଇବାକୁ ଆହ୍ୱାନ କରିଥିଲେ । ଏହି ଶିବିରରେ ସରକାର ଭିନ୍ନକ୍ଷମ ପାଇଁ କରିଥିବା ଯୋଜନାରେ ସାମିଲ ହୋଇଥିବା ଏକ ଭିନ୍ନକ୍ଷମ ଦମ୍ପତି ରବି ବିରୁଆ ଓ ସୁନାମୁହଁ ବିରୁଆଙ୍କୁ ୨.୫ ଲକ୍ଷ ର ଚେକ ସହାୟତା ଓ ୩ ଟି ଭିନ୍ନକ୍ଷମ ସୟଂ ସହାୟକ ଗୋଷ୍ଠୀ,ମା' ହିଂସଦା ଗୋଷ୍ଠୀ, ବଡ଼ଦେଉଳି, ଜୟ ଜଗନ୍ନାଥ ଗୋଷ୍ଠୀ ବାଟ ପୋଲଷା, ଓ ମା' ସୁଭଦ୍ରା ମହିଳା ଗୋଷ୍ଠୀ ବୋଳାଙ୍କୁ ୩୦ ହଜାର ଲେଖାଏଁ ସହାୟତା ପ୍ରଦାନ କରିଥିଲେ । ଏହା ସହିତ ଦ୍ୱାରି ଚରଣ ନାଏକ, ଦୈତାରୀ ନାଏକ, ଅନୀଲ ବାରିକ, ଅକ୍ରୁର ମଡେଇଙ୍କୁ ତିନିଚକିଆ ସାଇକେଲ ବଣ୍ଟନ କରିଥିଲେ । ଏହି ଶିବିରରେ କିଛି ହିତାଧିକାରୀଙ୍କୁ ବସ ପାସ, ଆୟ ସାର୍ଟିଫିକେଟ, ଭାଣିଶ୍ରୀ ବୃତ୍ତି ପ୍ରଦାନ , ମୃତ୍ୟୁ କାଳୀନ ସହାୟତା ମଧ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ଶ୍ରୀଯୁକ୍ତ ପ୍ରେମାଂଶୁ ଚାନ୍ଦ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ନାରାୟଣ ବେହେରା,ବିଡ଼ିଓ ଡ଼.ଶିବାଶିଷ ବରାଳ,ସହକାରୀ ତହସିଲଦାର ନିତ୍ୟାନନ୍ଦ ସେଠି, ବ୍ଲକ ଅଧ୍ୟକ୍ଷ ସୁଭଦ୍ରା ମାରାଣ୍ଡି, ଉପାଧ୍ୟକ୍ଷ ସତୀଶ ଚନ୍ଦ୍ର ମହାନ୍ତ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା, ଗୋପୀନାଥ ସୟ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ଭୁବନେଶ୍ୱରୀ ମହାନ୍ତ, ବ୍ଲକ ସହକାରୀ ଯନ୍ତ୍ରୀ ସାଇ ଆମଜଡ଼ ଅଲ୍ଲୀ, ସେକ୍ସନ ଅଫିସର ଧିରେନ କୁମାର ଭୋଇପ୍ରମୁଖ ଯୋଗ ଦେଇଥିଲେ । ଉକ୍ତ ଶିବିରରେ ଭିନ୍ନକ୍ଷମ, ମାନସିକ ଅନଗ୍ରସର, ଚକ୍ଷୁ, ଅସ୍ଥିସଲ୍ୟ ବିଭାଗର ଡାକ୍ତର ମାନେ ଉପସ୍ଥିତ ରହି ଉପସ୍ଥିତ ହୀତାଧିକାରିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ସାର୍ଟିଫିକେଟ ପ୍ରଦାନ କରିଥିଲେ । କରଞ୍ଜିଆ ହାଇସ୍କୁଲ ଏନସିସିର ସ୍ୱେଚ୍ଛାସେବୀମାନେ ଲୋକଙ୍କୁ ନେବା ଆଣିବା ଓ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ ।କରଞ୍ଜିଆ ଅଗ୍ନିଶମ ବାହିନୀ ଦ୍ୱାରା କୌଣସି ପ୍ରକାର ଦୁଃର୍ଘଟଣାକୁ ଏଡାଇବା ପାଇଁ ଅଗ୍ନିଶମ ଅଧିକାରୀ ନରେନ୍ଦ୍ର ରାଉତଙ୍କ ସଦଳବଳ ସେଠାରେ ମୁତୟନ ରହିଥିଲେ । ଆଗାମୀ ଦିନରେ ପ୍ରଶାସନ ପକ୍ଷରୁ ଏହି ଶିବିର କୁ ଉପଖଣ୍ଡ ସ୍ତରରେ ଆୟୋଜିତ କରାଯିବାର ପଦକ୍ଷେପ ନିଆଯିବ ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ନାରାୟଣ ବ୍ହେରା ପ୍ରକାଶ କରିଛନ୍ତି । ଶେଷରେ କରଞ୍ଜିଆ ବିଡ଼ିଓ ଡ଼ ଶିବାଶିଷ ବରାଳ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ୩ ବର୍ଷର ବିସ୍ମୟ ବାଳକ

ବାଲିପାଟଣା, (ଭାସ୍କର ନ୍ୟୁଜ): ବାଲିପାଟଣା ବ୍ଲକ ଅନ୍ତର୍ଗତ ବନମାଳୀପୁର ଅଞ୍ଚଳର ଗର୍ବ ଓ ଗୌରବ ହେଉଛନ୍ତି ସୋୟମ ଦିବ୍ୟାଂଶୁ ସାହୁ । ତାଙ୍କ ବୟସ ମାତ୍ର ୩ ବର୍ଷ ସେ ଏହି ଛୋଟ ବୟସରୁ ବହୁ ଅନନ୍ୟ ପ୍ରତିଭାର ଅଧିକାରୀ , ଆଜି ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ତାଙ୍କର ନାମକୁ ଯୋଡ଼ି ପାରିଛନ୍ତି । ସେ ଇଂରାଜୀ ଏବଂ ହିନ୍ଦୀ ଭାଷାରେ national symbol name, poem, ୧୨ months, vegetables name, birds name, animal namr, ଏମିତି ପାଖା ପାଖି ୨୦ ରୁ ୨୫ ପ୍ରକାର ଲିଷ୍ଟ ର ନାମ ଭଲ ଭାବେ କହିପାରୁଛନ୍ତି । ସୋୟମ୍ ଦିବ୍ୟାଂଶୁ ହେଉଛନ୍ତି କୃଷ୍ଣ ଚନ୍ଦ୍ର ସାହୁ ଏବଂ ଅନ୍ନପୂର୍ଣ୍ଣା ସାହୁଙ୍କ ସୁଯୋଗ୍ୟ ସନ୍ତାନ, ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସିଲେକ୍ଟ ହେବା ପରେ ତାଙ୍କ ପରିବାର ଓ ବନ୍ଧୁ ବାନ୍ଧବ ମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି । ସେ ଆଦର୍ଶ ଶିଶୁ ନିକେତନର ଖକଏର ଛାତ୍ର ସେ ପାଠ ପଢା ସହିତ ଚିତ୍ର କଳା ମଧ୍ୟ ଭଲ କରେ ବୋଲି ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ କହିଛନ୍ତି । ଏଥି ମଧ୍ୟରେ ବନମାଳୀପୁର ଅଞ୍ଚଳ, ବନ୍ଧୁ ବାନ୍ଧବ ଏବଂ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ଠାରୁ ଏବେ ଶୁଭେଚ୍ଛାର ସୁଅ ଚୁଟିବାରେ ଲାଗିଛି । କରିଛନ୍ତି ।

ଅଗ୍ନିପଥ ନିଯୁକ୍ତି ଯୋଜନା ପ୍ରତ୍ୟାହାର ଦାବିରେ ସତ୍ୟାଗ୍ରହ

ପରଜଙ୍ଗ,(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀର କଂଗ୍ରେସ ଦଳର ଯୁବ ନେତା ତଥା ଜିଲ୍ଲା କଂଗ୍ରେସ କମିଟିର ଉପସଭାପତି ରଞ୍ଜିତ କୁମାର ସାହୁ (ଟୁଟୁ)ଙ୍କ ନେତୃତ୍ୱରେ ସୋମବାର ପୂର୍ବାହ୍ନ ୧୦ ଘଟିକା ସମୟରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ପରଜଙ୍ଗ ବଜାର ମଧ୍ୟରେ ଅଗ୍ନିପଥ ନିଯୁକ୍ତି ପ୍ରତିବାଦରେ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଏକ ଶାନ୍ତି ପୂର୍ଣ୍ଣ ସତ୍ୟାଗ୍ରହ କରାଯାଇଥିଲା । ରାଜ୍ୟ ନବ ନିଯୁକ୍ତ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ନିର୍ବାଚନ ମଣ୍ଡଳୀର ଯୁବ ନେତା ଶ୍ରୀ ସାହୁଙ୍କ ନେତୃତ୍ୱରେ ପରଜଙ୍ଗ ବ୍ଲକ ଓ କଙ୍କଡ଼ାହାଡ଼ ବ୍ଲକ କଂଗ୍ରେସ କମିଟିର ସଦସ୍ୟ ମାନଙ୍କୁ ନେଇ କେନ୍ଦ୍ର ସରକାର ସେନା ବାହିନୀରେ ସର୍ଟ ଟର୍ମ ନିଯୁକ୍ତି ପାଇଁ ଆଣିଥିବା ଅଗ୍ନିପଥ ଯୋଜନା ବିରୋଧରେ ଏକ ଶାନ୍ତି ପୂର୍ଣ୍ଣ ସତ୍ୟାଗ୍ରହ କରାଯାଇଥିଲା । ପ୍ରତିବାଦ ସଭାରେ ବିକ୍ଷୋଭକାରୀ ମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ବିଭିନ୍ନ ପ୍ରକାର ସ୍ଲୋଗାନ ଦେବା ସହ ଏଭଳି କାର୍ଯ୍ୟକୁ କଡାସମାଲୋଚନା କରିବା ସହ ତୁରନ୍ତ ଏହି ସର୍ଟ ଟର୍ମ ନିଯୁକ୍ତି ଯୋଜନାକୁ ପ୍ରତ୍ୟାହାର କରିନେବାକୁ ଦାବୀ କରିଥିଲେ । ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ରୂପ ନେବ ବୋଲି ଚେତାବନୀ ଦେଇଥିଲେ । ଆୟୋଜିତ ପ୍ରତିବାଦ ସଭାରେ କଙ୍କଡ଼ାହାଡ଼ ବ୍ଲକ କଂଗ୍ରେସ କମିଟି ସଭାପତି ଧନେଶ୍ୱର ସାହୁ , ଜିଲ୍ଲା କଂଗ୍ରେସ କମିଟି ସମ୍ପାଦକ ବିଜୟ ପଣ୍ଡା ,ଆଡଭୋକେଟ ସଦାଶିବ ମଲ୍ଲିକ , ଟିକାୟତ ନାୟକ କମଳ ଲୋଚନ ପରିଡ଼ା ,ମହେଶ୍ୱର ନାୟକ, ରଘୁନାଥ ସିଂହଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ । ଶୃଙ୍ଖଳିତ ପାଇଁ ପୁଲିସ ମୃତୟନ୍ ଥିଲେ ।

ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ

ବ୍ରହ୍ମପୁର,(ଭାସ୍କର ନ୍ୟୁଜ): ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ବ୍ରହ୍ମପୁର ଉପଖଣ୍ଡ ସ୍ତରୀୟ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଓ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡ଼ା.ଶ୍ରବଣ କୁମାର ବିବେକଙ୍କ ମିଳିତ ଏହି ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ଉପଖଣ୍ଡ ସ୍ତରୀୟର ସମୁଦାୟ ମୋଟ ୪୧ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା ୩୭ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା ୨ଟି, ୩୩ ଗୋଟି ଅଭିଯୋଗକୁ ତୁରନ୍ତ ଫେସିଲା କରାଯାଇ ସମାଧାନ କରାଯାଇଛି ଏବଂ ଦୁଇ ଜଣଙ୍କୁ ରେଡ୍ କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି । ଦୁଇ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ତିନି ଚକିଆ ସାଇକେଲ, ପ୍ରଦାନ କରାଯାଇଛି । ଜନ ଅଭିଯୋଗ ଶୁଣାଣୀର ଆବେଦନର ତୁରନ୍ତ ଫଇସଲା କରିବା ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଆଜିର ଜନ ଶୁଣାଣୀ ସମୟରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଓ୍ୱି.କୀର୍ତ୍ତି ଓ୍ୱାସନ୍, ମହାନଗର ନିଗମ କମିଶନର ଜେ.ସୋନାଲ୍, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ଉମାକାନ୍ତ ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କଲ୍ୟାଣୀ ଦାସ, ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳର ଡେପୁଟି କଲେକ୍ଟର ଶୁଭଶ୍ରୀ ରଥ, ଉପଖଣ୍ଡ ଅଭିଯୋଗ ଶୁଣାଣି ନୋଡାଲ ଅଧିକାରୀ ବିନୋଦ କୁମାର ବେହେରା ଓ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଉପସ୍ଥିତ ଥିଲେ ।

ଅଗ୍ନିପଥ ଯୋଜନା ପ୍ରତ୍ୟାହାର ଦାବିରେ ବିକ୍ଷୋଭ

ଛତ୍ରପୁର, (ଭାସ୍କର ନ୍ୟୁଜ): କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାକୁ ବିରୋଧ କରି ପ୍ରଦେଶ କଂଗ୍ରେସ ଡାକରା କ୍ରମେ ଛତ୍ରପୁରକଂଗ୍ରେସ ପକ୍ଷରୁ ଗଂଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, କେନ୍ଦ୍ର ସରକାର ତରବରିଆଭାବେ ଏହି ଅଗ୍ନିପଥ ଯୋଜନା ଲାଗୁ କରିବା ଫଳରେ ଦେଶର ହଜାର ହଜାର ଯୁବକମାନଙ୍କ ସ୍ୱପ୍ନ ଆଜି ଧୂଳିସାତ ହୋଇଯାଇଛି । ଏହି ଯୋଜନା ଲାଗୁହେବା ଦ୍ୱାରା ସେନା ବାହିନୀର ପୂର୍ବରୁ ପ୍ରଚଳିତ ବ୍ୟବସ୍ଥା ସଂପୂର୍ଣ୍ଣ ମୂଲ୍ୟହୀନ ହୋଇଯିବ । କେନ୍ଦ୍ର ସରକାର ଦେଶର ସେନାବାହିନୀକୁ ଠିକା ବ୍ୟବସ୍ଥାରେ ରୁପାନ୍ତରିତ କରି ଘରୋଇକରଣ କରିବା ପାଇଁ ଯୋଜନା ହୋଇଛି ବୋଲି କଂଗ୍ରେସ ଆରୋପ କରିଛି । ଛତ୍ରପୁର ବ୍ଲକ କଂଗ୍ରେସ ସଭାପତି ଅବନି ଶତପଥି ଅଭିଭାଷଣରେ କହିଛନ୍ତି, ଯେ' ସରକାର ଯେଉଁ ପର୍ଯ୍ୟନ୍ତ 'ଅଗ୍ନିପଥ' ଯୋଜନାକୁ ପ୍ରତ୍ୟାହାର ନକରନ୍ତି । ସେ ପର୍ଯ୍ୟନ୍ତ କଂଗ୍ରେସ ଦଳ ରାଜରାସ୍ତାକୁ ଓହ୍ଲାଇ ଯୁବକମାନଙ୍କ ପାଇଁ ସଂଘର୍ଷ କରିବ । ଏହି ସତ୍ୟାଗ୍ରହ ଆନ୍ଦୋଳନରେ ବରିଷ୍ଠ କଂଗ୍ରେସ ନେତା ଭାଗିରଥି ବେହେରା, ଏନ.କ୍ରିଷ୍ଣା ରେଡି, ମହେଶ ଗୌଡ଼, ଜିତୁ ବେହେରା, ରାମ ତ୍ରିପାଠୀ,ସୁଙ୍କାନୀ ପଟ୍ଟନାୟକ, ଓକିଲ ବାବୁ ନାହାକ, ଇଜୁ ଅମିନ ଖାନ ପ୍ରମୁଖ ଯୋଗଦେଇଥିଲେ ।

ସମବାୟ ସମିତି ସଭାପତି ପଦ ପାଇଁ ଘୋଡା ବେପାର ସମ୍ଭାବନା

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ରାଜ୍ୟରେ ଗତ ୧୯ ତାରିଖରେ ସମବାୟ ସମିତିର ପ୍ରଥମ ପର୍ଯ୍ୟାୟ ପରିଚାଳନା ପରିଷଦର ସଭ୍ୟ ନିର୍ବାଚନ ଅନୁଷ୍ଠିତ ହୋଇଯାଇଥିବା ବେଳେ ୨୬ ତାରିଖ ରବିବାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଶୃଙ୍ଖଳା ସହ ଶେଷ ହୋଇଛି । ଏହି ପରିପ୍ରେକ୍ଷୀରେ ଅସ୍ତରଙ୍ଗ ବ୍ଲକ ବିଭିନ୍ନ ସମବାୟ ସମିତି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ତେବେ ରବିବାର ଦ୍ୱିତୀୟ ପର୍ଯ୍ୟାୟରେ ନଗର ସମବାୟ ସମିତିରେ ମିଳିତ ମେଣ୍ଟ ଆଠ ଟି ଆସନ ଜିତିଥିବା ବେଳେ ଶାସକ ବିଜେଡି ସାତଟି ଆସନ ଜିତିଛି । ଅନ୍ୟ ପଟେ କେନ୍ଦ୍ରାପଟି ସମବାୟ ସମିତିରେ ମିଳିତ ମେଣ୍ଟ ବିଶାଳ ବିଜୟ ପନ୍ଦରଟି ଆସନରୁ ପନ୍ଦର ଆସନ ମିଳିତ ମେଣ୍ଟ ବିଜୟୀ ହୋଇଚି । ଅନ୍ୟ ପଟେ ଆଗାମୀ ଦିନରେ ବିଭିନ୍ନ ପର୍ଯ୍ୟାୟରେ ସମବାୟ ସମିତିର ସଭାପତି ପଦବୀ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହେବାକୁ ସ୍ଥିରୀକୃତ ହୋଇଛି । ଏହି ସଭାପତି ପଦ ନିମନ୍ତେ ବର୍ତମାନ ଜୋରସୋରରେ ଘୋଡା ବେପାର ପାଇଁ ଉଦ୍ୟମ ଆରମ୍ଭ ହୋଇଥିବା ଶୁଣିବାକୁ ମିଳିଛି । ଚଳିତ ବର୍ଷର ସମବାୟ ସମିତି ନିର୍ବାଚନରେ ପ୍ରାଥୀମାନେ ଭୋଟ ହାତେଇବା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଥିବା ସହ ସମବାୟ ସମିତି କାର୍ଯ୍ୟାଳୟ ହେଉ ଅବା ସ୍ଥାନୀୟ ନେତାଙ୍କ ଘର ସମ୍ମୁଖରେ ଭିଡ଼ ଜମୁଥିବା ଗ୍ରାମ ମାନଙ୍କରେ ଚର୍ଚ୍ଚାର ବିଷୟ ପାଲଟିଛି । ପ୍ରାଥୀମାନେ ଭୋଟର ମାନଙ୍କୁ ନିଜ ସପକ୍ଷରେ ଆଣିବାକୁ ବିଭିନ୍ନ ପ୍ରଲୋଭନ ଦେଉଥିବା ଚର୍ଚ୍ଚା ହେଉଥିଲା । ତେବେ ପରିଷଦ ସଭ୍ୟପଦ ନିମନ୍ତେ ଏଭଳି ଖର୍ଚ୍ଚ ହେଉଥିବା ବେଳେ ଆଗାମୀ ସଭାପତି ପଦବୀ ନିମନ୍ତେ ପ୍ରାଥୀମାନେ ଅପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରିବାକୁ ପ୍ରସ୍ତୁତ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

ବଡ଼ଚଣାରେ କଂଗ୍ରେସର ସତ୍ୟାଗ୍ରହ ବେଳେ ଦୁଇ ଗୋଷ୍ଠି ମଧ୍ୟରେ ବିଶୃଙ୍ଖଳା

ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ) : ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରର ବିଜେପି ସରକାର ଘୋଷଣା କରାଯାଇଥିବା "ଅଗ୍ନୀପଥ" ସେନା ବାହିନୀରେ ନିଯୁକ୍ତି ପକ୍ରିୟାକୁ ପ୍ରତ୍ୟାହାର ଦାବିରେ ରାଜ୍ୟର ସମସ୍ତ ନିର୍ବାଚନ ମଣ୍ଡଳୀରେ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ ନିମନ୍ତେ ୨୭.୦୬.୨୦୨୨ରିଖ ଦିନ ୧୦ ଘଟିକାରୁ ୧ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ କରାଇବା ନିମନ୍ତେ ୨୦୧୯ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିଥିବା ଦଳୀୟ ପ୍ରାର୍ଥୀଙ୍କ ତତ୍ତ୍ୱାବଧାନରେ କରାଯିବ ବୋଲି ନିର୍ଦ୍ଦେଶ ଦେଇଥିଲେ । ଏହି ଉଦ୍ଦେଶ୍ୟରେ ଆଜି ବଡ଼ଚଣା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ନେତା ଅଜୟ କୁମାର ସାମଲଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଓ ବ୍ଲକ୍ ଯୁବ କଂଗ୍ରେସ ସଭାପତି, ମହିଳା କଂଗ୍ରେସ ସଭାପତି ଚଣ୍ଡିଖୋଲ ଛକ ବୁଦ୍ଧ ମୂର୍ତ୍ତି ନିକଟରେ ତଳେ ବସି ଦିବା ୧୦ ଘଟିକାରୁ ଶାନ୍ତି ପୂର୍ଣ୍ଣ ସତ୍ୟାଗ୍ରହ ଚଳାଇଥିବା ସମୟରେ ପ୍ରାୟ ୧୧.୩୦ ମିନିଟରେ ବ୍ଲକ୍ କଂଗ୍ରେସ ନାମରେ କିଛି ଲୋକ ସତ୍ୟାଗ୍ରହ ସ୍ଥଳରେ ପହଞ୍ଚି ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶରେ ତିଆରି କରାଯାଇ ଟଙ୍ଗା ଯାଇଥିବା ବ୍ୟାନରକୁ ଛିଡ଼ାଇ ଫୋପାଡ଼ି ଦେବାରୁ ଅଧାରୁ କାର୍ଯ୍ୟକ୍ରମ ବନ୍ଦ ହୋଇଯାଇଥିଲା । ପରେ ସେହି ସ୍ଥାନରେ ନିଜସ୍ୱ ବ୍ୟାନର ଲଗାଇ,ଚେୟାର ପକାଇ ବସି ବଡ଼ଚଣା ବ୍ଲକ୍ କଂଗ୍ରେସ କମିଟି ସଭାପତି ଉମେଶ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଏକ ବୈଠକରେ ପ୍ରଦେଶ ପଛୁଆ ବର୍ଗ ସେଲର ଉପାଧ୍ୟକ୍ଷ କ୍ୟାପଟେନ୍ ରାଜ ନାରାୟଣ ମହାପାତ୍ର ଓ ତାଙ୍କର ସମର୍ଥକମାନେ ସଭା କରିଥିଲେ ।

କପିଳାସ ରାସ୍ତାର ସୁନ୍ଦରୀଖାଲ ନିକଟରେ ଲୁଟ୍ ଉଦ୍ୟମ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ କପିଳାସ ରାସ୍ତାର ସୁନ୍ଦରୀଖାଲ ନିକଟରେ ଏକ ବସକୁ ଅଟକାଇ ଲୁଟ ଉଦ୍ୟମ କରୁଥିବା ବେଳେ କାବୁ କରିଛନ୍ତି ସ୍ଥାନୀୟ ଲୋକେ । ଏକ ଏକ୍ସୟୁଭି ୫୦୦ ଗାଡି ସହ ୪ ଜଣ ଲୁଟେରାଙ୍କୁ କାବୁ କରି ସ୍ଥାନୀୟ ଲୋକେ ପୋଲିସକୁ ହସ୍ତାନ୍ତର କରିଥିବା ଜଣାପଡିଛି । ସୂଚନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଗୋଟିଏ ଦିନରେ ୬୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୯୩୨୮କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୯୬୯ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୫୬ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୪୨ ଜଣ ସଂଗରୋଧରୁ ଓ ୨୭ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

'କୃଷି କ୍ଷେତ୍ରରେ ମହିଳାଙ୍କ ସଶକ୍ତିକରଣ କୃଷକଙ୍କ ଆୟ ଦ୍ୱିଗୁଣିତ କରିବ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସମନ୍ୱିତ କୃଷି ଏବଂ କୃଷି କ୍ଷେତ୍ରରେ ମହିଳାଙ୍କ ସଶକ୍ତିକରଣ କୃଷି ଉତ୍ପାଦନ ବୃଦ୍ଧି ସହିତ କୃଷକମାନଙ୍କ ଆୟ ଦ୍ୱିଗୁଣିତ କରିବ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ଏହି ପରିପ୍ରେକ୍ଷୀରେ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ସମନ୍ୱିତ କୃଷି ନିମନ୍ତେ ଅଗ୍ରାଧିକାର ଭିତ୍ତିରେ ସହାୟତା ଯୋଗାଇଦେବା ନିମନ୍ତେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୋମବାର କୃଷି ଭବନଠାରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କୃଷି ଓ ଖାଦ୍ୟ ଉତ୍ପାଦନ ଏବଂ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିବା ଅବସରରେ କହିଲେ ଯେ ବିଭାଗୀୟ ଯୋଜନାଗୁଡ଼ିକ ଯେପରି ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ଠିକ୍ ସମୟରେ ପହଞ୍ଚିପାରିବ ସେଥି ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ଆବଶ୍ୟକ । ଉଦ୍ୟାନ କୃଷି କ୍ଷେତ୍ରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ପ୍ରାଧାନ୍ୟ ଦେବା ସହିତ କୃଷି ଉତ୍ପାଦନ ସଂଗଠନଗୁଡ଼ିକୁ ଅଧିକ ସଶକ୍ତ କରିବା ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱ ପ୍ରଦାନ କରିଥିଲେ । ସମୀକ୍ଷା ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ସଂଜୀବ ଚୋପ୍ରା କହିଲେ ଯେ ଓଡ଼ିଶା ସରକାରଙ୍କ 'କୃଷକ ଓଡ଼ିଶା' ଡାଟାବେସ୍, ଓଡ଼ିଶା ମିଲେଟ୍ ମିଶନ ଏବଂ ଏଗ୍ରିକଲଚର ପ୍ରଡକ୍ସନ୍ କ୍ଲଷ୍ଟର ସାରା ଦେଶରେ ନିଜ ପାଇଁ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିପାରିଛି । ବୈଠକରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ନିର୍ଦ୍ଦେଶାଳୟ ଦ୍ୱାରା ପ୍ରଣୟନ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ସେହିପରି ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର କାର୍ଯ୍ୟାବଳୀର ଅଗ୍ରଗତି ସଂପର୍କରେ ସୂଚନା ପ୍ରଦାନ କରି ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା କହିଲେ ଯେ ଗତ କିଛି ବର୍ଷର କଠିନ ପରିଶ୍ରମ ଫଳରେ ଫଳ ଓ ପନିପରିବା ଚାଷରେ ରାଜ୍ୟ ଅନେକ ମାତ୍ରାରେ ସ୍ୱାବଲମ୍ବୀ ହୋଇପାରିଛି। ବୈଠକରେ ବିଭାଗୀୟ ସ୍ୱତନ୍ତ୍ର ସଚିବ ସଂଜୀବ କୁମାର ଚଢ଼ାଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

ରବୀନ୍ଦ୍ରମଣ୍ଡପ ଠାରେ ୪୮ତମ ଗାନ୍ଧର୍ବ କଳା ମହୋତ୍ସବରେ ନୃତ୍ୟଶିଳ୍ପୀଙ୍କ ଚିତ୍ତାକର୍ଷକ ନୃତ୍ୟ ପ୍ରଦର୍ଶନ

ଓଲଟିଲା କୋଇଲା ବୋଝେଇ ଟ୍ରକ୍: ଅଳ୍ପକେ ବର୍ତ୍ତିଲେ ଚାଳକ

ବାରଙ୍ଗ(ଭାସ୍କର ନ୍ୟୁଜ୍): ଭାରସାମ୍ୟ ହରାଇ ଓଲଟିଲା କୋଇଲା ବୋଝେଇ ଟ୍ରକ ଅଳ୍ପକେ ବର୍ତ୍ତିଲେ ଚାଳକ । ସୋମବାର ପୂର୍ବାହ୍ନରେ ଏକ ଟ୍ରକ କୋଇଲା ବୋଝେଇ କରି ମୁଣ୍ଡଳୀରୁ ବାରଙ୍ଗ ଅଭିମୁଖେ ଯାଉଥିବା ଏକ ଟ୍ରକ ଗୋଡିସାହି ପୁରୀ ମୁଖ୍ୟ କେନାଲ ବନ୍ଧର ଉଠାଣି ଉଠୁଥିବାବେଳେ ଟ୍ରକଟି ଭାରସାମ୍ୟ ହରାଇ କେନାଲ ବନ୍ଧ ରାସ୍ତା ତଳକୁ ଓଲଟି ପଡିଥିଲା । ଫଳରେ ଚାଳକ ଜଣକ ଗାଡିଟି ଓଲଟି ପଡୁଥିବା ଦେଖି ନିଜର ବୁଦ୍ଧି ଖଟାଇ ଗାଡିରୁ ବାହାରକୁ ଡେଇଁ ପଡିଥିଲା । ଫଳରେ ସେ ଏକ ବଡ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଥିଲେ । ଖବର ପାଇ ଘଟଣାସ୍ଥଳରେ ଗୋଡିସାହି ଫାଣ୍ଡି ପୋଲିସ ପହଞ୍ଚି ଚାଳକକୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି ।

ବିଜେପିରେ ଯୋଗଦେଲେ କଂଗ୍ରେସ ଓ କମ୍ୟୁନିଷ୍ଟ ନେତା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜେପି ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଉପସ୍ଥିତିରେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ଅଞ୍ଚଳର କଂଗ୍ରେସ ଓ କମ୍ୟୁନିଷ୍ଟ ପାର୍ଟିର ବହୁ ପୁରୁଷ ଓ ମହିଳା କାର୍ଯ୍ୟକର୍ତା ସୋମବାର ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି । ପୂର୍ବତନ ମନ୍ତ୍ରୀ ମନମୋହନ ସାମଲଙ୍କ ନେତୃତ୍ୱରେ ସିପିଆଇ ରାଜ୍ୟ ପରିଷଦ ସଭ୍ୟ ତଥା ଏଆଇଟିୟୁସି ସାଧାରଣ ସଂପାଦକ ଉପେନ୍ଦ୍ର ରାଉଳ, ଚାନ୍ଦବାଲୀ ନିର୍ବାଚନ ମଣ୍ଡଳୀର ପୂର୍ବତନ ଯୁବ କଂଗ୍ରେସ ସଭାପତି ମାନସ ବାରିକ, ଭାଟପଡା କଂଗ୍ରେସ ସଭାପତି ସୁକାନ୍ତ ପାଢ଼ି, ଅଖିଳ ଭାରତ ଯୁବ ସଂଘ ସମ୍ପାଦକ ଶିବାନୀ ରଞ୍ଜନ ଦାସଙ୍କ ସମେତ ମାନସ ବିଶ୍ୱାଳ, ଆନନ୍ଦ ଦାସ, ମାର୍କଣ୍ଡ ନାୟକ, ଗାତିକା ରାଉଳ ଓ ଅଭିନନ୍ଦନ ନାୟକ ପ୍ରମୁଖ ନିଜ ନିଜ ସମର୍ଥକଙ୍କ ଗହଣରେ ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଏବଂ ପୂର୍ବତନ ମନ୍ତ୍ରୀ ଶ୍ରୀ ସାମଲ ନୂତନ ଭାବେ ବିଜେପିରେ ସାମିଲ ହୋଇଥିବା ସମସ୍ତ ନୂତନ ସଦସ୍ୟମାନଙ୍କୁ ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ । ଏହି ମିଶ୍ରଣ ପର୍ବ ଅବସରରେ ରାଜ୍ୟ ସାଧାରଣ ସଂପାଦିକ ଡ. ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ସଂପାଦକ ଅଭିମନ୍ୟୁ ସେଠୀଙ୍କ ସମେତ ବହୁ ବନେତୃବୃନ୍ଦ ଉପସ୍ଥିତ ଥିଲେ ।

କୃଷିଶିଳ୍ପ ନିଗମର ଅବସରପ୍ରାପ୍ତ କର୍ମଚାରୀଙ୍କ ଗଣଧାରଣା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା କୃଷିଶିଳ୍ପ ନିଗମର ୩୯ ଜଣ ଅବସରପ୍ରାପ୍ତ କର୍ମଚାରୀମାନେ ନିଜର ପାଞ୍ଚ ଦଫା ଦାବି ପୂରଣ ନିମନ୍ତେ ସୋମବାର ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କୃଷିଶିଳ୍ପ ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ଅବସରକାଳୀନ ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇଛନ୍ତି। କୃଷିଶିଳ୍ପ ନିଗମ କର୍ତ୍ତୃପକ୍ଷ ସେମାନଙ୍କ ପ୍ରାପ୍ୟ ଯଥା ଗ୍ରାଚୁଇଟି, ଅବ୍ୟବହୃତ ଛୁଟି ଦରମା, ପେନସନ ବାବଦକୁ ଏକକାଳୀନ ୩ ମାସର ଦରମା ଓ ଅନ୍ୟାନ୍ୟ ପ୍ରାପ୍ୟ ପ୍ରଦାନ ନକରି ଅତ୍ୟନ୍ତ ଅନ୍ୟାୟ ଭାବେ ବର୍ଷ ବର୍ଷ ଧରି ଅଟକାଇବା ପ୍ରତିବାଦରେ ଧାରଣା ଦେଇଛନ୍ତି। ବାରମ୍ବାର ସରକାରଙ୍କ ସହିତ ଆଲୋଚନା କରି ବିଫଳ ହେବା ଯୋଗୁ ବାଧ୍ୟ ହୋଇ ମୃତ୍ୟୁ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ସଂଘର ଆବାହକ ସଚ୍ଚିଦାନନ୍ଦ ସାମନ୍ତରାୟ କହିଛନ୍ତି। ସେମାନଙ୍କ ପ୍ରମୁଖ ଦାବିଗୁଡ଼ିକ ହେଲା ଅବସରପ୍ରାପ୍ତ କର୍ମଚାରୀଙ୍କୁ ତୁରନ୍ତ ଗ୍ରାଚୁଇଟି ପ୍ରଦାନ କରିବା, ନିଗମର ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ପ୍ରାପ୍ୟ ପ୍ରଦାନ ନିମନ୍ତେ ନିଗର ନିଜସ୍ୱ ନିୟମାବଳୀ ଅନୁଯାୟୀ ତୁରନ୍ତ ପ୍ରାପ୍ୟ ପ୍ରଦାନ କରିବା, ନିଗମର ପେନସନ ବାବଦକୁ ଏକକାଳୀନ ୩ ମାସର ଦରମା ତୁରନ୍ତ ପ୍ରଦାନ କରିବା ଭଳି ଦାବିଗୁଡ଼ିକ ସମ୍ପର୍କରେ କର୍ତ୍ତୃପକ୍ଷ ବାରମ୍ବାର ପ୍ରତାରଣା କରୁଥିବାରୁ ସଂଘ ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଥିଲା। ଏହି ଶାନ୍ତିପୂର୍ଣ୍ଣ ଗଣଧାରଣାରେ ଇପିଏଫ୍ ପେନସନ ସଂଘର ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, ସଭାପତି ବିଜୟ କୁମାର ଜେନା, ବିକ୍ରମ କୁମାର ଛୋଟରାୟ, ଖୋର୍ଦ୍ଧାଜିଲ୍ଲା ସଭାପତି ପ୍ରଫୁଲ ଦାସ, ସମ୍ପାଦକ ମାୟାଧର ମଲ୍ଲିକ, କଟକ ଜିଲ୍ଲା ସଭାପତି ରାଜକିଶୋର ସ୍ୱାଇଁ, ଓଡ଼ିଶା ରାଜ୍ୟ ନିଗମ କର୍ମଚାରୀ ମହାସଂଘର ଉପଦେଷ୍ଟା ନଟବର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

ରଥଯାତ୍ରା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ବିଶେଷ ଟ୍ରେନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ତୀର୍ଥଯାତ୍ରୀମାନଙ୍କ ଗମନାଗମନ ଏବଂ ସୁବିଧା ପାଇଁ ରଥଯାତ୍ରା ସମୟରେ ପୁରୀକୁ ଏବଂ ପୁରୀ ଠାରୁ ୨୦୫ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇବାକୁ ରେଳ ମନ୍ତ୍ରଣାଳୟ ଯୋଜନା କରିଛି । କୋଭିଡ ୧୯ ପ୍ରୋଟୋକଲ ଯୋଗୁଁ ଗତ ଦୁଇ ବର୍ଷରୁ ତୀର୍ଥଯାତ୍ରୀଙ୍କ ବିନା ରଥ ଯାତ୍ରା ଆୟୋଜିତ ହୋଇଥିବାରୁ ଚଳିତ ବର୍ଷ ପୁରୀରେ ବହୁ ତୀର୍ଥଯାତ୍ରୀ ଏକାଠି ହେବେ ବୋଲି ରେଲୱେ ଆକଳନ କରୁଛି । ଏହା ବ୍ୟତୀତ ପୂର୍ବ ତଟ ରେଳପଥ ପଡୋଶୀ ରାଜ୍ୟଗୁଡିକର ସ୍ୱତନ୍ତ୍ର ଟ୍ରେନ୍ ବ୍ୟତୀତ ପୁରୀକୁ ଆସୁଥିବା ଏବଂ ପୁରୀ ଠାରୁ ଛାଡୁଥିବା ଅନେକ ବିଶେଷ ଟ୍ରେନଗୁଡିକରେ ତୀର୍ଥଯାତ୍ରୀମାନଙ୍କୁ ସଂରକ୍ଷିତ କ୍ଲାସ୍ ଯାତ୍ରା ସୁବିଧା କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେଇଛି ।

ଡିପ୍ରେସନରେ ଥିଲେ ରାଇମୋହନ: ଡିସିପି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡିଆ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ଖଳନାୟକ ରାଇମୋହନଙ୍କ ଆତ୍ମହତ୍ୟାର କାରଣ ଖୋଜୁଛି କମିଶନରେଟ୍ ପୋଲିସ୍। ଏହା ମଧ୍ୟରେ ମୃତ୍ୟୁ ପୂର୍ବରୁ ରାଇମୋହନ ମେଣ୍ଟାଲ ଡିପ୍ରେସନରେ ଥିବା ସୂଚନା ଦେଇଛନ୍ତି ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ। ସେ କହିଛନ୍ତି ଯେ ବର୍ତ୍ତମାନ ମଞ୍ଚେଶ୍ୱର ଆଇଆଇସିଙ୍କ ଦ୍ୱାରା ବିଭିନ୍ନ ଦିଗରୁ ତଦନ୍ତ କରାଯାଉଛି। ପରିବାର, ପଡ଼ୋଶୀ, ଡ୍ରାଇଭର, ପରିଚିତ ଲୋକଙ୍କୁ ପଚରାଉଚରା କରାଯାଉଛି। ରାଇମୋହନଙ୍କ ଫୋନ୍ ଜବତ କରିଯାଇଛି, ସେଥିରୁ କିଛି ସୁରାକ ମିଳିପାରେ ବୋଲି ଆଶା କରାଯାଉଛି। ତଦନ୍ତରୁ ରାଇମୋହନ ମାନସିକ ଅବସାଦରେ ଥିବା ପରି ଜଣାପଡୁଛି। ଏହା ପଛର କାରଣ ପରିବାର ଲୋକ ନିର୍ଦ୍ଦିଷ୍ଟ ଭାବେ କହିପାରୁନାହାନ୍ତି । ପୋଷ୍ଟମର୍ଟମ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଅଧିକ ସ୍ପଷ୍ଟ ହୋଇପାରିବ। ସେହିପରି ପୂର୍ବରୁ ଥରେ ରାଇମୋହନ ମଞ୍ଚେଶ୍ୱର ଥାନାକୁ ଆସିଥିଲେ । ତେବେ ସେ ଏକ ବ୍ୟକ୍ତିଗତ କାମ ପାଇଁ ଆସିଥିଲେ ବୋଲି କହିଛନ୍ତି ଡିସିପି। ସୂଚନାଯୋଗ୍ୟ ଗତ ଶୁକ୍ରବାର ଦିନ ପ୍ରାଚୀବିହାର ସ୍ଥିତ ଘରୁ ରାଇମୋହନଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା। ପ୍ରାଥମିକ ଭାବେ ସେ ଆତ୍ମହତ୍ୟା କରିଥିବା କୁହାଯାଉଥିବା ବେଳେ ପରିବାର ଲୋକଙ୍କୁ ପଚରାଉଚରା ଜାରି ରହିଛି।

ମଧୁବାବୁଙ୍କ ସମାଧି ପୀଠର ପୁନରୁଦ୍ଧାର ଦାବି

କଟକ(ଭାସ୍କର ନ୍ୟୁଜ୍): କଟକ ଗୋରାକବର ସ୍ଥିତ ମଧୁବାବୁଙ୍କ ସମାଧି ପୀଠର ସୌନ୍ଦର୍ଯ୍ୟକରଣ ତଥା ଏହାକୁ ଏକ ସ୍ୱତନ୍ତ୍ର ନୂଆ ରୂପ ଦେବାକୁ ପୁଣି ଥରେ ଦାବି ଜୋର ଧରିଛି। କଟକ ସହରର ବିଭିନ୍ନ ସାମାଜିକ ସଂଗଠନ ତଥା ବୁଦ୍ଧିଜୀବୀଙ୍କୁ ନେଇ ଗଠିତ ମଧୁ ସ୍ମୃତି ସୁରକ୍ଷା ମଞ୍ଚ ପକ୍ଷରୁ ଏ ନେଇ ଆଜି ସିଏମ୍‌ସି ମେୟରଙ୍କ ଠାରୁ ନେଇ ଜିଲ୍ଲାପାଳ, ବିଧାୟକ, ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏପରିକି ଗୋରାକବର ଠାରେ ଥିବା ମଧୁବାବୁଙ୍କ ସମାଧିପୀଠର ପୁନରୁଦ୍ଧାର ପାଇଁ ଆବଶ୍ୟକ ସ୍ଥାୟୀ ନିର୍ମାଣ କାର୍ଯ୍ୟର ଅନୁମତି ଦେବାକୁ ମଞ୍ଚ ତରଫରୁ କଟକ ଓଡ଼ିଆ ବାପ୍‌ଟିଷ୍ଟ ଚର୍ଚ୍ଚ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ଦିଆଯାଇଛି। ଗୋରାକବର ସ୍ଥିତ ମଧୁବାବୁଙ୍କ ସମାଧିସ୍ଥଳଟି ଅବହେଳିତ ଅବସ୍ଥାରେ ପଡ଼ିରହିଛି। ସାଧାରଣ ମଶାଣି ଭିତରେ ଏହି ସମାଧିପୀଠଟି ରହୁଥିବାରୁ ଏହାର ରକ୍ଷଣାବେକ୍ଷଣ ସହ ସୌନ୍ଦର୍ଯ୍ୟକରଣ ହୋଇପାରୁନାହିଁ। ଏନେଇ ଆଜି ମଧୁ ସ୍ମୃତି ସୁରକ୍ଷା ମଞ୍ଚ ପକ୍ଷରୁ ଏକ ୫ ଦଫା ଦାବି ସମ୍ବଳିତ ଦାବିପତ୍ର ସିଏମ୍‌ସି ମେୟର୍, ଜିଲ୍ଲାପାଳ, କଟକ ଓଡ଼ିଆ ବାପ୍‌ଟିଷ୍ଟ ଚର୍ଚ୍ଚ, ବାରବାଟୀ-କଟକ ବିଧାୟକ ଓ ମୁଖ୍ୟମନ୍ତ୍ରୀଙ୍କୁ (ଜିଲ୍ଲାପାଳଙ୍କ ଜରିଆରେ) ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ମଞ୍ଚ ପକ୍ଷରୁ ସୁଧାଂଶୁ ପାତ୍ର, ସନ୍ତୋଷ ମହାରଣା, ଆକାଶ ପଟ୍ଟନାୟକ, ମନୋଜ ପଣ୍ଡା, ଶଶାଙ୍କ ଶେଖର ଦାଶ, ଅଧିବକ୍ତା ଜଗନ୍ନାଥ ମହାନ୍ତି, ଶାନ୍ତିଲତା ସାହୁ, ଜଗନ୍ନାଥ ପ୍ରସାଦ ମହାନ୍ତି, ଅକ୍ଷୟ ଆଚାର୍ଯ୍ୟ, ବିଜୟ କୁମାର ପାତ୍ର, ରାକେଶ କୁମାର ବେହେରା, ଜ୍ଞାନରଞ୍ଜନ ବେହେରା, ରାକେଶ ପାତ୍ର, ସୌମିତ୍ରୀ ଦାଶ, ମାନସ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ଶିକ୍ଷାବିତ ତଥା ପୂର୍ବତନ ଅଧକ୍ଷ ନୃସିଂହ ଚରଣ ମଲ୍ଲିକଙ୍କ ଦେହାନ୍ତ

କଟକ(ଭାସ୍କର ନ୍ୟୁଜ୍): କଟକ ତେଲେଙ୍ଗା ବଜାର ୨୫ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀ ଅଧିକାରୀ ତଥା ପୂର୍ବତନ ଅଧକ୍ଷ ନୃସିଂହ ଚରଣ ମଲ୍ଲିକଙ୍କ

୮୩ବର୍ଷ ବୟସରେ ତାଙ୍କ ଉପର ତେଲେଙ୍ଗା ବଜାର ବାସ ଭବନ ଠାରେ ଚଳିତ ଜୁନ ୨୬ତା ସଂଧ୍ୟା ୭.୪୦ ମିନିଟରେ ଦେହାନ୍ତ ହୋଇଯାଇଛି । ସେ କିଛି ମାସ ହେବ ଘରେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ, ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପୁତ୍ର, ପୁତ୍ରବଧୂ, ପୁତୁରା, ପୁତୁରୀ ବୋହୂ, ଝିଅ, ଜୋଇଁ, ଭଣଜା, ଭାଣିଜୀ, ନାତି, ନାତୁଣୀ ଓ ଆତ୍ମୀୟ ସୋଜନ ଉପସ୍ଥିତ ଥିଲେ । ତାଙ୍କ ବିୟୋଗରେ ୨୫ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀ ସର୍ବଅଧିକାରୀ, ଉତ୍କଳ ବଙ୍ଗୀୟ ତାମ୍ବୁଲି ସମାଜର ସଭାପତି,ସମ୍ପାଦକ ଉତ୍କଳ ସାହିତ୍ୟ ସମାଜର ସଭାପତି, ସମ୍ପାଦକ, ଉପର ତେଲେଙ୍ଗା ବଜାର ପୂଜା କମିଟି ସମ୍ପାଦକ ଓ ସମସ୍ତ ସଭ୍ୟ, ତେଲେଙ୍ଗା ବଜାର ରଘୁନାଥଜୀ ମନ୍ଦିର ପରିଚାଳନା କମିଟିର ସଭାପତି, ସମ୍ପାଦକ ସମସ୍ତ ସଦସ୍ୟ, କୀର୍ତ୍ତନ ମଣ୍ଡଳୀ ମହନ୍ତ ଓ ସମସ୍ତ ସଭ୍ୟ ଏବଂ ଅଞ୍ଚଳର ବହୁ ବୁଦ୍ଧିଜୀବି ଶୋକପ୍ରକାଶ କରିଛନ୍ତି । କଟକ ଖାନନଗର ସ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିଲା । ତାଙ୍କର ବଡ଼ପୁଅ ଲକ୍ଷ୍ମୀ ନାରାୟଣ ମଲ୍ଲିକ ମୁଖାଗ୍ନି ଦେଇଥିଲେ ।

ଅଗ୍ନିପଥ ଯୋଜନା ପ୍ରତ୍ୟାହାର ଦାବିରେ ସତ୍ୟାଗ୍ରହ

କଟକ(ଭାସ୍କର ନ୍ୟୁଜ୍): କେନ୍ଦ୍ରର ମୋଦି ସରକାରଙ୍କ ତ୍ରୁଟିପୂର୍ଣ୍ଣ ଅଗ୍ନିପଥ ଯୋଜନା ପ୍ରତ୍ୟାହାର ଦାବି କରି ସୋମବାର କଟକ ନଗର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ପୁରୀଘାଟ ସ୍ଥିତ ଗାନ୍ଧୀ ସ୍ମୃତିପୀଠ ଠାରେ ସତ୍ୟାଗ୍ରହ ଓ ପ୍ରତିବାଦ ସଭା ଅନିଷ୍ଠିତ ହୋଇଥିଲା । କମିଟିର ସଭାପତି ଗିରିବାଳା ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାରବାଟୀ–କଟକ ବିଧାୟକ ଇଂ.ମହମ୍ମଦ ମୋକିମ ଯୋଗଦେଇ ଶିକ୍ଷିତ ବେକାର ଯୁବକଙ୍କୁ ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦେଇ ନରେନ୍ଦ୍ର ମୋଦି ଶାସନ କ୍ଷମତାକୁ ଆସିଥିଲା ବେଳେ ସେହି ପ୍ରତିଶ୍ରୁତି ପୂରଣ ନକରି ଏବେ ଯୁବକଙ୍କୁ ମାତ୍ର ୪ ବର୍ଷ ପାଇଁ ପ୍ରତିରକ୍ଷା ବିଭାଗରେ ଅଗ୍ନିବୀର ପଦବୀରେ ନିଯୁକ୍ତି ଦେବାକୁ ତ୍ରୁଟିପୂର୍ଣ୍ଣ ଓ ହାସ୍ୟାସ୍ପଦ ନିଷ୍ପତ୍ତି ନେବା ଦୁର୍ଭାଗ୍ୟଜନକ । ଶିକ୍ଷିତ ବେକାର ଯୁବକଙ୍କ ଭବିଷ୍ୟତ ସହିତ ମୋଦିଙ୍କର ଏହି ସ୍କିମ ମହା ବିଶ୍ୱାସଘାତକତା ଛଡା ଆଉ କିଛି ନୁହେଁ ବୋଲି ବିଧାୟକ ମୋକିମ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଅଶୋକ ସାମଲ, ବିଶ୍ୱଜିତ ଦାସ, ନିକୁଞ୍ଜ ପଶାୟତ, ଶୈଳବାଳା ଜେନା, ଶୟଦ ଅଫତାବ ଅଲ୍ଲୀ ପ୍ରମୁଖ କଂଗ୍ରେସ ନେତୃବୃନ୍ଦ ସତ୍ୟାଗ୍ରହ ଓ ପ୍ରତିବାଦ ସଭାରେ ଉପସ୍ଥିତ ରହିଥିଲେ ।

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନରେନ୍ଦ୍ର ମୋଦି ସରକାରର ସେନାବାହିନୀରେ ଅଗ୍ନିବୀର ନିଯୁକ୍ତି

କନ୍ଧମାଳ, (ଭାସ୍କର ନ୍ୟୁଜ୍): ପୋଲିସ ପ୍ରଶାସନ ଓ ଜିଲ୍ଲା ପ୍ରଶାସନର ଆଇନଗତ କାର୍ଯ୍ୟାନୁଷ୍ଠାନ ଦୃଢ଼ ନ ହେବା ଓ ଗୋଟିଏ ସ୍ଥାନରେ ପୋଲିସ ଅଧିକାରୀ ଓ କର୍ମଚାରୀ ରହିବା ଫଳରେ କନ୍ଧମାଳ ଜିଲ୍ଲାରେ ଦିନକୁ ଦିନ ଗଞ୍ଜେଇ କାରବାର ବୃଦ୍ଧି ସହିତ ଏବେ ବ୍ରାଉନ୍‌ସୁଗରର ବେପାର ଆରମ୍ଭ ହୋଇଯାଇଛି। ଏହାକୁ ଦୃଷ୍ଟିରେ ରଖି ସୋମବାର ଦିନ ପୋଲିସ ବିଶେଷ ସୂତ୍ରରୁ ଖବର ପାଇଁ ଅଚାନକ ଚଢ଼ାଉ କରି ବ୍ରାଉନ୍‌ସୁଗର ଅଭିଯୁକ୍ତକୁ କାବୁ କରିବାରେ ସଫଳ ହୋଇଛି। ଏହି ଅଭିଯୁକ୍ତ ହେଉଛନ୍ତି ସପନ ମହାପାତ୍ର, ପିତାଙ୍କ ନାମ ଭଗବାନ ମହାପାତ୍ର, ଘର ପିଅନପଡ଼ା, ଫୁଲବାଣୀ ବୋଲି ଜଣାପଡିଛି। ଏହି ବ୍ୟକ୍ତିଙ୍କ ଠାରୁ ୩.୫୯୦ ଗ୍ରାମ ଜବତ କରିବା ସହିତ ପୋଲିସ ଏକ ମାମଲା ରୁଜୁ କରି ଯାହାର ପୋଲିସ କେସ ନମ୍ବର ୧୦୩ ତାରିଖ ୨୭.୬.୨୨ରେ ୨୧(ବ) ଆକ୍ଟ ଲଗାଇ ଫୁଲବାଣୀ କୋର୍ଟକୁ ପଠାଇ ଦିଆଯାଇଛି। କୋର୍ଟରେ ବେଲ୍ ନାମାଞ୍ଜୁର ହେବା ପରେ ଫୁଲବାଣୀ ଜେଲକୁ ପଠାଇ ଦିଆଯାଇଛି। ଏହି ବ୍ରାଉନ୍‌ସୁଗର ଖୋର୍ଦ୍ଧାରୁ ଆସିଥିବାର ସୂଚନା ଦେଇଛନ୍ତି ଫୁଲବାଣୀ ଏସ୍‌ଡିପିଓ ମହେନ୍ଦ୍ର ନାଥ ମୁର୍ମୁ। ଏବେ ଗଞ୍ଜେଇ ମାଫିଆମାନେ ବ୍ରାଉନ୍‌ସୁଗର ଓ ଚରସ ଆଡକୁ ମୁହଁ ମାରିଲେଣି। ପୋଲିସ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ତତ୍ପର ନ ରୁହେ ତେବେ ଯୁବପିଢିଙ୍କ ଭବିଷ୍ୟତ ଅନ୍ଧାର ହୋଇଯିବ ବୋଲି ଚର୍ଚ୍ଚା ହେଉଛି।

ବିଜୁ ଜନତା ଦଳର ଜୋନସ୍ତରୀୟ ସମୀକ୍ଷା କଲେ ପ୍ରଣବ ଦାଶ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଆଜି ମାଲକାନଗିରି ଜିଲ୍ଲା ସଦର ମହକୁମା କଲ୍ୟାଣ ମଣ୍ଡପ ଠାରେ ବିଜୁ ଜନତା ଦଳ ପକ୍ଷରୁ ଏକ ଦଳୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଅଧକ୍ଷତା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ପର୍ଯ୍ୟବେକ୍ଷକ ଚନ୍ଦ୍ର ସାରଥି ବେହେରା, ପ୍ରକାଶ କୁମାର ମହାନ୍ତି, ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ପୂର୍ବତନ ବିହନ ନିଗମ ଅଧକ୍ଷ ଇଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣଚନ୍ଦ୍ର ବାକା, ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି, ପୂର୍ବତନ ବିଧାୟକ ମାନସ ମାଡକାମୀ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଶାସନ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ମଳ ଭାବମୂର୍ତ୍ତି ଯୋଗୁଁ ଦଳ ଆଜି ସାରା ଦେଶରେ ସବୁଠାରୁ ସଶକ୍ତ ଦଳ ରୂପେ ପରିଚୟ ପାଇଥିବା ବେଳେ ଦଳ ସଦା ସର୍ବଦା ଲୋକଙ୍କ ପାଇଁ କାର୍ଯ କରି ଆସୁଥିବା ସହ ଓଡ଼ିଶାର ସାଢେ ଚାରିକୋଟି ଜନତାଙ୍କ ସ୍ୱାର୍ଥ ପାଇଁ ଦଳ ଲଢେଇ କରୁଛି। ତେଣୁ ରାଜ୍ୟର ବିକାଶ ସହ ଲୋକଙ୍କ ହିତ ପାଇଁ କାର୍ଯ କରିବାକୁ ବୈଠକରେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଶ୍ରୀ ଦାଶ କର୍ମୀ ଓ ନେତାମାନଙ୍କୁ ଗୁରୁ ମନ୍ତ୍ର ପ୍ରଦାନ କରିଥିଲେ। ଏତଦ ବ୍ୟତୀତ ଦଳୀୟ କର୍ମୀମାନେ କେବଳ ଏବଂ କେବଳ ଲୋକଙ୍କ ପାଇଁ କାର୍ଯ୍ୟ କରିବା ସହ ଦଳର ହାତ ମୁଠାକୁ ଟାଣ କରିବା ଦିଗରେ ଗୁରୁତ୍ୱ ଦେବାକୁ ଶ୍ରୀ ଦାଶ ଉପଦେଶ ଦେଇଥିଲେ। ବିଗତ ପଞ୍ଚାୟତ ଓ ପୌର ନିର୍ବାଚନର ଫଳାଫଳକୁ ନେଇ ମଧ୍ୟ ଶ୍ରୀ ଦାସ ସମୀକ୍ଷା କରିବା ସହ ପ୍ରତି ଜୋନର କର୍ମକର୍ତ୍ତାଙ୍କ ସହ ସିଧା ସଳଖ ଆଲୋଚନା କରିଥିଲେ। ତେବେ ଆଜିର ଏହି କାର୍ଯକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜୁ ଜନତା ଦଳର କାର୍ଯକାରୀ ସଭାପତି ଦୂର୍ଗା ପ୍ରସାଦ ତ୍ରିପାଠୀ, ବରିଷ୍ଠ ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ଜିଲ୍ଲା ସମ୍ପାଦକ ପ୍ରଭାକର ପ୍ରଧାନ, ଗୋପାଳ କୃଷ୍ଣ ପଣ୍ଡା, ଜିଲ୍ଲା ସାଙ୍ଗଠନିକ ସମ୍ପାଦକ ନୃସିଂହ ଚରଣ ମହାନ୍ତି, ଜିଲ୍ଲା ବିଜୁ ଯୁବ ଜନତା ଦଳର ସଭାପତି ଆଡମା ରାବା, ଜିଲ୍ଲା ଛାତ୍ର ଜନତା ଦଳର ସଭାପତି ତାପସ ରଞ୍ଜନ ନାଏକଙ୍କ ସମେତ ଅନେକ ଦଳୀୟ କର୍ମୀ ଓ ନେତାମାନେ ଉପସ୍ଥିତ ଥିଲେ।

ଫରେଷ୍ଟ ରେଞ୍ଜରେ ସିଜନେବୁଲ୍ ଫାୟର ସ୍କ୍ୱାଡ ନିଯୁକ୍ତିରେ ଦୁର୍ନୀତି

୧୦ଜଣଙ୍କ ନିଯୁକ୍ତି ଦେଖାଇ ୩ ଫରେଷ୍ଟ ସ୍କ୍ୱାର୍ଡଙ୍କ ଟଙ୍କା ଆତ୍ମସାତ

କଣ୍ଟାବାଞ୍ଜି, (ଭାସ୍କର ନ୍ୟୁଜ୍): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଫରେଷ୍ଟ ରେଞ୍ଜ ଅଧୀନରେ ସିଜେନେବୁଲ ଫାୟାର ସ୍କ୍ୱାର୍ଡ ନିଯୁକ୍ତିରେ ଦୁର୍ନୀତି ହେବା ସହ ଆବଶ୍ୟକ ସଂଖ୍ୟକ ସ୍କ୍ୱାର୍ଡ ନିଯୁକ୍ତି ପରିବର୍ତ୍ତେ କମ ସଂଖ୍ୟକ ନିଯୁକ୍ତି କରି ଟଙ୍କା ଆତ୍ମସାତ୍ ହୋଇଥିବା ଅଭିଯୋଗ ହୋଇଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁସାରେ ବଲାଙ୍ଗିର ଫରେଷ୍ଟ ଡିଭିଜନ ଅଧିନସ୍ତ ପ୍ରତ୍ୟେକ ରେଞ୍ଜ ଅଫିସରେ ପ୍ରତ୍ୟେକ ବର୍ଷ ଗ୍ରୀଷ୍ମ ଋତୁ ଆରମ୍ଭରୁ ଜଙ୍ଗଲରେ ନିଆଁ ଲାଗିବା ଦାଉରୁ ନିଆଁ ଲିଭାଇବା ପାଇଁ ୪ ମାସିଆ ଫାୟର ସ୍କ୍ୱାର୍ଡ ନିଯୁକ୍ତି କରାଯାଇଥାଏ। ଏହା ପ୍ରତ୍ୟେକ ବର୍ଷ ଫେବୃୟାରୀ ମାସ ୧୫ ତାରିଖରୁ ଜୁନ ମାସ ୧୫ ତାରିଖ ଯାଏ ନିଯୁକ୍ତି ଦିଆଯାଇଥାଏ। ମିଳିଥିବା ସୂଚନା ଅନୁସାରେ କଣ୍ଟାବାଞ୍ଜି ରେଞ୍ଜରେ ଏହାର ବ୍ୟତିକ୍ରମ ହୋଇ ଗତ ଫେବୃୟାରୀ ମାସରେ ନିଯୁକ୍ତି ଦେବା ବଦଳରେ ସ୍ଥାନୀୟ ରେଞ୍ଜ ଅଫିସର ମାର୍ଚ୍ଚ ମାସରେ ଉକ୍ତ ୧୦ ଜଣଙ୍କୁ ନିଯୁକ୍ତି ଦେଇ ଗୋଟିଏ ମାସର ସମସ୍ତଙ୍କ ଦରମା ବାବଦକୁ ମାସିକ ୯ ହଜାର ଟଙ୍କା ହିସାବରେ ଗୋଟିଏ ମାସରେ ନବେ ହଜାର ଟଙ୍କା ଆତ୍ମସାତ୍ କରିଥିବା ବେଳେ ୧୦ ଜଣଙ୍କ ବଦଳରେ ମାତ୍ର ୭ ଜଣଙ୍କୁ ନିଯୁକ୍ତି ଦେଇ ଅନ୍ୟ ୩ଜଣଙ୍କ ଦରମା ମଧ୍ୟ କାଗଜ କଲମରେ ହଡପ୍ କରିଥିବା ଜଣେ ଅଣ ନିଯୁକ୍ତି ପାଇଥିବା ଫାୟର ସ୍କ୍ୱାର୍ଡଙ୍କ ମତାମତରୁ ଜଣାପଡିଛି। ସେହିପରି ନର୍ସରି ଗୁଡିକରେ ଚାରା ତିଆରି କରିବା ଗାର୍ଡ ନିଯୁକ୍ତିରେ ମଧ୍ୟ ଆବଶ୍ୟକ ସଂଖ୍ୟକ ଗାର୍ଡ ନିଯୁକ୍ତି ଦେଖାଇ କାଗଜ କଲମରେ ଟଙ୍କା ହଡପ କରୁଥିବା ସଂପୃକ୍ତ ରେଞ୍ଜ ଅଧିକାରୀଙ୍କ କେଲେଙ୍କାରିରେ ଅଭିଯୋଗ ଉଠିଛି। ଏହି ଅଭିଯୋଗ ଉପରେ ସଂପୃକ୍ତ ରେଞ୍ଜ ଅଧିକାରୀ ଶ୍ରଦ୍ଧାଦେବ ବଡମାଲିଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନ ଥିବା ବେଳେ ବଲାଙ୍ଗିର ଡିଭିଜନ ଏସିଏଫ୍ ବାବାଜି ଚରଣ ରାଉଲଙ୍କୁ ପଚାରିବାରୁ କହନ୍ତି ଏହାର ଅନୁସନ୍ଧାନ କରି ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ।

ଜିଲ୍ଲାର ଦୁଇ ଲ୍ୟାମ୍ପସ ପାଇଁ ସମବାୟ ସମିତି ନିର୍ବାଚନ

୬୫.୦୮ ପ୍ରତିଶତ ମତଦାନ

ମାଲକାନଗି, (ଭାସ୍କର ନ୍ୟୁଜ୍): ମାଥିଲି ଓ ମାଲକାନଗିରି ଦୁଇଟି ସମବାୟ ସମିତି (ଲ୍ୟାମ୍ପ୍ସ) ପାଇଁ ୱାର୍ଡସଭ୍ୟ ନିର୍ବାଚନ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ମାଥିଲିର ୧୨ଟି ଓ ମାଲକାନଗିରିର ୧୫ଟିରୁ ୧୨ଟି ଜୋନ୍ ପାଇଁ ରେଜିଷ୍ଟି ଭୁକ୍ତ ଚାଷୀମାନେ ଭୋଟ ଦେଇଛନ୍ତି। ଦୁଇଟିଯାକ ଲ୍ୟାମ୍ପ୍ସରେ ମତଦାନ ହାର ୬୫.୦୮ ପ୍ରତିଶତ ହୋଇଛି। ସେହିପରି କାଲିମେଳା, ଶିଖପାଲ୍ଲୀ କୁଡୁମୁଲୁଗୁମ୍ପା ଓ ପଡିଆ ଲ୍ୟାମ୍ପର ସଭାପତିଙ୍କ ନାମ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ମାଥିଲି ଓ ମାଲକାନଗିରି ସଭ୍ୟ ନିର୍ବାଚନରେ ଭୋଟ ଦେବାକୁ ମୋଟ ୯୭୧ଜଣ ଚାଷୀଙ୍କ ନାମ ପଞ୍ଜିକୃତ ହୋଇଥିଲା। ଏମାନଙ୍କ ମଧ୍ୟରୁ ୬୩୨ଜଣ ଭୋଟ ଦେଇଛନ୍ତି। ମାଥିଲି ଲ୍ୟାମ୍ପସର ୧୨ଟି ଜୋନ୍ ପାଇଁ ୨ଟି ବୁଥ୍ କରାଯାଇଥିଲା। ଏହି ଦୁଇଟି ବୁଥରେ ୬୮.୨୦ ପ୍ରତିଶତ ମତଦାନ ହୋଇଥିବା ଜଣାପଡିଛି। ମାଲକାନଗିରିର ୩ଟି ଜୋନ୍ ପାଇଁ ନିର୍ବାଚନ ପୂର୍ବରୁ ଶେଷ ହୋଇଥିବାରୁ ୧୨ଟି ଜୋନ୍ ପାଇଁ ଭୋଟ୍ କରାଯାଇଥିଲା। ପୂର୍ବରୁ ୩ଟି ଜୋନ୍‌ର ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଅନ୍ୟ ୧୨ଟି ପାଇଁ ୨ଟି ବୁଥ୍ ହୋଇଥିଲା। ଦୁଇ ବୁଥ୍‌ରେ ମତଦାନ ୬୪.୫୮ ପ୍ରତିଶତ ହୋଇଥିଲା। ପୂର୍ବରୁ କାଲିମେଳା, ଶିଖପାଲ୍ଲୀ କୁଡୁମୁଲୁଗୁମ୍ପା ଓ ପଡିଆ ଲ୍ୟାମ୍ପର ସଭାପତି ପଦପାଇଁ ନିର୍ବାଚନ ହୋଇଥିବାବେଳେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। କୁଡୁମୁଲୁଗୁମ୍ପା ପାଇଁ ଗୋପୀ ପାଙ୍ଗି, ପଡିଆ ପାଇଁ ମାଡକାମୀ ପଦିଆ, ଶିଖପାଲ୍ଲୀ ପାଇଁ ଅରକ୍ଷିତ ନାୟକ ଓ କାଲିମେଳା ଲ୍ୟାମ୍ପ ପାଇଁ ବୁଦ୍ରା କବାସୀ ଙ୍କ ନାମ ଘୋଷଣା ହୋଇଛି।

ଅସହାୟଙ୍କୁ ସହାୟତା କେବେ ?

୪ ଶିଶୁଙ୍କ ଭବିଷ୍ୟତ ପାଇଁ ସରକାରୀ ସୁବିଧା ଅପେକ୍ଷାରେ ରାମେ

ବାଲିମେଳା, (ଭାସ୍କର ନ୍ୟୁଜ୍): ଶିଶୁମାନଙ୍କ ଭବିଷ୍ୟତ ପାଇଁ ରାଜ୍ୟ ମୁଖ୍ୟ ଅନେକ ବ୍ୟବସ୍ଥା କରିବା ସହ ଗାଁ ଗହଳିରେ ରହୁଥିବା ଅସହାୟ ପରିବାରକୁ ଯେପରି ସମସ୍ତ ସୁବିଧା ଦିଆଯାଇ ପାରିବ ସେଥିପାଇଁ ମଧ୍ୟ ଯୋଜନା ଉପରେ ଯୋଜନା ପ୍ରସ୍ତୁତ କରିଛନ୍ତି। କିନ୍ତୁ ମାଲକାନଗିରି ଜିଲ୍ଲା ଶିଖପାଲି ପଞ୍ଚାୟତର ଆଦର୍ଶ ଗ୍ରାମ କୋଡେଲମେଟଲରେ ସରକାରୀ ସୁବିଧାରୁ ବଞ୍ଚିତ ରାମେ ପଡିଆମୀଙ୍କ ପରିବାର। ବାପା-ମା' ଥିଲେ ପିଲାମାନଙ୍କ ସାହସ, ଧୌର୍ଯ୍ୟ ଓ ଭରସା। ବାପା-ମା' ପିଲାମାନଙ୍କୁ ସବୁ ଅନ୍ଧାର ରାସ୍ତାରୁ ଉଜ୍ଜ୍ୱଳ ମୟ ଭବିଷ୍ୟତ ଆଡକୁ ନେଇଥାନ୍ତି। ପିଲାମାନଙ୍କ ସବୁ ସ୍ୱପ୍ନ ପୂରଣ କରିଥାନ୍ତି। କିନ୍ତୁ କୋଡେଲମେଟଲା ଗାଁ'ରେ ଦେଖିବାକୁ ମିଳିଛି କିଛି ଅଲଗା ଦୃଶ୍ୟ। ଗାଁ'ର ରାମେ ପଡିଆମୀଙ୍କ ସ୍ୱାମୀ ଦୁଲା ୨ବର୍ଷ ପୂର୍ବେ ଟିବି ରୋଗରେ ପୀଡିତ ହୋଇ ମୃତ୍ୟୁ ବରଣ କରିଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ପରିବାରକୁ ରାମେ ଏକୁଟିଆ ଚଳେଇବା କଷ୍ଟ ହୋଇଥିଲା। ତେଣୁ ରାମେଙ୍କ ବଡ ପୁଅ, ଯାହାର ବୟସ ୧୪ ବର୍ଷସେ ପାଠ ପଢା ଛାଡି ମା'ଙ୍କୁ ସାହାଯ୍ୟ କରିବାକୁ ବାହାରିଲା। ବହି ଧରିବା ହାତରେ ଧରିଲା ଲଙ୍ଗଳ ଓ କୁରାଢ଼ୀ। ମା' ରାମେଙ୍କ ସହ ବାହାରି ପଡ଼ିଲା ଜମିକୁ। ମା'ର କଷ୍ଟକୁ କିଛିଟା ହାଲୁକା କରିବା ସହ ନିଜ ୩ ଭାଇର ଭବିଷ୍ୟତ ଗଢିବା ପାଇଁ ସେ ନିଜ ମା' ସହ ଜମିରେ ହଳ କରିବା ସହ ଜଙ୍ଗଲକୁ ଯାଇ କାଠ ମଧ୍ୟ ଆଣିଲା। ତେବେ ଆଦିବାସୀଙ୍କ ବିକାଶର ଡିଣ୍ଡିମ ପିଟୁଥିବା ସରକାର ଯୋଜନା ଏହି ପରିବାରରେ ଫେଲ ମାରିଥିଲା। କେବଳ ମାସକୁ ଥରେ ଚାଉଳ ବ୍ୟତୀତ ଅନ୍ୟ କୌଣସି ସୁବିଧା ପାଉ ନାହାଁନ୍ତି ଏହି ପରିବାର। ଅସହାୟ ପରିବାରକୁ ଆବାସ ଘର ଦେବା ପାଇଁ ଆବାସ ଯୋଜନା ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଘର ଟିଏ ପାଇ ପାରୁ ନାହାନ୍ତି ରାମେଙ୍କ ପରିବାର। ଯାହା ଫଳରେ ମାଟି ଘର କରି ଓ ତାଳ ପତ୍ରରେ ଛାତ ତିଆରି କରି ରହୁଛନ୍ତି ରାମେଙ୍କ ପରିବାର। ଯଦି ଅଧିକ ବର୍ଷା କିମ୍ବା ପବନ ଆସେ ତେବେ ଘରେ ଥିବା ଲୋକଙ୍କୁ ଭଗବାନଙ୍କ ହିଁ ଭରସା। ଏଥିସହ ଘରେ ୪ ଜଣ ଶିଶୁ ଥିବାରୁ ସେମାନଙ୍କ ପାଠ ପଢାରେ ମଧ୍ୟ ବାଧା ସୃଷ୍ଟି ହେଉଛି। ଯଦି କିଛି ସରକାରୀ ସୁବିଧା ମିଳିଲେ ସେମାନେ ପାଠ ପଢି ସମାଜରେ ଡାଳ ଦେଇ ଚାଲି ପାରିବେ। ତେବେ ଆମେ ଏହି ପରିବାର ସମସ୍ୟାକୁ ନେଇ ମାଲକାନଗିରି ବିଡ଼ିଓଙ୍କୁ ପଚାରିବାରୁ ସେହି ପରିବାରରେ ଥିବା ସମସ୍ୟାକୁ ସମାଧାନ କରିବେ ବୋଲି କହିଛନ୍ତି।

ବ୍ରାଉନ୍‌ସୁଗର କାରବାରରେ ଜଣେ ଗିରଫ

କନ୍ଧମାଳ, (ଭାସ୍କର ନ୍ୟୁଜ୍): ପୋଲିସ ପ୍ରଶାସନ ଓ ଜିଲ୍ଲା ପ୍ରଶାସନର ଆଇନଗତ କାର୍ଯ୍ୟାନୁଷ୍ଠାନ ଦୃଢ଼ ନ ହେବା ଓ ଗୋଟିଏ ସ୍ଥାନରେ ପୋଲିସ ଅଧିକାରୀ ଓ କର୍ମଚାରୀ ରହିବା ଫଳରେ କନ୍ଧମାଳ ଜିଲ୍ଲାରେ ଦିନକୁ ଦିନ ଗଞ୍ଜେଇ କାରବାର ବୃଦ୍ଧି ସହିତ ଏବେ ବ୍ରାଉନ୍‌ସୁଗରର ବେପାର ଆରମ୍ଭ ହୋଇଯାଇଛି। ଏହାକୁ ଦୃଷ୍ଟିରେ ରଖି ସୋମବାର ଦିନ ପୋଲିସ ବିଶେଷ ସୂତ୍ରରୁ ଖବର ପାଇଁ ଅଚାନକ ଚଢ଼ାଉ କରି ବ୍ରାଉନ୍‌ସୁଗର ଅଭିଯୁକ୍ତକୁ କାବୁ କରିବାରେ ସଫଳ ହୋଇଛି। ଏହି ଅଭିଯୁକ୍ତ ହେଉଛନ୍ତି ସପନ ମହାପାତ୍ର, ପିତାଙ୍କ ନାମ ଭଗବାନ ମହାପାତ୍ର, ଘର ପିଅନପଡ଼ା, ଫୁଲବାଣୀ ବୋଲି ଜଣାପଡିଛି। ଏହି ବ୍ୟକ୍ତିଙ୍କ ଠାରୁ ୩.୫୯୦ ଗ୍ରାମ ଜବତ କରିବା ସହିତ ପୋଲିସ ଏକ ମାମଲା ରୁଜୁ କରି ଯାହାର ପୋଲିସ କେସ ନମ୍ବର ୧୦୩ ତାରିଖ ୨୭.୬.୨୨ରେ ୨୧(ବ) ଆକ୍ଟ ଲଗାଇ ଫୁଲବାଣୀ କୋର୍ଟକୁ ପଠାଇ ଦିଆଯାଇଛି। କୋର୍ଟରେ ବେଲ୍ ନାମାଞ୍ଜୁର ହେବା ପରେ ଫୁଲବାଣୀ ଜେଲକୁ ପଠାଇ ଦିଆଯାଇଛି। ଏହି ବ୍ରାଉନ୍‌ସୁଗର ଖୋର୍ଦ୍ଧାରୁ ଆସିଥିବାର ସୂଚନା ଦେଇଛନ୍ତି ଫୁଲବାଣୀ ଏସ୍‌ଡିପିଓ ମହେନ୍ଦ୍ର ନାଥ ମୁର୍ମୁ। ଏବେ ଗଞ୍ଜେଇ ମାଫିଆମାନେ ବ୍ରାଉନ୍‌ସୁଗର ଓ ଚରସ ଆଡକୁ ମୁହଁ ମାରିଲେଣି। ପୋଲିସ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ତତ୍ପର ନ ରୁହେ ତେବେ ଯୁବପିଢିଙ୍କ ଭବିଷ୍ୟତ ଅନ୍ଧାର ହୋଇଯିବ ବୋଲି ଚର୍ଚ୍ଚା ହେଉଛି।

ମନେରେଗା କାର୍ଯ୍ୟରେ ଶ୍ରମିକ ମାରଣ ନୀତି

ଲୋକ ବଦଳରେ ମେସିନ କରୁଛି କାମ

ବାଲିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସଦର ଗ୍ରାମ ପଞ୍ଚାୟତର ଏମ୍‌ଭି ୩୨ ନମ୍ବର ଗ୍ରାମର ଏକ ପୋଖୋରୀକୁ ପୁନଃଉଧାର କରିବା ପାଇଁ ଏବଂ ଏହି ୩୨ ନମ୍ବର ଗ୍ରାମର ତଳସାହି ଠାରୁ ବଡ଼ ପୋଖରୀକୁ ଯିବାପାଇଁ ଏକ ରାସ୍ତା କାମକୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ କାମ କରିବା ପାଇଁ କାମ ଯୋଗାଇ ଦିଆ ଯାଇଥିଲା। କିନ୍ତୁ ଦୁଃଖର ବିଷୟ ଉକ୍ତ କାମ ଦୁଇଟିକୁ ଶ୍ରମିକ କରିବା ବଦଳରେ ମେସିନରେ କାମ କରୁଥିବା ଦେଖିବାକୁ ମିଳିଥିଲା। ପୋଖରୀକୁ ଶ୍ରମିକ ବଦଳରେ ମେସିନ ଦ୍ୱାରା ଖୋଳୁଥିବା ବେଳେ ଉକ୍ତ ପୋଖରୀର ମାଟିକୁ ବାହାର କରି ଗାଡ଼ି ସାହାଯ୍ୟରେ ନେଇ ସେହି ଗ୍ରାମରେ ହେଉଥିବା ରାସ୍ତା କାମରେ ଲଗାଉଥିବା ଦେଖିବାକୁ ମିଳିଛି। ତେବେ ସରକାରଙ୍କ ନିର୍ଦ୍ଦେଶ ଆନୁସାରେ ଉକ୍ତ କାମକୁ ସ୍ଥାନୀୟ ଶ୍ରମିକମାନେ କରିବା କଥା। କିନ୍ତୁ ସେହି କାମକୁ ଶ୍ରମିକ ବଦଳରେ ମେସିନ କରୁଥିବା ଅଭିଯୋଗ ହୋଇଛି। ଏନେଇ ଆମେ କୋରୁକୋଣ୍ଡା ଗ୍ରାମପଞ୍ଚାୟତ ଅଧିକାରୀ ନାରାୟଣ ହଂସ ଦାଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିଥିଲୁ। ଶ୍ରୀ ହଂସଦା କହିଥିଲେ ଯେ ସେ ଏ ବିଷୟରେ ଅବଗତ ନାହାଁନ୍ତି। ବୁଝିସାରି ପ୍ରତିକ୍ରିୟା ରଖିବେ। ପରେ କନିଷ୍ଠ ଯନ୍ତି ଶୁଭେନ୍ଦୁ ମହାନ୍ତିଙ୍କୁ ଯୋଗାଯୋଗ କରିଥିଲୁ। କିନ୍ତୁ ନୂତନ ଭାବେ ଦାଇତ୍ୱ ନେଇଥିବାରୁ ଏ ନେଇ ସେ ଆବଗତ ନଥିବା କହିବା ସହ ଏହାର ତଦନ୍ତ କରି ଉଚିତ ପଦକ୍ଷେପ ନେବେ ଏବଂ ଯଦି ଉକ୍ତ କାର୍ଯ୍ୟର ବିଲ୍ ଯଦି ହୋଇଥାଏ ତେବେ ସେହି କାର୍ଯ୍ୟ କରୁଥିବା ଠିକାଦାରଙ୍କ ଠାରୁ ରିକଭରି କରାଇବାକୁ ଚେଷ୍ଟା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଗୋପାଳକୃଷ୍ଣଙ୍କ ୨୩୯ ତମ ଜୟନ୍ତୀ

ପାରଳଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ପାରଳଖେମୁଣ୍ଡିର ଗୌରବ ଓଡ଼ିଶାର ଗର୍ବ ରୀତି ଶ୍ରେଷ୍ଠ ବିଶିଷ୍ଟ ଗୌଡ଼ିୟ ପରମ୍ପରାର ବରିଷ୍ଠ କବି କଳହଂସ ଗୋପାଳକୃଷ୍ଣ ପଟ୍ଟନାୟକ ତାଙ୍କର କୃତି ଗୋପାଳକୃଷ୍ଣ ପଦାବଳୀ ପାଇଁ ଯୁଗେ ଯୁଗେ କାଳଜୟୀ ହୋଇ ରହିଥିବେ। ଗୋପାଳକୃଷ୍ଣ ଙ୍କ ୨୩୯ ତମ ଜୟନ୍ତୀ ପାଳନ ଉପଲକ୍ଷେ ସ୍ଥାନୀୟ ଉତ୍କଳ ହିତୈଷିଣୀ ସଭା ଗୃହରେ ସ୍ମୃତିଚାରଣ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ହରିମୋହନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାରସ୍ୱତ ଓ ସଂସ୍କୃତିକ ସମାବେଶରେ ଅନୁଷ୍ଠାନର ମୁଖ୍ୟ ତଥା ଉପଦେଷ୍ଟା ଡକ୍ଟର ଭୁବନେଶ୍ୱର ପଟନାୟକ ସ୍ୱାଗତ ସମ୍ଭାଷଣ ଦେଇଥିବାବେଳେ, ପ୍ରମୋଦ ଚନ୍ଦ୍ର ପାଢ଼ୀ ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଆକାଶବାଣୀ କଣ୍ଠଶିଳ୍ପୀ ବି. କମୋଳାଙ୍ଗୀ ଗୋପାଳକୃଷ୍ଣଙ୍କ ରଚିତ ସଂଗୀତକୁ ପ୍ରାରମ୍ଭିକ ସଙ୍ଗୀତ ଭାବେ ଗାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ଜିଲ୍ଲା ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା ବାର୍ଷିକ ବିବରଣୀ ପାଠକର୍ଥିଲେ। ଅମ୍ଳାନ ପ୍ରତିଭାଧର ଗୋପାଳକୃଷ୍ଣଙ୍କ ନାମରେ ଚଳି ଆସୁଥିବା କରଣ ସାହି ବଦଳରେ ଗୋପାଳକୃଷ୍ଣ ସାହି ଭାବରେ ଗ୍ରହଣ କରି ପୋଷ୍ଟଲ ଯୋଗାଯୋଗ ରକ୍ଷା କରିବାପାଇଁ ନିବେ

ରାଇଘର/ପାପଡାହାଣ୍ଡି,(ଭାସ୍କର ନ୍ୟୁଜ): ପାପଡାହାଣ୍ଡି ବ୍ଲକ ମୈଦଲପୁର ପଞ୍ଚାୟତର କଲେଜ ପଡିଆଠାରେ ଫାର୍ମସ ଟ୍ରିଟର ନାମକ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ଉମାଶଙ୍କର ସବୁଜ ଦୁନିଆ ଲିମିଟେଡ୍‌ର ମିଳିତ ଆନୁକୂଲ୍ୟରେ ଏକ ଗୁରୁତ୍ୱ ପୂର୍ଣ୍ଣ କୃଷକ ତାଲିମ୍ ଶିବିରର ଆୟୋଜନ କରାଯାଇଥିଲା । ଉକ୍ତ ଶିବିରରେ ସମୟପଯୋଗୀ କୃଷି ପ୍ରଣାଳୀ ତଥା ଜୈବ ଜୈବିକ କୃଷି ପ୍ରଣାଳୀ ସମ୍ବନ୍ଧରେ ତାଲିମ୍ ପ୍ରଦାନ କରାଯିବାର ବନ୍ଦୋବସ୍ତ କରାଯାଇଥିଲା । ଉକ୍ତ ଶିବିରକୁ ପଞ୍ଚାୟତର ୨୨ୱାର୍ଡର ୨୫୦ଜଣ ଶିକ୍ଷିତ ଚାଷୀଙ୍କୁ ରାସାୟନିକ ସାର ବଦଳରେ ଜୈବିକ ସାରର ଉପକାରିତା ବିଷୟରେ ବୁଝାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପ ସରପଞ୍ଚ ଚନ୍ଦ୍ରଧ୍ୱଜ ମାଝୀ, ଜିଲ୍ଲା ପରିଷଦ ସଭ୍ୟା ଡ଼. ଲିପିକା ମାଝୀ, କୁଞ୍ଜ ମଣି ହରିଜନ, ଚେତନ ମିର୍ଗାନ, କଲେଜ ଅଧକ୍ଷ୍ୟ ଗଣେଶ୍ୱର ସାହୁ, ବନମାଳୀ ପୂଜାରୀ, ବନିତା ପଟନାୟକ, ୨୧ୱାର୍ଡ ମେମ୍ବରଙ୍କ ସହ ସବୁଜ ଦୁନିଆର ମୁଖ୍ୟ କୃଷ୍ଣଚନ୍ଦ୍ର ନାୟକ, ହୀରାଧର ସାହୁ, ସୁମନ ରାଉତ, ସୁବ୍ରତ ତାଲୁକଦାର, ପ୍ରମୋଦ କୁମାର ଗିରି, ସଚିକାନ୍ତ ଭୋଇ, ସମ୍ମିତ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

ଫାର୍ମହାଉସରୁ ଲୁହାସାମଗ୍ରୀ ଚୋରି: ୩ ଗିରଫ

ଖଡ଼ିଆଳ,(ଭାସ୍କର ନ୍ୟୁଜ):ଖଡ଼ିଆଳ ଥାନା ଅନ୍ତର୍ଗତ କୁଟେନ ମୁଣ୍ଡା ଗ୍ରାମର ଆଇନଜୀବୀ ତୁଳସୀ ତାଣ୍ଡିଙ୍କ ଫାର୍ମ ହାଉସରୁ ଲୁହା ସାମଗ୍ରୀ ଚୋରି ହୋଇଥିଲା। ଏନେଇ ପଦ୍ମିନୀ ତାଣ୍ଡି ଖଡ଼ିଆଳ ଥାନାରେ ଏକ ଚୋରି ଅଭିଯୋଗ ଲିଖିତ ଭାବେ ଦେଇଥିଲେ ପୋଲିସ ତଦନ୍ତ କରି ତିନିଜଣ ଅଭିଯୁକ୍ତ ଲୁହା ସାମଗ୍ରୀ ବିକ୍ରି କରୁଥିବାବେଳେ ଗିରଫ କରିବା ସହ ଲୁହା ସାମଗ୍ରୀ ଜବତ କରିଥିବା ସୁଚନା ମିଳିଛି। ଏଠାରେ ପ୍ରକାଶ ଯୋଗ୍ୟ ଯେ, ଏହି ତିନି ଜଣ ଭୋଜପୁରର ଧରମ ସିଂ ପରକ୍ଷଭୋଇ(୨୨), ଅକ୍ଷୟ ସତନାମୀ(୨୫) ଓ ବୋଡ଼େନ ବିନ ପୁରର ତୁଳସୀ ମୁଣ୍ଡା ଲୁହାର(୨୩) ଶ୍ରମିକ ଭାବେ ତୁଳସୀ ତାଣ୍ଡିଙ୍କ ଫାର୍ମ ହାଉସରେ ଶ୍ରମିକ ଭାବେ କାମ କରୁଥିଲେ। ଗତ ୨୨ତାରିଖ ରାତିରେ ଏମାନେ ଫାର୍ମହାଉସରୁ ଲୁହା ସାମଗ୍ରୀ ଚୋରିକରି ନେଇଥିଲେ। ଏବଂ ୨୪ତାରିଖ ଦିନ ପଦ୍ମିନୀ ତାଣ୍ଡି ଚୋରି ଅଭିଯୋଗ ଖଡ଼ିଆଳ ପୋଲିସକୁ ଲିଖିତ ଦେଇଥିଲେ। ପୋଲିସ ଅଭିଯୋଗ ଅନୁସାରେ ତଦନ୍ତ ଆରମ୍ଭକରି ଗତକାଲି ଶନିବାର ଦିନ ଗିରଫକରି ତିନିଜଣ ଅଭିଯୁକ୍ତକୁ ରବିବାର ଦିନ କୋର୍ଟ ଚାଲାଣ କରିଥିବା ବେଳେ ଚୋରି ସାମଗ୍ରୀ କିଣିଥିବା ଅରୁଣ ମେହେର ଓ ମନୀଷ ସିଙ୍ଗଲଙ୍କ ନାଁ ରେ ୪୪୧/୩୪ଆଇପିସି ଧାରାରେ ଚାର୍ଜ ସିଟ ହୋଇଥିବା ଆଇଆଇସି ଅନିରୁଦ୍ଧ ମୁଦୁଲି ସୂଚନା ଦେଇଛନ୍ତି ।

୪୨ କିଲୋ ଗଞ୍ଜେଇ ଜବତ: ମାଫିଆ ଚମ୍ପଟ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ଏସ୍‌ପି ଜୟରାମ ଶତପଥୀଙ୍କ ନିର୍ଦ୍ଦେଶ କ୍ରମେ ଅଡବା ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ଏସଆଇ ଭାଗ୍ୟଲତା ଦାଶ ଓ ତାଙ୍କ ଟିମ୍ ପେଟ୍ରୋଲିଂ କରୁଥିବା ବେଳେ ହାଡୁପଦର ଛକ ନିକଟ ଏମଏଚ୍୦୬ଏଏଫ୍୧୦୩୮କୁ ଅଟକାଇଥିଲେ। ପୋଲିସ ଦେଚାଳକ ଓ ଅନ୍ୟ ସାଥୀ ଗାଡି ଛାଡି ଦୌଡି ଜଙ୍ଗଲକୁ ପଳାଇଥିଲେ। ଗାଡ଼ିଟିକୁ ଯାଞ୍ଚ କରିବା ବେଳେ ତା ମଧ୍ୟରୁ ଦୁଇଟି ଜରି ବସ୍ତାରେ ଗଞ୍ଜେଇ ଥିବା ପାଇଥିଲେ।ମୋହନା ଅତିରିକ୍ତ ତହସିଲଦାର ହିମାଂଶୁ ଭୂଷଣ ପଲାଇଙ୍କ ଉପସ୍ଥିତରେ ଓଜନ କରିବାରୁ ତାହା ୪୨ କିଲୋ ହୋଇଥିଲା। ଏ ନେଇ ଅଡବା ଥାନା କେସ ନଂ ୮୧/୨୨ରେ ଏକ ମାମଲା ରୁଜୁ ହୋଇଥିବା ଏସଆଇ ଲକ୍ଷ୍ମଣ ବେଶରା ସୂଚନା ଦେଇଛନ୍ତି।

ପାଟଦରା ସଂରକ୍ଷିତ ଜଙ୍ଗଲରେ ବଢୁଛି ମାଓବାଦୀଙ୍କ ଦବ୍‌ଦବା

ରାଜ୍ୟରେ ପ୍ରଥମ, ରକେଟ୍ ଲଞ୍ଚରରେ କରୁଛନ୍ତି ଆକ୍ରମଣ

ନୂଆପଡ଼ା, (ଭାସ୍କର ନ୍ୟୁଜ୍) : ନୂଆପଡ଼ା ଜିଲ୍ଲା ବୋଡ଼େନ ଥାନା ସୁନାବେଡ଼ା ଅଭୟାରଣ୍ୟ ପାଟଦରା ସଂରକ୍ଷିତ ଜଙ୍ଗଲରେ ମାଓବାଦୀଙ୍କ ଆକ୍ରମଣରେ ୩ ଯବାନ ସହିଦ ହେବା ଘଟଣା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରକୁ ଚିନ୍ତାରେ ପକାଇଦେଇଛି। ତେବେ, ଏହି ଆକ୍ରମଣ ଘଟଣାରେ ମାଓବାଦୀ ଦଶରୁ ରହିଥିବାବେଳେ ତା' ସହିତ ବହୁ ମାଓବାଦୀ ଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ତେବେ ସେ ନିଜେ ଏହି ଆକ୍ରମଣରେ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ଥିଲା କି ନାହିଁ, ସେଥିନେଇ ପୋଲିସ୍‌ବାହିନୀ ପାଖରେ କୌଣସି ଠୋସ୍ ପ୍ରମାଣ ନାହିଁ। କିନ୍ତୁ ଦଶରୁଙ୍କ ନେତୃତ୍ୱରେ ଯବାନଙ୍କ ଉପରକୁ ଆକ୍ରମଣର ଯୋଜନା କରାଯାଇଥିବା ପୋଲିସ୍ ପ୍ରଶାସନ ନିକଟରେ ପ୍ରମାଣ ଥିବା ଜଣାପଡ଼ିଛି। ପାଟଦରାଠାରେ ନୂଆ କ୍ୟାମ୍ପ ହେବା ଦିନଠାରୁ ଯବାନଙ୍କ ଗତିବିଧି ଉପରେ ଦଶରୁ ତୀକ୍ଷ୍ଣ ନଜର ରଖିଥିଲା। ଏଥିସହ ଯବାନଙ୍କ ଉପରେ ଆକ୍ରମଣ କରିବା ପାଇଁ ସୁଯୋଗ ଅପେକ୍ଷାରେ ରହିଥିଲା। କେବଳ ସେତିକି ନୁହେଁ, ଅନ୍ୟ ଜଣେ ଦୁର୍ଦ୍ଦାନ୍ତ ମାଓନେତା କାର୍ତ୍ତିକ ଓରଫ ରାମଚନ୍ଦ୍ର ଓ ଦଶରୁ ସମସ୍ତ ଯୋଜନାର ତଦାରଖ କରୁଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଅନୁସନ୍ଧାନରୁ ଜଣାପଡିଛି, ଦଶରୁ ନେତୃତ୍ୱରେ ଗତ ୨ ମାସ ହେବ ଏହି ଆକ୍ରମଣର ଯୋଜନା କରାଯାଉଥିଲା। ଦଶରୁ ବର୍ତ୍ତମାନ ଛତିଶଗଡ ଓ ନୂଆପଡ଼ା ଡ଼ିଭିଜନର ନେତୃତ୍ୱ ନେଉଥିବା ଜଣାପଡିଛି। ଦଶରୁ ନେତୃତ୍ୱରେ ୨୦ରୁ ୩୦ ମାଓବାଦୀ ଏହି ଆକ୍ରମଣରେ ସାମିଲ ଥିଲେ।

ସୂଚନାଯୋଗ୍ୟ, ଭଇଁଷାଦାନୀ ଓ ପାଟଦରା ସିଆରପିଏଫ କ୍ୟାମ୍ପର ମଝିରେ କଂକ୍ରିଟ ରୋଡ଼ କାମ ଚାଲିଥିଲା। ଏହି ସମୟରେ ସିଆରପିଏଫ ଯବାନମାନେ ରାସ୍ତା ଓପନିଂ ପାର୍ଟି ଭାବେ (ଆରଓପି, ରୋଡ଼ କ୍ଲିୟରାନ୍ସ) କାର୍ଯ୍ୟ କରୁଥିଲେ। ଏହି ସମୟରେ ବର୍ଷା ହେବା ଫଳରେ ୩ ଜଣ ଯବାନ ଏକ ଗଛ ତଳେ ରହିବା ପାଇଁ ତାରପୋଲିନ୍ ବ୍ୟବସ୍ଥା କରୁଥିବା ସମୟରେ ୨୦ରୁ ୩୦ ମାଓବାଦୀ ହଠାତ୍ ଗୁଳି ଚାଳନା କରିବା ସହ ରକେଟ୍ ଲଞ୍ଚରରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ହିଁ ଯବାନମାନଙ୍କ ମୃତ୍ୟୁ ଘଟିଥିଲା। ମାଓବାଦୀମାନେ ମୃତ ଯବାନଙ୍କ ପାଖକୁଯାଇ ଏକେଏମ୍ -୭୯, ଏକେ-୪୭ ସହ ଆଧୁନିକ ଅସ୍ତ୍ର ୟୁବିଜିଏଲକୁ ନେଇ ଯାଇଥିଲେ। ପରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ କିଛି ସମୟ ପାଇଁ ଗୁଳି ବିନିମୟ ହୋଇଥିବା ବେଳେ ୩ରୁ ୪ଟି ରକେଟ ଲଞ୍ଚର ମାଡ଼ କରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଜିଲ୍ଲାରେ ପ୍ରଥମ କରି ମାଓବାଦୀମାନେ ରକେଟ ଲଞ୍ଚର ମାଧ୍ୟମରେ ଆକ୍ରମଣ କରିଥିବାରୁ ରାଜ୍ୟ ପୋଲିସ୍ ବାହିନୀ ପାଇଁ ଚିନ୍ତାର କାରଣ ପାଲଟିଛି। ଏହି ଘଟଣା ପରେ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ ଓ ସିଆରପିଏଫ ଅତିରିକ୍ତ ଡିଜି ନିତିନ ଅଗ୍ରୱାଲ ଭଇଁଷାଦାନୀ ଓ ପାଟଦରା କ୍ୟାମ୍ପ ଏବଂ ଘଟଣାସ୍ଥଳ ପରିଦର୍ଶନ କରିଥିଲେ।

ମାଷ୍ଟରମାଇଣ୍ଡ ଦଶରୁ ନେତୃତ୍ୱରେ ହୋଇଥିଲା ଯୋଜନା

ପ୍ରକାଶଥାଉ କି, ଗତ ମଇ ମାସରେ ବିଭିନ୍ନ ଗଣମାଧ୍ୟମରେ ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଅଭୟାରଣ୍ୟରେ ଏକଜୁଟ ହେଉଛନ୍ତି ଛତିଶଗଡ଼ ଓ ଆନ୍ଧ୍ର ମାଓବାଦୀ ଏବଂ ଗୋପନରେ ଚାଲିଛି ବୈଠକ ଖବର ପ୍ରକାଶ ପରେ ମଧ୍ୟ ଜିଲ୍ଲା ପୋଲିସ୍ ଏହା ଉପରେ ଗୁରୁତ୍ୱ ଦେଇନଥିଲା। ଯାହାଫଳରେ ନୂଆପଡ଼ା ଜିଲ୍ଲାରେ ପୁଣି ମାଓବାଦୀ ଉପସ୍ଥିତି ଜାହିର କରିବା ସହ ୩ ଜଣ ଯବାନଙ୍କୁ ନିର୍ମମ ଭାବେ ହତ୍ୟାକରି ପୋଲିସକୁ ଚାଲେଞ୍ଜ କରିଛନ୍ତି। ଜିଲ୍ଲାରେ ୫ରୁ ୬ ବର୍ଷ ହେଲା ମାଓବାଦୀଙ୍କ ଗତିବିଧି ନଥିବା ବେଳେ ପୁଣି ସୁନାବେଡ଼ା ଅଭୟାରଣ୍ୟରେ ସେମାନେ ସଂଗଠିତ ହେଉଛନ୍ତି। ଏହା ଉପରେ ସରକାର ଗୁରୁତ୍ୱ ନଦେଲେ ପୁଣି ସୁନାବେଡ଼ା ଅଭୟାରଣ୍ୟ ମାଓବାଦୀଙ୍କ କବ୍‌ଜାକୁ ଚାଲିଯିବ ବୋଲି ଆଲୋଚନା ହେଉଛି। ୨୦୦୫ ମସିହାରେ ମାଓବାଦୀମାନେ ଆନ୍ଧ୍ରରେ ପ୍ରଥମେ ରକେଟ ଲଞ୍ଚର ବ୍ୟବହାର କରିଥିଲେ। ଛତିଶଗଡ଼ର ସୁକୁମାରେ ମାଓବାଦୀମାନେ ଏଭଳି ରକେଟ ଲଞ୍ଚରକୁ ବହୁଳ ଭାବରେ ବ୍ୟବହାର କରିଥିଲେ। ଓଡ଼ିଶାରେ ମାଓବାଦୀ ରକେଟ ଲଞ୍ଚରରେ ଆକ୍ରମଣ କରିବା ଏହା ପ୍ରଥମ ଘଟଣା ବୋଲି ଜଣାପଡ଼ିଛି। ରକେଟ ଲଞ୍ଚର ମାଡ଼ କରିଥିବାରୁ ଗଛରେ ବାଜିଥିବା ସ୍ଥାନ ଗୁଡ଼ିକ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ସେମାନେ ଯବାନଙ୍କ ଅସ୍ତ୍ରଶସ୍ତ୍ର ଧରି ପଳାଉଥିବା ବେଳେ ୩ଟି ରକେଟ ଲଞ୍ଚର ମାଡ଼ କରିଥିବା ବେଳେ ତାହା ମାଟିତଳେ ପଶିଯାଇଛି। ଆକ୍ରମଣକୁ ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ପୋଲିସ ହାତ ବାନ୍ଧି ବସିରହିଛି। ଏହାକୁ ନେଇ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି।

'ସରକାର କା ମାଲ ଦରିଆ ମେ ଡାଲ'

୨ ମାସ ନ ପୂରୁଣୁ ଭାଙ୍ଗିଲା ଡ୍ରିମପାର୍କ

ଟିଟିଲାଗଡ,(ଭାସ୍କର ନ୍ୟୁଜ):ଟିଟିଲାଗଡ଼ ସହର ମଧ୍ୟ ଭାଗରେ ରହିଛି ମହାରାଜା ସାଗର । ଏହି ସାଗରର ପୁନଃଉଦ୍ଧାର ତଥା ସୌନ୍ଦର୍ଯ୍ୟ କରଣ କାମ ହାତକୁ ନେଇ ଟିଟିଲାଗଡ଼ ପ୍ରଶାସନ ତଥା ବଲାଙ୍ଗୀର ଜିଲ୍ଲା ପ୍ରଶାସନ କୋଟି କୋଟି ଟଙ୍କା ଅନୁଦାନ କରି ଟିଟିଲାଗଡ଼ ସହରବାସୀଙ୍କ ପାଇଁ ସାଗର ହିଡ଼ରେ ଏକ ମନୋରଞ୍ଜନ ପାର୍କ ନିର୍ମାଣ କରିବା ସହ ଲୋକଙ୍କ ପାଇଁ ପ୍ରାତଃ ଭ୍ରମଣ ତଥା ସନ୍ଧ୍ୟା ଭ୍ରମଣ ପାଇଁ କଂଗ୍ରେସ ସ୍କୁଲ ନିକଟରୁ ନୀଳଚକ୍ର ନଗର ପର୍ଯ୍ୟନ୍ତ ଥିବା ହିଡ଼ ଉପରେ ଆଇ ଲଭ ଟିଟିଲାଗଡ଼ ନିର୍ମାଣ କରାଯାଇଥିଲା । ପୂର୍ବରୁ ଟିଟିଲାଗଡ଼ ସହରର ମୁଖ୍ୟ ଡ୍ରେନ ଡାକ୍ତରଖାନା ତଥା ବସ୍ତିର ଅନେକ ଅଳିଆ ଆବର୍ଜନା ପାଣି ଡ୍ରେନରେ ଆସି ଫରେଷ୍ଟ ଅଫିସ ପଛପଟ ଦେଇ ସାଗର ଭିତରକୁ ପ୍ରବେଶ କରୁଥିଲା । ଏହାକୁ ରୋକିବା ପାଇଁ ଉକ୍ତ ସ୍ଥାନରେ ପାର୍କ ନିର୍ମାଣ କରାଯାଇ ଡ୍ରେନ ପାଣିକୁ ଅନ୍ୟତ୍ର ସ୍ଥାନରେ ନିଷ୍କାସନ ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଅନୁଦାନ ଆସିଥିଲା । ହେଲେ କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ବିନିଯୋଗରେ ନିର୍ମାଣ ହୋଇଥିବା ପାର୍କକୁ ଦୁଇମାସ ନ ଯାଉଣୁ ପୁଣି ଭାଙ୍ଗିଦେବା ସହଡ୍ରେନ ପାଣି ସାଗର ଭିତରକୁ ପ୍ରବେଶ କରାଇବା ପାଇଁ କାମ ଆରମ୍ଭ ହୋଇ ବଡ଼ ବଡ଼ ହ୍ୟୁମପାଇପ ପକାଯାଇଛି । ଫଳରେ ଟିଟିଲାଗଡ଼ ସହରବାସୀଙ୍କ ପାଇଁ ଥିବା ମନୋରଞ୍ଜନ ପାର୍କଟି ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଛି। ସ୍ଥାନୀୟ ଲୋକେ କିଛି ଦିନ ପୂର୍ବରୁ ଉକ୍ତ ପାର୍କ ରେପିଲାଠୁ ନେଇ ବୟସ୍କ ପର୍ଯ୍ୟନ୍ତ ରହି ବେଶ ଆନନ୍ଦ ଉପଭୋଗ

କରିବା ସହ ପାର୍କରେ ଲାଗିଥିବା ବିଭିନ୍ନ ଉପକରଣ ଦୋଳି, ପିଲାଙ୍କ ଖେଳ, ସ୍ଲାଏଡିଙ୍ଗ, ସମେତ ଶାରୀରିକ ବ୍ୟାୟାମ ପାଇଁ ମଧ୍ୟ ଅନେକ ଯନ୍ତ୍ରପାତି ତଥା ଉପକରଣ ରହିଥିଲା । ହେଲେ ପ୍ରଶାସନ ଡ୍ରେନ ପାଣି ସାଗର ଭିତରକୁ ନେବା ନେଇ ପୁଣି ପାର୍କକୁ ମାଟି ଖୋଳି ଛୀନ ଭିନ କରିବା ଘଟଣା ସହର ବାସୀଙ୍କୁ ଆଚମ୍ବିତ କରିଛି । ପୂର୍ବରୁ ଏହି ମହାରାଜ ସାଗର ପୁନଃ ଉଦ୍ଧାର ତଥା ସୌନ୍ଦର୍ଯ୍ୟ କରଣକୁ ନେଇ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ବର୍ତ୍ତମାନ କେବିକେ ଅଧକ୍ଷ ଅସିତ ତ୍ରିପାଠୀ, ସ୍ଥାନୀୟ ମନ୍ତ୍ରୀ ଟୁକୁନି ସାହୁ, ବଲାଙ୍ଗୀର ଜିଲ୍ଲା ପାଳ ଚଞ୍ଚଳ ରଣା ସମେତ ୫ଟି ସଚିବଙ୍କ ଏହା କୁଆଡେ ଡ୍ରିମ ପ୍ରୋଜେକ୍ଟ ରହିଥିଲା । ଏଥିପାଇଁ ଏହି କାମ ଉପରେ ସ୍ୱତନ୍ତ୍ର ନଜର ରଖି କାମକୁ ତ୍ୱରାନ୍ୱିତ କରିଆସୁଥିଲା ପ୍ରଶାସନ । ପୌର ନିର୍ବାଚନ ପରେ ଏହି ପାର୍କକୁ ସର୍ବ ସାଧାରଣଙ୍କ ପାଇଁ ଖୋଲି ଦିଆଯିବା ସହ ମନ୍ତ୍ରୀ ଟୁକୁନି ସାହୁ ଏହାର ଉଦଘାଟନ କରିଥିଲେ । ହେଲେ ଦୁଇମାସ ନ ଯାଉଣୁ ଏବେ ପାର୍କକୁ ଭାଙ୍ଗିବା ସହ ପାର୍କ ଭିତରେ ଦେଇ ଡ୍ରେନ ପାଣି ନିଷ୍କାସନ କରି ସିଧାସଳଖ ସାଗର ଭିତରକୁ ପାଣି ଛାଡ଼ିବା ନେଇ ଅସନ୍ତୋଷ ଦେଖା ଦେଲାଣି । ପୂର୍ବରୁ ସେହି ସ୍ଥାନରେ ଏକପୋଲ ରହି ସହରର ଡ୍ରେନ ପାଣି ସମେତ ଟିଟିଲାଗଡ଼ ମୁଖ୍ୟ ଡାକ୍ତରଖାନାର ପାଣି ଆସି ମହାରାଜ ସାଗର ଭିତରେ ପଡୁଥିଲା । ହେଲେ ପାର୍କ ନିର୍ମାଣ ବେଳେ ଟିଟିଲାଗଡ଼ ପୌରପରିଷଦରେ କାର୍ଯ୍ୟରତ ଜେଇ ନୀଳକଣ୍ଠ କିସାନକୁ ଡ୍ରେନ ପାଣି ନିଷ୍କାସନ ପାଇଁ ଆବଶ୍ୟକ ପଦକ୍ଷେପ ନେବା ପରେ ରହିଥିବା ପୋଲକୁ ମାଟି ଦେଇ ପୋତିବା ପାଇଁ ଲୋକେ ଅଭିଯୋଗ କରିଥିଲେ । ହେଲେ ଜେଇ ନୀଳକଣ୍ଠ କିସାନ କାହାର ଅଭିଯୋଗକୁ ଭୂକ୍ଷେପ ନ କରି ପାର୍କ ପାଇଁ ପୋଲକୁ ମାଟିରେ ପୋତିଦେଇ ତାହାରି ଉପରେ ଗ୍ରାସ ଆଣି ରୋପିବା ସହ ସରକାରଙ୍କ ଅନୁଦାନରେ ଆସିଥିବା ଟଙ୍କାକୁ ମନମଖୀ ଖର୍ଚ୍ଚ କରିଥିଲେ । ବର୍ଷା ଜଳ କେମିତି ନିଷ୍କାସନ ହେବ, କେମିତି ଆଗକୁ ପାର୍କ ପ୍ରତି ଅସୁବିଧା ନ ହେବ ସେ ନେଇ କୌଣସି ଯୋଜନା ନ କରି ନିଜ ମନ ମୁତାବକ କାମ କରି ଚାଲିବା ଯୋଗୁଁ ନିର୍ମାଣର ଦୁଇମାସ ମଧ୍ୟରେ ପାର୍କକୁ ଭାଙ୍ଗିବାକୁ ପଡିଛି ବୋଲି ପୌରପରିଷଦ ଅଧକ୍ଷା ମମତା ଦେବୀ ଜୈନ କହିଛନ୍ତି । ଟିଟିଲାଗଡ଼ ପୌରପରିଷଦ ଜେଇ ଟିଟିଲାଗଡ଼ ଉପଜିଲ୍ଲାପାଳଙ୍କ ନାମ ନେଇ ଅନେକ ବେଆଇନ ଭାବରେ କାର୍ଯ୍ୟ କରୁଥିବା ବିଜେପି ରଯୁବ ନେତା ନରସିଂହ ସିଂ ଅଭିଯୋଗ କରିଛନ୍ତି । କୌଣସି ବୃହତ ଯୋଜନା ନ କରି ତଥା ଆଗାମୀ ଭବିଷ୍ୟତକୁ ନ ନେଇ ନିଜ ମନ ମୁତାବକ କାମ ଗୁଡିକୁ କରୁଥିବା ତଥା ଆସିଥିବା ଅନୁଦାନ ଗୁଡିକୁ ବାଟ ମାରଣା କରିବା ନେଇ କାମ କରୁଥିବାରୁ ଏବେ ଟିଟିଲାଗଡ଼ ପୌରପରିଷଦ ଦୁର୍ନୀତିର ଗଢ଼ୁଘର ପାଲଟିଥିବା ଗରିବ ସେନା ଆବାହକ ବୀରେନ୍ଦ୍ର ବାଗ ଅଭିଯୋଗ କରିଛନ୍ତି । ସେପଟେ ବଡ଼ ବଡ଼ିଆଙ୍କ ଡ୍ରିମ ପ୍ରୋଜେକ୍ଟ ଥିବା ଏହି ମହାରାଜ ସାଗର ପ୍ରକଳ୍ପ ଉପରେ ଏବେ କେମିତି ନଜର ରହୁଛି ତାହାକୁ ନେଇ ସହରରେ ଚର୍ଚ୍ଚା ଲାଗି ରହୁଛି । ତେବେ ସହରର ନାଳ ନାର୍ଦ୍ଦମାର ପାଣି ସାଗର ଭିତରକୁ ନ ଛାଡ଼ିବା ପାଇଁ ଡ୍ରେନ ନିର୍ମାଣ, ସହ ଅନେକ କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ଜାରି ରହିଛି । ଏଥିପାଇଁ ଅତୀତ ରେ ମହାରାଜ ସାଗରର ପାଣିକୁ ହିଡ଼ କାଟି ସଫା କରିବା ସହ ପଙ୍କ ଉଦ୍ଧାର କାମ ବିହୋଇଛି। ହେଲେ ଏସବୁ କାମ ଏବେ ଶୁଖୁଆ ପୋଡାରେ ଗଲା ବୋଲି ସହରରେ ଚର୍ଚ୍ଚା ଆରମ୍ଭ ହେଲାଣି । କଥା କଥାରେ ଏବେ ଶୁଣିବାକୁ ମିଳୁଛି ଯେ ସରକାର କା ମାଲ ଦରିଆ ମେ ଡାଲ...

ଗାଡ଼ିମାଲିକ କଲେ ନାବାଳକର ଚିକିତ୍ସା

ପାପଡ଼ାହାଣ୍ଡି, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ମାଝୀଗୁଡା ଗ୍ରାମପଞ୍ଚାୟତ ସଦର ମହକୁମାରେ ଟ୍ରାକ୍ଟର ଧକ୍କାରେ ନାବାଳକ ଗୁରୁତର ହୋଇଥିଲା ଗୁରୁତର ନାବାଳକ ମାଝୀଗୁଡା ଗ୍ରାମର ଖଗେଶ୍ୱର ମାଝୀଙ୍କ ପୁଅ ଜିତେନ୍ଦ୍ର ମାଝୀ (୦୨)। ସୂଚନା ଅନୁଯାୟୀ ଜିତେନ୍ଦ୍ର ସନ୍ଧ୍ୟା ୬ ଘଣ୍ଟା ସମୟରେ ଭୋଜନ ଖାଇସାରିବା ପରେ ନିଜ ଜେଜେମା ସହ ଗାଁଭିତରେ ଚାଲି ଚାଲି ବୁଲିବାକୁ ଯାଇଥିଲେ। ଏହି ସମୟରେ ବାରଲ୍ଲୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ନୁଆଁଗୁଡା ଗ୍ରାମର କମଳୁ ହରିଜନଙ୍କ ଟ୍ରାକ୍ଟର ଓଡ଼ି୨୪ଡ଼ିଶ୍ୱ୨୨୦ ମରାମତି କରି ପାପଡାହାଣ୍ଡିରୁ ଫେରିବା ସମୟରେ ମାଝୀଗୁଡା ଛକ ନିକଟରେ ଜିତେନ୍ଦ୍ରକୁ ଧକ୍କା ଦେଇଥିଲା। ଫଳରେ ଜିତେନ୍ଦ୍ର ଗୁରୁତର ଅବସ୍ଥାରେ ରାସ୍ତା କଡ଼ରେ ଛିଟିକି ପଡିଥିଲେ। ଗାଡ଼ିମାଲିକ କମଳୁ ହରିଜନ ଉଦ୍ଧାର କରି ଏକ ବଲେର ଯୋଗେ ମଇଦଳପୁର ଉପସ୍ୱାସ୍ଥ୍ୟ କେନ୍ଦ୍ର ଆଣି ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଜିତେନ୍ଦ୍ରଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରବର୍ତ୍ତୀ ସମୟରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାପରେ ତାଙ୍କୁ କୋରାପୁଟ ମେଡିକାଲକୁ ନେଇ ଥିଲେ। ହସ୍ପିଟାଲରେ ରହି ନିଜେ ଚିକିତ୍ସା କରାଇଥିଲେ। ସବୁ ଖର୍ଚ୍ଚ ବୁଝିଲେ। ଗାଡି ମାଲିକ (କମଳୁ ହରିଜନ)ଙ୍କ ଏପରି କାମକୁ ଗ୍ରାମବାସୀ ସାଧୁବାଦ ଜଣାଇଛନ୍ତି।

ନିଆରା ଢଙ୍ଗରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ପାଳିତ

ଟିଟିଲାଗଡ,(ଭାସ୍କର ନ୍ୟୁଜ):ଓଡ଼ିଶା ମାଟିର ସୁପୁତ୍ର, ଓଡ଼ିଆ ଯୁବକ ମାନଙ୍କର ପ୍ରାଣକେନ୍ଦ୍ର ତଥା ବିଜେପିର ତୁଙ୍ଗ ନେତା, ଦଳୀୟ କର୍ମୀଙ୍କ ପ୍ରିୟ ପ୍ରେରଣାର ଉତ୍ସ କେନ୍ଦ୍ରମନ୍ତ୍ରୀ ଧର୍

ଓଡ଼ିଶା ଭାସ୍କର
ସମ୍ପାଦକୀୟ

ବିଦ୍ୟା ଅଟଇ ମହାଧନ
କରିବା ଆମେ ଅରଜନ।

-ଭକ୍ତକବି ମଧୁସୂଦନ ରାଓ



ଉତ୍ସାହ- ସବୁ ପ୍ରକାର କର୍ମ କରିବାକୁ ପ୍ରେରଣା ଦିଏ। ଶେଷରେ କାର୍ଯ୍ୟରେ ସଫଳତା ଆଣିଦିଏ।

-ବାଲ୍ମିକୀ

ଉପ ନିର୍ବାଚନ ଫଳାଫଳରୁ ଶିକ୍ଷା ଅଧିକ ଆତ୍ମବିଶ୍ୱାସ ପରାଜୟର କାରଣ

ଦେଶର ପାଞ୍ଚଟି ରାଜ୍ୟରେ ଅନୁଷ୍ଠିତ ହୋଇଥିବା ତିନୋଟି ସଂସଦୀୟ ଓ ସାତଟି ବିଧାନସଭା ଉପନିର୍ବାଚନର ଫଳାଫଳ ରବିବାର ଦିନ ଘୋଷିତ ହୋଇଛି। ୨୦୨୪ ମସିହାର ସାଧାରଣ ନିର୍ବାଚନକୁ ଦୁଇବର୍ଷରୁ କମ୍ ସମୟ ବାକି ଥିବାବେଳେ ଏହିସବୁ ଉପ ନିର୍ବାଚନର ଫଳାଫଳକୁ ରାଜନୈତିକ ମହଲ ଗୁରୁତ୍ୱର ସହ ଅପେକ୍ଷା କରିଥିଲେ। ତେବେ ଉପ ନିର୍ବାଚନର ଫଳାଫଳ କେନ୍ଦ୍ରରେ ବି.ଜେ.ପି. ପାଇଁ ଯେତିକି ଉତ୍ସାହଜନକ ହୋଇଛି ଦୁଇଟି ମୁଖ୍ୟ ବିରୋଧୀ ଦଳ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଓ ସମାଜବାଦୀ ପାର୍ଟି ପାଇଁ ସେତିକି ନୈରାଶ୍ୟଜନକ ହୋଇଥିଲା ଭଳି ମନେ ହେଉଛି। କେନ୍ଦ୍ରର ଶାସକ ଦଳ ବିଜେପିକୁ ଘେରିବା ପାଇଁ ବେକାରୀ, ଆକାଶଛୁଆଁ ମୂଲ୍ୟବୃଦ୍ଧି, ଅଗ୍ନିପଥ ଯୋଜନା ପ୍ରଚଳନ ଭଳି ଅନେକ ପ୍ରସଙ୍ଗ ବିରୋଧୀ ଦଳ ହାତରେ ରହିଥିଲେ ମଧ୍ୟ ସେଥିରୁ ଫାଇଦା ଉଠାଇବାକୁ ଯେ ସେମାନେ ସକ୍ଷମ ହୋଇପାରୁନାହାନ୍ତି, ତାହା ଏହି ଉପ ନିର୍ବାଚନର ଫଳରୁ ସ୍ପଷ୍ଟ ସୂଚିତ ହୋଇଛି। ଏହି ଉପ ନିର୍ବାଚନରେ ଉତ୍ତରପ୍ରଦେଶ ଏବଂ ତ୍ରିପୁରାରେ ବି.ଜେ.ପିକୁ ଯଥେଷ୍ଟ ଫାଇଦା ମିଳିଥିବାବେଳେ କେଜରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟିକୁ ଶକ୍ତ ଧକ୍କା ଲାଗିଛି। ମାତ୍ର ଅଳ୍ପ କିଛି ମାସ ପୂର୍ବେ ଅନୁଷ୍ଠିତ ହୋଇଥିବା ପଞ୍ଜାବ ବିଧାନସଭା ନିର୍ବାଚନରେ 'ଆପ୍'କୁ ଅଭୂତପୂର୍ବ ଜନସମର୍ଥନ ମିଳିଥିଲା ଏବଂ ଅନ୍ୟ ସମସ୍ତ ରାଜନୈତିକ ଦଳକୁ ଧରାଶାୟୀ କରି ଏହି ଦଳ ରାଜ୍ୟରେ ସରକାର ଗଠନ କରିଥିଲା। ଦଳର ଏକମାତ୍ର ସାଂସଦ ଥିବା ଭଗୱନ୍ତ ସିଂ ମାନ୍ ପଞ୍ଜାବର ମୁଖ୍ୟମନ୍ତ୍ରୀ ରୂପେ ନିଯୁକ୍ତ ହେବାରୁ ସାଙ୍ଗରୁର ସଂସଦୀୟ ନିର୍ବାଚନମଣ୍ଡଳୀରେ ଉପନିର୍ବାଚନର ଆବଶ୍ୟକତା ପଡ଼ିଲା। ତେବେ ରବିବାର ଘୋଷିତ ଫଳାଫଳ ଅନୁଯାୟୀ ମୁଖ୍ୟମନ୍ତ୍ରୀଙ୍କ ଏହି ନିଜ ନିର୍ବାଚନମଣ୍ଡଳୀରେ ଆମ୍ ଆଦ୍‌ମୀ ପାର୍ଟିର ପ୍ରାର୍ଥୀ, ପ୍ରତିଦ୍ୱନ୍ଦ୍ୱୀ ଅକାଳୀ ଦଳର ପ୍ରାର୍ଥୀଙ୍କଠାରୁ ପରାଜିତ ହୋଇଛନ୍ତି। ଅନ୍ୟ ଅର୍ଥରେ 'ଆପ୍' ବର୍ତ୍ତମାନ ସାଂସଦ ଶୂନ୍ୟ ହୋଇପଡ଼ିଛି ଏବଂ ଅଳ୍ପ କେତେମାସ ମଧ୍ୟରେ ଏହାର ଲୋକପ୍ରିୟତା ଅନେକାଂଶରେ ହ୍ରାସ ପାଇଛି। ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଯୋଗାଯାଇଥିବା ସୁରକ୍ଷା ବ୍ୟବସ୍ଥା ପ୍ରତ୍ୟାହାର ପରେ ପରେ ଲୋକପ୍ରିୟ ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲାଙ୍କୁ ନିର୍ମମ ହତ୍ୟା କରାଯିବା ଘଟଣା ଏହି ଉପ ନିର୍ବାଚନର ଫଳାଫଳକୁ ବିଶେଷ ଭାବରେ ପ୍ରଭାବିତ କରିଥିବାର ଅନୁମାନ କରାଯାଉଛି। ଦେଶର ସର୍ବବୃହତ୍ ରାଜ୍ୟ ଉତ୍ତରପ୍ରଦେଶର ଫଳ ମଧ୍ୟ ସେହିପରି ବିସ୍ମୟକର ହୋଇଛି। ରାଜ୍ୟର ମୁଖ୍ୟ ବିରୋଧୀ ଦଳ ସମାଜବାଦୀ ପାର୍ଟିର ଅଭେଦ୍ୟ ଗଡ଼ ରୂପେ ପରିଚିତ ରାମପୁର ଓ ଆଜମ୍‌ଗଡ଼ରେ ଏହି ଦଳକୁ ଧରାଶାୟୀ କରି ବି.ଜେ.ପି. ବିଜୟ ହାସଲ କରିବା ସମସ୍ତଙ୍କୁ ସ୍ତମ୍ଭୀଭୂତ କରିଛି। ସମାଜବାଦୀ ପାର୍ଟିର ସଭାପତି ଅଖିଳେଶ ଯାଦବ ଓ ଅନ୍ୟତମ ବରିଷ୍ଠ ନେତା ଆଜମ୍ ଖାଁ ଯଥାକ୍ରମେ ଆଜମ୍‌ଗଡ଼ ଓ ରାମପୁର ଆସନରୁ ଲୋକସଭାରେ ପ୍ରତିନିଧିତ୍ୱ କରୁଥିଲେ। ସେମାନେ ବିଧାୟକ ରହିବା ପାଇଁ ଲୋକସଭାରୁ ଇସ୍ତଫା ଦେବା ଫଳରେ ଉପ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ଏବଂ ଦୁଇଟିଯାକ ଆସନ ଏବେ ଦଳ ହାତରୁ ଚାଲିଯାଇଛି। ସବୁଠାରୁ ବିସ୍ମୟକର ହେଉଛି ଯେ, ଏହି ଦୁଇଟିଯାକ ସଂସଦୀୟ କ୍ଷେତ୍ର ମୁସଲିମ୍ ବହୁଳ ହୋଇଥିବା ବେଳେ ଏଠାରେ ଦଳର ପ୍ରାର୍ଥୀଙ୍କୁ ପରାଜୟ ସାମ୍ନା କରିବାକୁ ପଡ଼ିଛି। ଉତ୍ତରପ୍ରଦେଶରେ ଅଖିଳେଶଙ୍କ ପ୍ରଭାବ ଓ ପତିଆରା ଯେ, ହ୍ରାସ ପାଇଛି ତାହା ଫଳାଫଳରୁ ସ୍ପଷ୍ଟ ହୋଇଛି। ତ୍ରିପୁରାରେ ମଧ୍ୟ ବି.ଜେ.ପି. ବିଜୟର ମୁକୁଟ ପିନ୍ଧିଛି। ଅତ୍ୟଧିକ ଆତ୍ମବିଶ୍ୱାସ ଓ ଆତ୍ମଗର୍ବ ଯୋଗୁଁ ବିରୋଧୀ ବାରମ୍ବାର ପରାଜୟର ସାମ୍ନା କରିବାକୁ ପଡୁଛି।

ପ୍ରଧାନମନ୍ତ୍ରୀଙ୍କ ଲକ୍ଷ୍ୟପୂରଣ ପଥେ ନ୍ୟାୟ ଓ ଆଇନ ମନ୍ତ୍ରଣାଳୟ

ଲେଖକ-କିରେନ୍ ରିଜିଜୁ
(ଭାରତ ସରକାରଙ୍କ ନ୍ୟାୟ ଓ ଆଇନ ମନ୍ତ୍ରୀ)

୨୦୧୪ ମେ ୧୬ ତାରିଖ ଭାରତ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ କ୍ଷଣ ଥିଲା। ଏହି ଦିନ ଭାରତର ଭୋଟର ବିରାଟ ଆଶା ନେଇ ଦୂରଦ୍ରଷ୍ଟା ନରେନ୍ଦ୍ର ମୋଦୀଙ୍କ ସରକାରକୁ ନିର୍ବାଚିତ କରିଥିଲେ। ଏହା ଅବଶ୍ୟ ସତ୍ୟ ଯେ ଭାରତର ବିଭିନ୍ନ ଭାଗରେ ବିବିଧ ସ୍ୱର ଓ ବିରୋଧ ରହିଛି ଏବଂ ଏହା ଗଣତନ୍ତ୍ରର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଗଣତାନ୍ତ୍ରିକ ମୂଲ୍ୟବୋଧରେ ଦୃଢ ବିଶ୍ୱାସୀ ହୋଇଥିବାରୁ ମୁଁ ସମାଲୋଚନାକୁ ଗ୍ରହଣ କରିଥାଏ। ତେବେ ସାମାଲୋଚନା ଗଠନମୂଳକ ଏବଂ ସତ୍ୟ ଆଧାରିତ ହେବା ଆବଶ୍ୟକ। ମୁଁ କିରେନ୍ ରିଜିଜୁ, ଭାରତ ସରକାରଙ୍କ ଆଇନ ଓ ନ୍ୟାୟମନ୍ତ୍ରୀ ଭାବେ ମୋ ମନ୍ତ୍ରଣାଳୟ ଓ ବିଭାଗ ସବୁ ଯେଉଁ ବ୍ୟାପକ ସଫଳତା ଓ ପ୍ରଗତିହାସଲ କରିଛି ତାହା ମୁଁ ସାରା ଦୁନିଆକୁ ଏହି ଲେଖାରେ ଦେଖାଇବାକୁ ଚାହେଁ। ଏ ସମ୍ପର୍କରେ ମୋର ସମସ୍ତ ତଥ୍ୟ ବସ୍ତୁନିଷ୍ଠ ଏବଂ ସତ୍ୟ। ୨୦୧୯ରେ ପ୍ରଧାମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଗୋଟିଏ ବଡ ଆହ୍ୱାନ ଦେଲେ । ଦେଶର ବିଚାରାଳୟଗୁଡ଼ିକରେ ପଡି ରହିଥିବା ୩କୋଟି ୩୦ଲକ୍ଷରୁ ଅଧିକ ମାମଲାର ସମାଧାନ ପାଇ ତୁରନ୍ତ ଉପାୟ ବାହାର କରିବାକୁ ସେ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଥିଲେ । ଏତେ ମାମଲାର ବିଚାର କରି ନ୍ୟାୟ ପ୍ରଦାନ, ଶୁଣାଣି ବିଳମ୍ବର ପ୍ରତିକାର ଏବଂ ପଡିରହିଥିବା ମାମଲାର ବୋଝ ହ୍ରାସ କରିବାକୁ କୁହାଯାଇଥିଲା। ଆମ ଦେଶର ନ୍ୟାୟିକ ବ୍ୟବସ୍ଥାର ଜଟିଳତା ଭିତରେ ଆମେ ଏ କ୍ଷେତ୍ରରେ ଯାହା କିଛି କରିପାରିଛୁ ତାହା ସମସ୍ୟାର ସମାଧାନ ଦିଗରେ ସର୍ବଶ୍ରେଷ୍ଠ ପଦକ୍ଷେପ। ଏହାଛଡା ଆଗାମୀ ଦିନରେ ସଫଳତା ପାଇବାକୁ ଆମେ ଏ କ୍ଷେତ୍ରରେ ଏକ ଉତ୍ତମ ମୂଳଦୁଆ ପକାଇବାରେ ସମର୍ଥ ହୋଇଛୁ। ପ୍ରଥମେ ସଂସଦୀୟ ବିଭାଗ କଥା ଦେଖିବା। ବିଗତ ଆଠବର୍ଷ ମଧ୍ୟରେ ଏହି ସରକାର ମୋଟ ୧୪୮୬ଟି ଅତି ପୁରୁଣା ଓ ଅନାବଶ୍ୟକ ଆଇନକୁ ରଦ୍ଦ କରିଛନ୍ତି। ଏଥି ସହିତ ଦେଶରେ ଏକ ବିଧିବଦ୍ଧ ସଂସ୍କାର ପ୍ରକ୍ରିୟା ଆରମ୍ଭ ହୋଇଛି। ୧୯୬୧ର ଭୋଟର ପଞ୍ଜୀକରଣ ଓ ନିର୍ବାଚନ ଆଚରଣ ନିୟମକୁ ସରଳ କରାଯାଇଛି। ଏହାଫଳରେ ଏହା ଅଧିକ ବ୍ୟବହାର ଅନୁକୂଳ ହୋଇଛି। ନିର୍ବାଚନ ଆଚରଣ ନିୟମ ସରଳ ଓ ପରିବର୍ତ୍ତିତ ହେବା ଫଳରେ ଭୋଟରମାନେ ସହଜରେ ନିଜ ନାମ ପଞ୍ଜୀକୃତ କରିପାରୁଛନ୍ତି। ଏହାଛଡା ୮୦ବର୍ଷରୁ ଊର୍ଦ୍ଧ୍ୱ ବୟସର ଭୋଟରମାନଙ୍କୁ ପୋଷ୍ଟାଲ ବାଲାଟ୍‌ରୁ ସୁବିଧା ମିଳିଛି। ସେମାନ ମତଦାନ କେନ୍ଦ୍ରକୁ ନ ଯାଇ ଘରେ ବସି ନିଜର ମତାଧିକାର ସାବ୍ୟସ୍ତ କରିପାରୁଛନ୍ତି। ଏହା ବ୍ୟତୀତ ଶାରୀରିକ ଅକ୍ଷମ ଓ ସାମରିକ ବାହିନୀର କର୍ମଚାରୀ ମଧ୍ୟ ଏହା ଦ୍ୱାରା ପୋଷ୍ଟାଲ ବାଲାଟ ମାଧ୍ୟମରେ ଭୋଟ ଦେବାର ସୁଯୋଗ ପାଇଛନ୍ତି। ୨୦୧୯ରେ ମୁସଲମାନ ମହିଳା (ସୁରକ୍ଷା ଓ ବିବାହର ଅଧିକାର) ଆଇନ ଆଉ ଏକ ଉଲ୍ଲେଖନୀୟ ବିଷୟ । 'ତଲାକ-ଇ-ବିଦ୍ଦତ' ମାଧ୍ୟମରେ ବିବାହିତ ମୁସଲମାନ ମହିଳାଙ୍କୁ ତାଙ୍କ ସ୍ୱାମୀ ଆଉ ଛାଡପତ୍ର ଦେବା ସହଜ ହେଉନାହିଁ। ସରକାର ଯେତେବେଳେ 'ସବ୍‌କା ସାଥ, ସବ୍‌କା ବିକାଶ' କଥା କହୁଛନ୍ତି ଏହି ବର୍ଗର ମହିଳା ସେଥିରୁ ବାଦ ପଡିବେ କିପରି ? ସେଥିପାଇଁ ଆମେ ସମସ୍ତଙ୍କ ନିମନ୍ତେ ଆଇନଗତ ସୁବିଧା ପ୍ରଦାନ କରିଛୁ।

ନ୍ୟାୟ ବିଭାଗ ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ ସହିତ ଅଂଶୀଦାର ହୋଇ ଏକ ପ୍ରକଳ୍ପ କାମ ହାତକୁ ନେଇଛି । ଏହିପ୍ରକଳ୍ପର ନାମ "ବଞ୍ଚିତ ଲୋକଙ୍କୁ ନ୍ୟାୟିକ ସୁବିଧା ପହଞ୍ଚାଇବା"। ଏହା ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେଉଛି। ଉଭୟ ପର୍ଯ୍ୟାୟରେ ନ୍ୟାୟିକ ସେବା ପ୍ରଦାନରେ ଆନୁଷ୍ଠାନିକ ଦକ୍ଷତା ବୃଦ୍ଧି ସହିତ ଗରିବ, ବଞ୍ଚିତ ଓ ଦୁର୍ଦ୍ଦଶାଗ୍ରସ୍ତ ଲୋକଙ୍କୁ ଆବଶ୍ୟକ ଆଇନଗତ ସେବା ସହଜରେ ଯୋଗାଇ ଦେବାକୁ କାମ ଚାଲିଛି। ଏହାଛଡା ନ୍ୟାୟ ବିଭାଗ ରାଜ୍ୟର ଆଇନଗତ ସେବା ପ୍ରାଧିକରଣ ସମୂହ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ସମୂହ, ସବୁସରକାରୀ ବିଭାଗ, ସିଏସ୍‌ଓ ଓ ଶୈକ୍ଷିକ ପ୍ରତିଷ୍ଠାନ ସମୂହ ସହିତ ମିଶି ୩୩ଟି ପ୍ରକଳ୍ପ ଅଭିନବ ଉପାୟରେ ସଫଳତାର ସହ କାର୍ଯ୍ୟକାରୀ କରିଛି। ଏହି ସବୁ କାର୍ଯ୍ୟକୁ ସର୍ବଭାରତୀୟ ସ୍ତରରେ ପ୍ରସାରିତ କରିବାକୁଜାତୀୟ ପ୍ରୟୋଗାତ୍ମକ ଅର୍ଥନୀତି ଗବେଷଣା ପରିଷଦ (ଏନ୍‌ସିଏଇଆର) ୨୦୨୦ରେ ସୁପାରିସ କରିଥିଲା। ଏହି ସବୁ କାର୍ଯ୍ୟକ୍ରମକୁ ଅନୁଧ୍ୟାନ ଓ ମୂଲ୍ୟାୟନ କରିବା ପରେ ଏନ୍‌ସିଇଏଆର ଏହି ସୁପାରିସ କରିଥିଲା ଯାହା ବିଶେଷ ଗୁରୁତ୍ୱପୂର୍ଣ୍ଣ। ଏଥିରୁ ସମ୍ପୃକ୍ତ କାର୍ଯ୍ୟକ୍ରମର ସଫଳତା ଅନୁମେୟ। ଏହା ପରେ ଆରମ୍ଭ ହୋଇଥିଲା 'ଦିଶା' କାର୍ଯ୍ୟକ୍ରମ। 'ଦିଶା" ଯୋଜନାଟିଦେଶର ନ୍ୟାୟିକ କ୍ଷେତ୍ରରେ ସମସ୍ତଙ୍କୁ ଆଇନଗତ ଓ ନ୍ୟାୟିକ ସୁବିଧା ସୁଯୋଗ ଯୋଗାଇ ଦେଇ ସମସ୍ୟାର ସମାଧାନ କରିବାକୁ ଏକ ଅଭିନବ ପ୍ରୟାସ । ଏହି ଯୋଜନା ଏସ୍‌ଡଜି-୧୬ ଲକ୍ଷ୍ୟ ପୂରଣ ସୁନିଶ୍ଚିତ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି। ଏସ୍‌ଡିଜିବା ସହସ୍ରାବ୍ଦ ବିକାଶ ଲକ୍ଷ୍ୟ-୧୬ ହେଲା ସମସ୍ତଙ୍କୁ ନ୍ୟାୟ ପାଇବାର ସୁଯୋଗ ଯୋଗାଇଦେବା । 'ଦିଶା'ର ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ହେଲା 'ଟେଲି-ଲ' ମାଧ୍ୟମରେ ପ୍ରାକ୍ ବିବାଦ ବ୍ୟବସ୍ଥାକୁ ସୁଦୃଢ କରିବା ଏବଂ 'ନ୍ୟାୟବନ୍ଧୁ' କାର୍ଯ୍ୟକ୍ରମରେ ସ୍ୱଳ୍ପ ଖର୍ଚ୍ଚରେ କିମ୍ବା ମାଗଣାରେ ପକ୍ଷଙ୍କୁ ଆଇନଗତ ସେବା ଓ ସହାୟତା ଯୋଗାଇ ମାମଲା ସବୁର ସ୍ଥାୟୀ ସମାଧାନ କରିବା।

ଏଥିରେ ଅବସରପ୍ରାପ୍ତ ବିଚାରପତିମାନେ ନୟାମିତ୍ର ଭାବେ କାମକରି ବିଭିନ୍ନ ଅଦାଲତରେ ପଡି ରହିଥିବା ମାମଲାଗୁଡ଼ିକର ସମାଧାନ ବ୍ୟବସ୍ଥା କରିବେ ।

'ଟେଲି-ଲ' ଏକ ସବୁଠୁ ଉଚ୍ଚାଭିଳଷୀ ତଥା ସଫଳ ମଞ୍ଚ । ୨୦୧୭ ରେ ଆରମ୍ଭ ହୋଇଥିବା ଏହି ଟେଲି-ଲ ବ୍ୟବସ୍ଥା ଏକ ଇ-ଇଣ୍ଟର ଫେସ ପ୍ଲାଟଫର୍ମ। ଏହି ମଞ୍ଚ ପ୍ରାକ୍ ବିବାଦ ପରାମର୍ଶ ଯୋଗାଇ ଲୋକଙ୍କୁ ସଶକ୍ତ କରିବାକୁ ଉଦ୍ଦିଷ୍ଟ । ଏଥିରେ ସମାଜର ଅବହେଳିତ, ବଞ୍ଚିତ ଓ ଦରିଦ୍ର ବର୍ଗର ଲୋକଙ୍କୁ ଅଧିକରୁ ଅଧିକ ସାମିଲ କରିବାକୁ ଉଦ୍ୟମ କରାଯାଉଛି। ଏଥିରେ ଏକ ଉତ୍ସର୍ଗୀକୃତ ଓକିଲ ଦଳ ରହିଛନ୍ତି। ସେମାନେ କନ୍‌ଫରେନ୍ସିଂ ଟେଲିଫୋନ୍ ଯୋଗେ ସାଧାରଣ ସେବା କେନ୍ଦ୍ର ମାଧ୍ୟମରେ ପରମର୍ଶ ଯୋଗାଉଛନ୍ତି। ଆଇନଗତ ସେବା ପ୍ରାଧିକରଣଗୁଡ଼ିକ ନିଜର ପାରମ୍ପରିକ ନ୍ୟାୟ ପ୍ରଦାନ ପ୍ରଣାଳୀ ସହିତ ଅତ୍ୟନ୍ତ ସହଜ ଓ ସରଳଭାବେ ଡିଜିଟାଲ ଟେକ୍‌ନୋଲୋଜିକୁ ସଂଯୋଜିତ କରିଛନ୍ତି। ଏହାଛଡା ଲୋକ ଅଦାଲତଗୁଡ଼ିକ ଭର୍ଚୁଆଲ ବା ଆଭାସୀ ବ୍ୟବସ୍ଥାରେ ଅନୁଷ୍ଠିତ ହେଉଛି। ଏହା ଫଳରେ ଲୋକେ ସହଜରେ ଏଥିରେ ସାମିଲ ହୋଇ ପାରୁଛନ୍ତି ଏବଂ ସେମାନଙ୍କ ଉପସ୍ଥାନ ବଢୁଛି। ସେମାନେ ଅର୍ଥ ଓ ଶ୍ରମ ବ୍ୟୟରୁ ରକ୍ଷା ପାଇ ପାରୁଛନ୍ତି। ଏହି ଲୋକ ଅଦାଲତ ବ୍ୟବସ୍ଥା ଅନ୍ୟ ନିୟମିତ ଅଦାଲତର ମାମଲା ବୋଝ କମାଇବାରେ ସହାୟକ ହେଉଛି। ୨୦୧୬ ଠାରୁ ୬୬.୨୨ ଲକ୍ଷ ମାମଲା ରାଜ୍ୟ ଲୋକ ଅଦାଲତରେ, ୫୦.୧୧ ଲକ୍ଷ ମାମଲା ଜାତୀୟ ଲୋକ ଅଦାଲତରେ ଓ ୫.୮୯ ଲକ୍ଷ ମାମଲା ସ୍ଥାୟୀ ଲୋକ ଅଦାଲତ ମାଧ୍ୟମରେ ସମାଧାନ ହୋଇଛି। କାରୋନା ମହାମାରୀ ସମୟରେ ଜିଲ୍ଲା ଓ ହାଇକୋର୍ଟଗୁଡ଼ିକରେ ୨୦୨୨ ମାର୍ଚ୍ଚ ୩୧ ସୁଦ୍ଧା ୧.୯୦ କୋଟି ମାମଲାର ଶୁଣାଣି କରାଯାଇଥିଲା। ଏହାଛଡ଼ା ୨୦୨୨ ମାର୍ଚ୍ଚ ୧୪ ସୁପ୍ରିମ କୋର୍ଟରେ ୨,୧୮,୮୯୧ ମାମଲାର ଆଭାସୀ ଶୁଣାଣୀ ହୋଇଥିଲା। ଏକ୍ଷେତ୍ରରେ ଏହା ଏକ ବିଶ୍ୱ ରେକର୍ଡ଼। ୨୦୧୯ ଦେଶରେ ୧୦୨୩ଟି ଫାଷ୍ଟ ଟ୍ରାକ୍ କୋର୍ଟ ସ୍ଥାପନ କରାଯାଇଥିଲା। ଏଥିରେ ୩୮୯ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଅନ୍ତର୍ଭୁକ୍ତ। ଏହି ସବୁ ଅଦାଲତରେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ମାମଲାଗୁଡ଼ିକର ଯୌନ ଅପରାଧ ମାମଲା ସବୁର ଶୁଣାଣି କରାଯାଇ ତ୍ୱରିତ ନ୍ୟାୟ ପ୍ରଦାନର ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ସୁଦ୍ଧା ଦେଶରେ ୭୨୨ ଫାଷ୍ଟଟ୍ରାକ୍ କୋର୍ଟ ଓ ୪୦୬ ପୋକ୍‌ସୋ ଅଦାଲତ କାର୍ଯ୍ୟକ୍ଷମ ହୋଇଛି।

୨୦୨୧ ନଭେମ୍ବରରେ ମୁଁ ଭାରତୀୟ ସମ୍ବିଧାନ ଉପରେ ଅନ୍‌ଲାଇନ ପାଠ୍ୟକ୍ରମକୁ ଉଦ୍‌ଘାଟନ କରିଥିଲି। ସମ୍ବିଧାନ ଦିବସର ଅବ୍ୟବହିତ ପୂର୍ବରୁ ଆଇନ ବ୍ୟାପାର ବିଭାଗ, ଜାତୀୟ ନ୍ୟାୟିକ ଅଧ୍ୟୟନ ଓ ଗବେଷଣା ପ୍ରତିଷ୍ଠାନ(ନାଲସାର) ଓ ହାଇଦ୍ରାବାଦ ଆଇନ ବିଶ୍ୱବିଦ୍ୟାଳୟର ମିଳିତ ଅନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ପାଠ୍ୟକ୍ରମ ମାଧ୍ୟମରେ ଭାରତୀୟ ସମ୍ବିଧାନ ବିଷୟରେ ଶିକ୍ଷାର୍ଥୀମାନଙ୍କୁ ପରିଚିତ ଓ ଅବଗତ କରିବାର ପ୍ରୟାସ କରାଯାଇଛି। ଏଥିରେ ୧୫ଟି କନ୍‌ସେପ୍ଚୁଆଲ ଭିଡ଼ିଓ ମାଧ୍ୟମରେ ଦେଶର ସମ୍ବିଧାନ ପ୍ରଣୟନ, ସଂଶୋଧନ ଓ ନ୍ୟାୟିକ ବ୍ୟବସ୍ଥା ଆଦିର ଐତିହାସିକ କ୍ରମବିକାଶ ସ୍ଥାନ ପାଇଛି। ପ୍ରଧାନମନ୍ତ୍ରୀଙ୍କ ଦକ୍ଷ ନେତୃତ୍ୱରେ ନ୍ୟାୟ ଓ ଆଇନ ମନ୍ତ୍ରଣାୟଳ ଉପଯୁକ୍ତ ମାର୍ଗରେ କାମ କରି ତାଙ୍କ ଲକ୍ଷ୍ୟ ପୁରଣ ପାଇଁ ଯେଉଁ ଉଦ୍ୟମ କରୁଛି ସେଥିରେ ମୁଁ ବେଶ୍ ଆନନ୍ଦିତ। ମୋର ଆଶା ପ୍ରଧାନମନ୍ତ୍ରୀଙ୍କ ଲକ୍ଷ୍ୟ ପୂରଣ ଦିଗରେ ଆମେ ସନ୍ତୋଷଜନକ ଭାବେ ଆଗେଇ ଚାଲିଛୁ। ହଁ ଆହୁରି ମଧ୍ୟ ମୁଁ ଖୁସି ଯେ ଏହି ସମଗ୍ର ପ୍ରକ୍ରିୟାର ମୁଁ ଏକ ଅଂଶ ପାଲଟିଛି।

'ଜୟହିନ୍ଦ୍'।

ସବୁ ଶିଶୁ ଶିକ୍ଷା ଅଧିକାର ପାଇବେ କେବେ ?

ହିଂମାଶୁ ଶେଖର ଆଚାର୍ଯ୍ୟ
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ - ୯୯୩୭୧୫୧୦୫୨

କାଥାରେ ଅଛି- ପେଟକୁ ଦାନା, ପିଠିକୁ କନା,ମୁଣ୍ଡ ଗୁଞ୍ଜିବାକୁ ବାସ,ରୋଗକୁ ଓଷଧ ଓ ପଢିବାକୁ ବି'ଅକ୍ଷର ପାଠ ଜଣେ ନାଗରିକର ସର୍ବନିମ୍ନ ମୌଳିକ ଅଧିକାର। କିନ୍ତୁ କ୍ଷୋଭର ବିଷୟ ସ୍ୱାଧୀନତାର ୭୪ ବର୍ଷ ପରେ ବି ଆମ ଦେଶର ଭବିଷ୍ୟତ ନାଗରିକମାନଙ୍କୁ ଏସବୁ ମୌଳିକ ଅଧିକାର ଅଦ୍ୟାବଧି ମିଳିପାରି ନାହିଁ।ଏସବୁ ମଧ୍ୟରୁ ଶିକ୍ଷାର ଅଧିକାର ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ମାତ୍ର ଶିକ୍ଷା କ୍ଷେତ୍ରରେ ଏବେବି ଆମେ ବହୁତ ପଛରେ। ଏପରିକି ସାମ୍ବିଧାନିକ ବିଧିବ୍ୟବସ୍ଥା,ଜାତୀୟ ଶିକ୍ଷାନୀତି, ନିରନ୍ତର ଶିକ୍ଷା, କଳାପଟା ଅଭିଯାନ, ଜିଲ୍ଲା ପ୍ରାଥମିକ ଶିକ୍ଷା ଓ ସର୍ବଶିକ୍ଷା ଅଭିଯାନ ଭଳି ଯୋଜନା ସତ୍ତ୍ୱେ ଭାରତ ନିରକ୍ଷର ଲୋକଙ୍କ ଭୂସ୍ୱର୍ଗ ପାଲଟିଛି କହିଲେ ଭୁଲ ହେବନାହିଁ। ସବୁଠୁ କ୍ଷୋଭର କଥା ଅଦ୍ୟାବଧି ଆମ ଦେଶରେ ପ୍ରାୟ ୯୨ ଲକ୍ଷ ଶିଶୁ ଶିକ୍ଷାଲାଭରୁ ବଞ୍ଚିତ। ଏମାନଙ୍କୁ ସ୍କୁଲକୁ ଆଣିବା ପାଇଁ ଏକ ଆଇନର ଅବଶ୍ୟକତା ଥିଲା। ଭାରତୀୟ ସମ୍ବିଧାନର ୮୬ତମ ସଂଶୋଧନରେ ଏକ ଧାରା ଯୋଗ କରାଯାଇ ୨୦୦୯ ମସିହାରୁ ଶିକ୍ଷାକୁ ମୌଳିକ ଅଧିକାର ପରିସରଭୁକ୍ତ କରାଯାଇଛି ଓ ଆମ ଦେଶ ତଥା ରାଜ୍ୟରେ ୨୦୧୦ ମସିହା ଏପ୍ରିଲ ପହିଲାରୁ ବହୁ ଚର୍ଚ୍ଚିତ ଏହି ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରୀ ହେଉଛି। ଶିକ୍ଷା ଅଧିକାର ଆଇନ ଆମ ରାଜ୍ୟରେ କାର୍ଯ୍ୟକାରୀ ହେବା ପରେ ଯେଉଁ ସବୁ ସମସ୍ୟା ଦେଖାଦେଇଛି ତାହା ଏଠାରେ ଆଲୋଚନା କରିବା ଯଥାର୍ଥ ମନେ ହୁଏ । ଏହି ଆଇନ ଅନୁସାରେ ରାଜ୍ୟରେ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍ତରରେ ଅତି କମ୍‌ରେ ୨ଲକ୍ଷ ୨୪ହଜାର ୩୩୦ ଜଣ ଶିକ୍ଷକଙ୍କର ଆବଶ୍ୟକତା ରହିଛି। ଅଛନ୍ତି ୧ ଲକ୍ଷ ୧୫ ହଜାର ୮୩୩ ଜଣ ନିୟମିତ ଶିକ୍ଷକ। ବଳକା ୧ଲକ୍ଷ ୮ ହଜାର ୪୯୭ ନିୟମିତ ଶିକ୍ଷକ ପଦବୀ ସ୍ଥାନରେ ରାଜ୍ୟ ସରକାର ୭୩ ହଜାର ୭୩୬ ଜଣ ଶିକ୍ଷା ସହାୟକ ଓ ଗଣ

ଆମ କଳାହାଣ୍ଡି

ପୃଷ୍ଠା - ୭
ମଙ୍ଗଳବାର, ୨୮ ଜୁନ୍ ୨୦୨୨
ଓଡ଼ିଶା ଭାସ୍କର, ଭୁବନେଶ୍ୱର

ଯବାନଙ୍କ କୁମ୍ବିଂ ଅପରେସନ୍‌ରେ ମାଓବାଦୀଙ୍କ ଛତ୍ରଭଙ୍ଗ

ମାଓ କ୍ୟାମ୍ପରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ପୋଲିସ ତରଫରୁ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସ୍ଥାନରେ ସିଆର୍‌ପିଏଫ୍, ଏସଓଜି ଏବଂ ଡିଭିଏଫ୍ ଯବାନଙ୍କର ମିଳିତ ଅପରେସନ୍‌କୁ ସମ୍ମୁଖୀନ କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଜଙ୍ଗଲ ଭିତରକୁ ଚାଲିଯାଇଛନ୍ତି । ମାଓ କ୍ୟାମ୍ପରୁ ବହୁ ମାଓ ସାମଗ୍ରୀ ଜବତ କରାଯିବା ସହିତ ଟିଫିନ୍ ବମ୍, ମୁଭି ଟ୍ରାକ୍, ଆଇଆଇଡି, ଡିଟୋନେଟର୍ ଆଦିକୁ ଯବାନମାନେ ନିଷ୍କ୍ରିୟ କରିଛନ୍ତି । କୁମ୍ବିଂ ଅପରେସନ୍‌କୁ ଆହୁରି କଡ଼ାକଡ଼ି କରାଯାଇଛି ବୋଲି ଏକ ସମ୍ବାଦିକ ସମ୍ମିଳନୀରେ କଳାହାଣ୍ଡି ଏସ୍‌ପି ଅଭିଳାଷ ଜୀ ଏବଂ ସିଆର୍‌ପିଏଫ୍ କମାଣ୍ଡାଣ୍ଟ ବିପ୍ଳବ ସରକାର ପ୍ରକାଶ କରିଛନ୍ତି । କନ୍ଧମାଳ ସୀମାନ୍ତରେ ଥିବା କଳାହାଣ୍ଡି ଜିଲ୍ଲାର ମ. ରାମପୁର ବ୍ଲକ ଅନ୍ତର୍ଗତ ଉର୍ଲାଦାନୀ ଓ ମୋହନଗିରୀ ପଞ୍ଚାୟତର ଲୁବେନଗଡ ନିକଟସ୍ଥ ମୁଣ୍ଡା ମସ୍କା ସଂରକ୍ଷିତ ଜଙ୍ଗଲରେ ଏକ ବଡ଼ ମାଓ କ୍ୟାମ୍ପ ଚାଲିଥିବା କଳାହାଣ୍ଡି ଏସ୍‌ପି ଅଭିଳାଷ ଜୀ ବିଶେଷ ସୂତ୍ରରୁ ଖବର ପାଇଁ ତୁରନ୍ତ ଉକ୍ତ ଅଞ୍ଚଳରେ ସିଆର୍‌ପିଏଫ୍, ଏସ୍‌ଓଜି ଓ ଡିଭିଏଫ୍ ଯବାନମାନେ କୁମ୍ବିଂ ଅପରେସନ୍ କରୁଥିବା ସମୟରେ ଲୁବେନଗଡ ନିକଟସ୍ଥ ମୁଣ୍ଡା ମସ୍କା ସଂରକ୍ଷିତ ଜଙ୍ଗଲର ଏକ ପାହାଡ ଉପରୁ ଅତର୍କିତ ଭାବେ ଯବାନଙ୍କ ଉପରକୁ ଗୁଳିବିନିମୟ ହୋଇଥିଲା । ତୁରନ୍ତ ସିଆର୍‌ପିଏଫ୍,ଏସ୍‌ଓଜି ଓ ଡିଭିଏଫ୍ ଯବାନମାନେ ନିଜର ପୋଜିସନ୍ ନେଇ ଗୁଳି ଆସୁଥିବା ପାହାଡ ଉପରକୁ ପାଲଟା ଗୁଳିବିନିମୟ କରିଥିଲେ । ଏପରିକି ଯବାନମାନେ ମାଓବାଦୀ ଉପରକୁ ଏକେ- ୪୭ ଓ ଲାଇଟ୍ ମେସିନ ଗନ୍ (ୟୁବିଜିଏଲ୍) ମଧ୍ୟ ବ୍ୟବହାର କରିଥିଲେ । ସେହିପରି ଯବାନମାନେ ମଣ୍ଡାମସ୍କା ନିକଟରେ ଥିବା ନାପାଡାଲୁ ଜଙ୍ଗଲରେ କୁମ୍ବିଂ କରିବା ସମୟରେ ଆଉଏକ ମାଓ କ୍ୟାମ୍ପ ଥିବା ଜାଣିବାକୁ ପାଇଥିଲେ । ଉକ୍ତ ମାଓକ୍ୟାମ୍ପ ଉପରକୁ ମିଳିତ ଯବାନ ଗୁଳି ଚଳାଇଥିଲେ । ଯବାନମାନଙ୍କ ଅତର୍କୀତ ଗୁଳି ଚଳାଇବାରୁ ମାଓବାଦୀମାନେ ଯବାନଙ୍କ ଗୁଳିର ସମ୍ମୁଖୀନ କରି ନ ପାରି ଛତ୍ରଭଙ୍ଗ ଦେବା ସହିତ ମାଓକ୍ୟାମ୍ପ ଛାଡି ବହୁ ଘଞ୍ଚ ଜଙ୍ଗଲ ଭିତରକୁ ଚାଲିଯାଇଥିଲେ । ଯବାନମାନେ ଉକ୍ତ ଅଞ୍ଚଳକୁ ଘେରାଉ କରିବା ସହିତ ସର୍ଚ୍ଚ ଅପରେସନ୍ କରିଥିଲେ । ସେଠାରେ ମାଓବାଦୀଙ୍କ ଏକ ବଡ଼ କ୍ୟାମ୍ପ ଚାଲିଥିବା ଦେଖିବାକୁ ପାଇଥିଲେ । ଯବାନମାନେ ଉକ୍ତ କ୍ୟାମ୍ପକୁ ଧ୍ୱଂସ କରିଦେଇଥିଲେ । ଉକ୍ତ କ୍ୟାମ୍ପରୁ ତଲାସି କରିବା ସମୟରେ ୪ଟି ଜୀବନ୍ତ ଟିଫିନ୍ ବମ୍, ୪ଟି ମୁଭିଟ୍ରାକ୍, ୪ଟି ଜୀବନ୍ତ ଗୁଳି, ଏକେ-୪୭ ଖୋଳ, ବହୁ ପରିମାଣର ଇଲେକ୍ଟ୍ରିକ ଡିଟୋନେଟର୍ ଏବଂ ମାଓ ସାମଗ୍ରୀ ଓ ମାଓ ପୁସ୍ତିକା, ଟର୍ଚ୍ଚଲାଇଟ୍ ଓ ଖାଦ୍ୟ ସାମଗ୍ରୀ ଏବଂ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଥିବା ଦେଖିବାକୁ ମିଳିଥିଲା । ମାଓବାଦୀମାନେ ବ୍ୟବହୃତ କରିଥିବା ଏକେ - ୪୭, ଲାଇଟ୍ ମେସିନ୍ ଗନ୍ ଓ ଅନ୍ୟାନ୍ୟ ଗୁଳିଗୁଳାକୁ ଦେଖିଲେ ଏହି କ୍ୟାମ୍ପରେ କିଛି ବରିଷ୍ଠ ମାଓନେତା ଥିବା ଅନୁମାନ କରାଯାଉଛି । ଜିଲ୍ଲାର ବିଭିନ୍ନ ମାଓ ପ୍ରବଣ ଅଞ୍ଚଳରେ କୁମ୍ବିଂ ଅପ୍ରେସନ କଡ଼ାକଡ଼ି କରାଯାଇଛି ବୋଲି ଏସ୍‌ପି ଅଭିଳାଷ ଜୀ ଓ ସିଆର୍‌ପିଏଫ୍ କମ୍ୟାଣ୍ଡେଣ୍ଟ ବିପ୍ଳବ ସରକାର ପ୍ରକାଶ କରିଥିଲେ ।

ଇଡି ତଦନ୍ତ ଓ ଅଗ୍ନିବୀର ବିରୁଦ୍ଧରେ ରାଜରାସ୍ତାକୁ ଓହ୍ଲାଇଲା କଂଗ୍ରେସ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): କଂଗ୍ରେସ ନେତା ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ବିରୁଦ୍ଧରେ ରାଜନୈତିକ ଆକ୍ରୋଶ ରଖି ଇଡ଼ି ଦ୍ୱାରା ତଦନ୍ତ କରାଇବା, ସେନାବାହିନୀରେ ଯୁବକମାନଙ୍କୁ ଚାରିବର୍ଷିଆ ଠିକା ନିଯୁକ୍ତି ଦେଇ ସେମାନଙ୍କ ଭବିଷ୍ୟତକୁ ଅନ୍ଧାର ମଧ୍ୟକୁ ଠେଲିଦେବା ଭଳି ଅଭିଯୋଗ କରି ଆଜି ସାରା ରାଜ୍ୟରେ କଂଗ୍ରେସ ପକ୍ଷରୁ ସତ୍ୟାଗ୍ରହ ଡାକରା ଦିଆଯାଇଥିବାବେଳେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକରେ ଏହାର ବେଶ୍ ପ୍ରଭାବ ଦେଖିବାକୁ ମିଳିଛି । କଳାହାଣ୍ଡି କଂଗ୍ରେସ କମିଟିର ଆହ୍ୱାନ କ୍ରମେ ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ଅନୁଷ୍ଠିତ ସତ୍ୟାଗ୍ରହରେ ମୁଖ୍ୟଅତିଥି ଭାବେ ଜିଲ୍ଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା କଂଗ୍ରେସ ଉପସଭାପତି ପରମାନନ୍ଦ ମାଝୀ, ଟି. ପ୍ରଭାକର ରାଓ, ପୁରୁଷୋତ୍ତମ ଦଣ୍ଡସେନା, ମନୋଜ ରାଉତ, ପୂର୍ଣ୍ଣଚନ୍ଦ୍ର ରାଉତ, କେଶବଚନ୍ଦ୍ର ବାରିକ, ବିଜୟ ନାଏକ, ରଞ୍ଜିତା ମୁଣ୍ଡା, କନୌଜ ରାଉତ, ନିତ୍ୟାନନ୍ଦ ସାହୁ, ଭଗବାନ ମାଝୀଙ୍କ ସମେତ ବ୍ଲକର ୨୬ଗୋଟି ଗ୍ରାମପଞ୍ଚାୟତ ଅଞ୍ଚଳରୁ ୩୦୦ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ । କଂଗ୍ରେସ ନେତା ଚାଞ୍ଚେର ମାଝୀ ଓ ଲାଞ୍ଜିଗଡ଼ ବ୍ଲକ କଂଗ୍ରେସ ସଭାପତି ହରିହର କୁମାରଙ୍କ ନେତୃତ୍ୱରେ ଆୟୋଜିତ ସତ୍ୟାଗ୍ରହ କାର୍ଯ୍ୟକ୍ରମରେ ବକ୍ତାମାନେ କେନ୍ଦ୍ରର ବିଜେପି ସରକାର ଏବଂ ମୋଦୀଙ୍କ ଉପରେ ପ୍ରବଳ ବର୍ଷିଥିଲେ ।

ଆନ୍ତର୍ଜାତିକ ନିଶା ନିବାରଣ ଦିବସ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଆନ୍ତର୍ଜାତିକ ନିଶାଦ୍ରବ୍ୟ ସେବନ କାରବାର ଓ ଅବୈଧ ଚାଲାଣ ନିରୋଧ ଦିବସ କଳାହାଣ୍ଡି ଅବକାରୀ ବିଭାଗ ପକ୍ଷରୁ ପାଳିତ ହିଇଯାଇଛି । ଏହି ଅବସରରେ ଅବକାରୀ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ ଅନ୍ତର୍ଦୟ ଓ ଚାଇଲଡଲାଇନ୍ ପକ୍ଷରୁ ଏକ ସଚେତନତା ରାଲି କଳାହାଣ୍ଡି ଅବକାରୀ ବିଭାଗ କାର୍ଯ୍ୟାଳୟରୁ ବାହାରି ନିଶାଦ୍ରବ୍ୟ ସେବନ ଓ ଏହାର ଆପକାରିତା ସମ୍ପର୍କରେ ଭବାନୀପାଟଣା ସହର ପରିକ୍ରମା କରି ଜନସଚେତନତା କରିଥିଲେ । ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ଶରତ କୁମାର ଶ୍ରୀଚନ୍ଦନ ଯୋଗଦେଇ ସଚେତନତା ରାଲିକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିବା ବେଳେ ଜିଲ୍ଲା ଅବକାରୀ ଅଧିକ୍ଷକ ଦଣ୍ଡପାଣି ବେହେରା, ଅବକାରୀ ଇନ୍ସପେକଟର ସୁଶାନ୍ତ ପ୍ରଧାନ, ଲଳିତ ମୋହନ, ତିଳକରାମ ନାଏକ, ବିଶ୍ୱଜିତ ଆରୁଖ, ଅଶୋକ କୁମାର ସାହୁ, ଅନ୍ତଦୟର ଅଧକ୍ଷ ଦିଲ୍ଲୀପ କୁମାର ଦାସ, ଓ ଚାଇଲଡଲାଇନ୍‌ର ସଦସ୍ୟମାନେ ସାମିଲ ହୋଇ ସମାଜରୁ ନିଶାଦ୍ରବ୍ୟ ସେବନ ଓ ଅବୈଧ ଚାଲାଣ ଉପରେ ଜନସଚେତନତା କରିଥିଲେ ।

ବରିଷ୍ଠ ନାଗରିକଙ୍କ ଚକ୍ଷୁ ପରୀକ୍ଷା ଶିବିର

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ବରିଷ୍ଠ ନାଗରିକ ସଂଘ ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବରିଷ୍ଠ ନାଗରିକମାନଙ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କସ୍ତୁରୀ ମିଶ୍ର ମୁଖ୍ୟ ଅତିଥି ଓ ଚକ୍ଷୁ ବିଶେଷଜ୍ଞ ଡାକ୍ତର ନିବେଦିତା ସାହୁ ସମ୍ମାନ ଅତିଥି ଭାବରେ ଯୋଗଦେଇଥିବା ବେଳେ ବରିଷ୍ଠ ନାଗରିକ ସଂଘର ସଭାପତି ଭାଗିରଥି ଭୋଇ ଅଧ୍ୟକ୍ଷତା କରିଥିଲେ । ସଂଘର ସାଧାରଣ ସମ୍ପାଦକ ଭାରତ ଭୂଷଣ ଚଳାନ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଏହି ଶିବିରକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀ ଜିତେନ୍ଦ୍ର କୁମାର ଷାଠିଆ, ଲଳିତ ପଟ୍ଟନାୟକ ଓ ଯୁଧିଷ୍ଠିର ପାତ୍ର ପରିଚାଳନା କରିଥିବା ବେଳେ ସଂଘର ସନ୍ତୋଷ କୁମାର ଦାଶ, କୃଷ୍ଣ କୁମାର ଯୋଷୀ, ଶେଷଧର ନାଗ, ଶାନ୍ତନୁ କୁମାର ମଣ୍ଡ, ଶରତ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ । ସଂଘର ଯୁଗ୍ମ ସମ୍ପାଦକ ଲଛିଆ ପାତ୍ର ଧନ୍ୟବାଦ ଦେଇଥିଲେ ।

ଶିକ୍ଷା ବିଭାଗର ନିର୍ଦ୍ଦେଶନାମାକୁ ବେଖାତିର

ନର୍ଲା, (ଭାସ୍କର ନ୍ୟୁଜ୍): ଲେବୁଲ ଫୋରରେ ପଦନ୍ନୋତି ପାଇଥିବା ସିଆର୍‌ସିସିମାନଙ୍କୁ କାଢି ନୂତନ ସିଆର୍‌ସିସି ନିଯୁକ୍ତି କରିବା ପାଇଁ ଓଡ଼ିଶା ସ୍କୁଲ ଏଜୁକେସନ ପ୍ରୋଗ୍ରାମ ଅଥୋରିଟିଙ୍କ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଏହାକୁ ନର୍ଲା ଶିକ୍ଷା ବିଭାଗର କର୍ମଚାରୀ ଅଣଦେଖା କରିବା ସହ ନିର୍ଦ୍ଦେଶନାମାକୁ ଭୁଲି ଯାଉଥିବା ପରିଲକ୍ଷିତ ହେଉଛି । ଏଠାରେ ସୂଚନା ଯୋଗ୍ୟ, ପଲମ ସିଆର୍‌ସିସି ବିପ୍ର ବର୍ଗର୍ତ୍ତି ପାଞ୍ଚ ବର୍ଷ ପର୍ଯ୍ୟନ୍ତ ସିଆର୍‌ସିସି ରୂପେ ନିଯୁକ୍ତି ପାଇ କାର୍ଯ୍ୟ ତୁଲାଇଥିବା ବେଳେ ପୁଣି ଥରେ କେଉଁ ସ୍ୱାର୍ଥ ଉଦ୍ଦେଶ୍ୟରେ ତାଙ୍କୁ ନିଯୁକ୍ତି ଦିଆଯାଇଛି ତାହା ନର୍ଲା ଶିକ୍ଷା ବିଭାଗର କାର୍ଯ୍ୟଧାରାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଓଡ଼ିଶା ସ୍କୁଲ୍ ଏଜୁକେଶନ ପ୍ରୋଗ୍ରାମ ଅଥୋରିଟିଙ୍କ ନିର୍ଦ୍ଦେଶ କ୍ରମେ ୫ ବର୍ଷ ସିଆର୍‌ସିସି ରହିଲା ପରେ ଜଣେ ଶିକ୍ଷକଙ୍କୁ ଏହି ପଦରୁ ଅବ୍ୟାହତି ଦିଆଯିବା ବ୍ୟବସ୍ଥା ରହିଛି ଓ ପୁଣି କୌଣସି ସ୍କୁଲରେ ଶିକ୍ଷାଦାନ ପାଇଁ ନିଯୁକ୍ତି ବ୍ୟବସ୍ଥା ରହିଛି । କିନ୍ତୁ ପଲମ କ୍ଲଷ୍ଟରରେ ପାଞ୍ଚ ବର୍ଷ ସିଆର୍‌ସିସି ଥିବା ବିପ୍ର ବର୍ଗର୍ତ୍ତିଙ୍କୁ ପୁଣି ସିଆର୍‌ସିସି ରୂପେ ନିଯୁକ୍ତି କରିଥିବାକୁ ନେଇ କ୍ଲଷ୍ଟର ସ୍ତରରେ ଓ ବ୍ଲକ ସ୍ତରରୁ ଚର୍ଚ୍ଚା ହେଉଛି । ଶିକ୍ଷା ବିଭାଗର ଲେଟର ନଂ ୬୦/୪୦/ପେଡ/୨୨/୨୧/୫/୨୨ ଅନୁସାରେ ଗତ ମେ ମାସରୁ ଜୁନ ମାସ ମଧ୍ୟରେ ନୂତନ ସିଆରସିସି ନିଯୁକ୍ତି ପାଇ ସୂଚନା ହୋଇଛି । ତେବେ ନର୍ଲା ଶିକ୍ଷା ବିଭାଗର କର୍ମଚାରୀ ଏଥିରେ ଅଣଦେଖା କରୁଥିବା ଦେଖାଯାଇଛି ।

ଏସ୍‌ଏଚ୍‌ଜି ମହିଳାଙ୍କ ହାତକୁ ଯିବ ଆହାର କେନ୍ଦ୍ର

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଜିଲ୍ଲାରେ ୨୦୧୫ରୁ ଚାଲି ଆସିଥିବା ସରକାରଙ୍କ 'ଆହାର' ଯୋଜନାର ଆହାର କେନ୍ଦ୍ର ପରିଚାଳନା ଦାୟିତ୍ୱ ମଧ୍ୟ ଭବାନୀପାଟଣା ଏସ୍‌ଏଚ୍‌ଜିଙ୍କୁ ପ୍ରଦାନ କରାଯାଇଛି । ଏହା ପୂର୍ବରୁ ମାନା ଟ୍ରଷ୍ଟ ଏହାର ପରିଚାଳନା କରୁଥିଲା । ଇତିମଧ୍ୟରେ ମାନା ଟ୍ରଷ୍ଟଠାରୁ ପରିଚାଳନା ଦାୟିତ୍ୱ ଅପସାରଣ କରାଯାଇ ଏସ୍‌ଏଚ୍‌ଜିଙ୍କୁ ପ୍ରଦାନ ଦେବା ପ୍ରକ୍ରିୟା ଆରମ୍ଭ ହୋଇଛି । ଏହା ଦ୍ୱାରା ଖାଦ୍ୟରମାନ ଠିକ୍ ରହିବା ସହ ରୋଷେଇ ଶାଳ ବ୍ୟବସ୍ଥିତ ରହିବ ଓ ପରିଚାଳନା ଗତ ସ୍ୱଚ୍ଛତା ବଜାୟ ରହିବ ବୋଲି ଭବାନୀପାଟଣା ପୌର ନିର୍ବାହୀ ଅଧିକାରୀ ବଳୟ ଦେହୁରୀ ଆଶା ପ୍ରକଟ କରିଛନ୍ତି । ସୂଚନାମତେ, ଭବାନୀପାଟଣାରେ ଦୁଇଟି ଆହାର କେନ୍ଦ୍ର ଚାଲିଥିବା ବେଳେ ୬ଶହ ଜଣଙ୍କ ପାଇଁ ରନ୍ଧା ଖାଦ୍ୟ ପ୍ରସ୍ତୁତ କରାଯାଉଛି । ସେହିପରି କେସିଙ୍ଗାସ୍ଥିତ ଆହାର କେନ୍ଦ୍ର ପାଇଁ ୫୦୦, ଧର୍ମଗଡ଼ ଆହାର କେନ୍ଦ୍ରକୁ ୩୦୦ ଓ ଜୁନାଗଡ଼ ଆହାର କେନ୍ଦ୍ରକୁ ୩୦୦ଜଣଙ୍କ ଖାଦ୍ୟ ଭବାନୀପାଟଣାରେ ପ୍ରସ୍ତୁତ କରାଯାଇ ଯୋଗାଇ ଦିଆଯାଉଛି । ତେବେ ଆଗାମୀ ଦିନରେ ଏହି ବ୍ୟବସ୍ଥାକୁ ଆହୁରି ଶୃଙ୍ଖଳିତ କରାଯିବା ସହ ଚାରି ସରାଞ୍ଚଳରେ ଆହାର ପ୍ରସ୍ତୁତ କରିବାକୁ ଯୋଜନା ହେଉଥିବା ଜଣାଯାଇଛି । ପ୍ରକାଶ ଯେ, ରାଜ୍ୟ ସରକାର ମିଶନ ଶକ୍ତିକୁ ପ୍ରାଧାନ୍ୟ ଦେଇ ଆସୁଛନ୍ତି । ମିଶନ ଶକ୍ତି ଅଧିନ ଏସ୍‌ଏଚ୍‌ଜିଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରାଯାଇଛି । ଏସ୍‌ଏଚ୍‌ଜି ମହିଳାଙ୍କୁ ଆତ୍ମନିର୍ଭରଶୀଳ, ସ୍ୱାବଲମ୍ବୀ କରିବା ସହ ସେମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି ଏବଂ ରାଜ୍ୟର ବିକାଶ ଧାରାରେ ସହଭାଗିତାକୁ ଗୁରୁତ୍ୱ ଦିଆଯାଉଛି । ଏହି କ୍ରମରେ ଯୋଡି ହୋଇଛନ୍ତି କଳା ହାଣ୍ଡି ଜିଲ୍ଲାର ବିଭିନ୍ନ ଏସ୍‌ଏଚ୍‌ଜି । ଜିଲ୍ଲାରେ ପୂର୍ବରୁ ମଣ୍ଡି ଦାୟିତ୍ୱ , ଭବାନୀପାଟଣାରେ ମୁକ୍ତା ଯୋଜନାରେ ବିଭିନ୍ନ ପ୍ରକଳ୍ପର ନିର୍ମାଣ ଦାୟିତ୍ୱ ଏସ୍‌ଏଚ୍‌ଜିଙ୍କୁ ଦିଆଯାଇଛି ।

ବିଜେପିର କଳାଦିବସ ପାଳନ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଭାରତୀୟ ଜନତା ପାର୍ଟି ଜିଲ୍ଲା କାର୍ଯ୍ୟଳୟେର ଜିଲ୍ଲା ସଭାପତି ଦେବେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜୁନ ୨୫ ତାରିଖକୁ କଳା ଦିବସ ରୂପେ ପାଳନ କରାଯାଇଛି । ୧୯୭୫ ମସିହା ଜୁନ ୨୫ ତାରିଖେର କେନ୍ଦ୍ର କଂଗ୍ରେସ ସରକାର ତତ୍‌କାଳିନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଦେଶେର ଜରୁରୀ ପରିସ୍ଥିତି ଫ୍ୟୁମ୍ କଲେ, ଏହା ଦ୍ୱାରା ସାଧାରଣ ଲୋକଙ୍କ ମୌଳିକ ଅଧିକାର କ୍ଷୁର୍ଣ୍ଣ ହେଲା । ଗଣତନ୍ତ୍ରର କଣ୍ଠରୋଧ କରାଗଲା । ସରକାର ସମସ୍ତ ବିରୋଧି ଦଳ ନେତାମାନଙ୍କୁ ଜେଲେର ଭର୍ତ୍ତି କେଲ ଏବଂ ଦେଶେର ଆଇନ ଶୃଙ୍ଖଳା ପରିସ୍ଥିତି ଦୁର୍ବିସହ ହେଲା । ଅନେକ ଜନସଂଘର ନେତାମାନେ ଏହାର ତିବ୍ର ବିରୋଧ କଲେ ଏବଂ କାରାବରଣ କଲେ ଏହି ସମୟରେ କଳାହାଣ୍ଡି ଜିଲ୍ଲାରୁ ମଧ୍ୟ ଅନେକ ଜନସଂଘର ନେତାମାନେ ଗିରଫ ହୋଇ କାରାବରଣ କଲେ । ସେ ସମୟରେ କାରାବରଣ କରିଥିବା ଜିଲ୍ଲାର ବରିଷ୍ଠନେତା ସୁନୀଲ କୁମାର ବେହେରା ଓ ବେଦ ପ୍ରକାଶ ଗୋଏଲଙ୍କୁ ବିଜେପି. ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସମ୍ପାଦକ ସୁଧିର ପଟ୍ଟଯୋଷୀ, ଜୟଶଙ୍କର ନାଏକ, ଜିଲ୍ଲା ଉପସଭାପତି ପ୍ରଶାନ୍ତ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭବେନ୍ଦ୍ର ପଣ୍ଡା, ରମେଶ ମାଝୀ, ବରିଷ୍ଠ ନେତା ଭାରତ ଦେଓ, ସମ୍ପାଦକ ପ୍ରେମନାଥ ନାଏକ, ଯୁବ ମୋର୍ଚ୍ଚା ସଭାପତି ବିଜୟଦେବ ସାହୁ, ମହିଳାନେତ୍ରୀ ସେନ୍ତାଷୀ ଦାଶ, ସୋଭାଗିନୀ ପାତ୍ର, ଟି. ସୁଜାତା, ଭାମା ବେମାଲ, ଗୀତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ଇପିଏଫ୍ ପେନ୍‌ସନ୍ ଦାବିରେ ପ୍ରଧାନମନ୍ତ୍ରୀଙ୍କୁ ପୋଷ୍ଟକାର୍ଡ ପ୍ରେରଣ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଅଲ୍ ଓଡିଶା ଇପିଏଫ୍ ପେନସନ୍ ସଂଘ କଳାହାଣ୍ଡି ଜିଲ୍ଲା ତିନି ଦଫା ଦାବି ନେଇ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଅଭିନବ ଉପାୟରେ ପୋଷ୍ଟକାର୍ଡ ପଠାଇଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ସର୍ବ ନିମ୍ନ ମାସିକ ପେନ୍‌ସନ୍ ଟ. ୯୦୦୦ + ଡିଏ ପ୍ରଦାନ, ଉଚ୍ଚ ବେତନ ଅନୁସାରେ ପେନ୍‌ସନ୍ ଦେବା, ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଅବଗତି ନିମନ୍ତେ ଭବାନୀପାଟଣାରୁ ୩୦୦ରୁ ଊର୍ଦ୍ଧ୍ୱ ପୋଷ୍ଟ କାର୍ଡ ପଠାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ଉଠା ଜଳ ସେଚନ ନିଗମ, ରାଜ୍ୟ ପରିବହନ ନିଗମ, ଆଗ୍ରୋ ଇଣ୍ଡଷ୍ଟ୍ରିଜ କର୍ପୋରେସନ୍, ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କ, ଫରେଷ୍ଟ କର୍ପୋରେସନ୍, କୋଣାର୍କ ସ୍ପିନିଙ୍ଗ ମିଲ୍, ଓସିସିଏଫ୍‌ର କର୍ମକର୍ତ୍ତା ଏକତ୍ରିତ ହୋଇ ଜିଲ୍ଲା ସଭାପତି ବୈଦ୍ୟନାଥ ଦାଶ, ସମ୍ପାଦକ ଚକ୍ରଧର ପଣ୍ଡା, ଉପ ସଭାପତି ଅଶୋକ କୁମାର ଦାସ, ଉପ ସଭାପତି ଡମ୍ବରୁଧର ବାହିନୀପତି, କୋଷାଧକ୍ଷ ଘନଶ୍ୟାମ ମେହେର, ଉପଦେଷ୍ଟା ରାଜାକ ମହମ୍ମଦ, କୃଷ୍ଣ ଚନ୍ଦ୍ର ସାହୁ, ସାରଙ୍ଗ ଧର ମହାରଣା, ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

ରାଶିଫଳ

ମଙ୍ଗଳବାର, ୨୮ ଜୁନ୍ ୨୦୨୨

ମେଷ: ଆଧ୍ୟାତ୍ମିକ ଭାବଧାରାକୁ ପରିପୁଷ୍ଟ କରିବେ । ଶାନ୍ତ ଓ ସୁଶୀଳତାର ଝଲକରେ ଆତ୍ମୀୟସ୍ୱଜନଙ୍କ ମନ କିଣି ନେଇପାରନ୍ତି । କିନ୍ତୁ ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ । ଯାନବାହନ କିମ୍ବା ଯାନ୍ତିକ

ଭଞ୍ଜନଗର, (ଭାସ୍କର ନ୍ୟୁଜ): ପଞ୍ଚଗାଲେରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଗଞ୍ଜାମ, ବ୍ରହ୍ମପୁରଙ୍କ ନିର୍ଦ୍ଦେଶ କ୍ରମେ ଆର୍ଟ ଗ୍ୟାଲେରୀ, ନିଉଜ କର୍ନର, ୱାଲ ମାଗାଜିନ୍ ପ୍ରଧାନଶିକ୍ଷକ ଶ୍ରୀ ଅରୁପ କୁମାର ମହାପାତ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନ ସମାରୋହକୁ ଶିକ୍ଷୟିତ୍ରୀ ଉଷାରାଣୀ ବିଶ୍ୱାଳ ସଂଯୋଜନା କରିଥିଲେ । ପ୍ରଧାନ ଶିକ୍ଷକ ମହାପାତ୍ର ଶିକ୍ଷାର୍ଥୀମାନଙ୍କୁ ଜୀବନରେ ସୃଜନଶୀଳ ହେବାପାଇଁ ଓ ନିଜକୁ କାଳୋପଯୋଗୀ କରିବାପାଇଁ ସମ୍ବାଦପତ୍ର ଓ ପତ୍ରିକା ନିୟମିତ ପଢ଼ିବା ଜରୁରୀ ବୋଲି ବୁଝାଇଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଆଦିତ୍ୟପ୍ରସାଦ ତ୍ରିପାଠୀ, ସତ୍ୟନାରାୟଣ ଶତପଥୀ, ସୁବାଷ ଚନ୍ଦ୍ର ମଲ୍ଲିକ, ସୁଶିଲ କୁମାର ସାହୁ, ଗୋପାଳକୃଷ୍ଣ ଦଳବେହେରା, ଦିବ୍ୟଜ୍ୟୋତି ପ୍ରଧାନ, ଶେଷଦେବ ପଣ୍ଡା, ସାଗର ମହାରଣା, ପ୍ରଦୀପ ମଲ୍ଲିକ ସହ ଶିକ୍ଷୟିତ୍ରୀ ଉଷାରାଣୀ ସାମନ୍ତ ଆଦି ସହଯୋଗ କରିଥିଲେ । ସରକାରଙ୍କ ଏହି ପଦକ୍ଷେପ ବାସ୍ତବରେ ସ୍ୱାଗତଯୋଗ୍ୟ ।

ବ୍ରଜନଗର ଉନ୍ନୟନ ପରିଷଦର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ): ସହର ତଳି ଅଞ୍ଚଳ ବ୍ରଜନଗରରେ ବ୍ରଜନଗର ଉନ୍ନୟନ ପରିଷଦର ଏକ ସ୍ୱତନ୍ତ୍ର ବୈଠକ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ବହୁ ଦିନର ବ୍ୟବଧାନରେ ଆୟୋଜିତ ହୋଇଥିବା ଏହି ବୈଠକରେ ବ୍ରଜନଗରରେ ଲାଗି ରହିଥିବା ରାସ୍ତା ଘାଟ, ଡ୍ରେନ, ଷ୍ଟ୍ରିଟ୍‌ଲାଇଟ ଏବଂ ପରିମଳ ବ୍ୟବସ୍ଥା ନେଇ ଆଲୋଚନା କରାଯିବା ସହ ଉନ୍ନୟନ ସମ୍ବନ୍ଧୀୟ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ବୈଠକକୁ ପରିଷଦର ସଭାପତି ଶିବ ପ୍ରସାଦ ମିଶ୍ର ସଭାପତିତ୍ୱ କରିଥିଲାବେଳେ ସମ୍ପାଦକ ସଞ୍ଜୀବ କୁମାର ପଟ୍ଟନାୟକ ବୈଠକର କାର୍ଯ୍ୟସୂଚୀ ରଖିଥିଲେ । ପ୍ରାରମ୍ଭରେ ପରିଷଦର ବରିଷ୍ଠ ସଦସ୍ୟ କୃଷ୍ଣଚରଣ ଦାସଙ୍କ ଅକାଳ ବିୟୋଗରେ ଦୁଇମିନଟ ନୀରବ ପ୍ରାର୍ଥନା ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପାର୍ଥନା କରାଯାଇଥିଲା । ଆଜିର ବୈଠକରେ ନିଆଯାଇଥିବା ପ୍ରମୁଖ ପ୍ରସ୍ତାବିତ ବିଷୟ ଗୁଡ଼ିକ ମଧ୍ୟରୁ ପରିଷଦ ତରଫରୁ ଶୋଚନୀୟ ହୋଇଯାଇଥିବା ପରିମଳ ବ୍ୟବସ୍ଥାକୁ ନିଜସ୍ୱ ଉଦ୍ୟମରେ ଘରୋଇ ସଂସ୍ଥା ନିଯୁକ୍ତି ମାଧ୍ୟମରେ ସଜଡ଼ା ଯିବାର ନିଷ୍ପତ୍ତି ପ୍ରମୁଖ ଅଟେ । ପଞ୍ଚାୟତ କିମ୍ବା ମହାନଗର ନିଗମ ଉକ୍ତ ଅଞ୍ଚଳକୁ ସଫେଇ କିମ୍ବା ଅଳିଆ ଆବର୍ଜନା ସଂଗ୍ରହ କରିବାରେ ଆଗ୍ରହ ଦେଖାଉନଥିବାରୁ ବର୍ଷା ଦିନର ଆଗମନକୁ ଦୃଷ୍ଟିରେ ରଖି ଏବଂ ତତ୍‌ଜନିତ ମଶା, ମାଛି ଓ ବିଭିନ୍ନ ରୋଗର ପାଦୃଭବରୁ ରକ୍ଷା ପାଇବା ନିମନ୍ତେ ନିଜସ୍ୱ ଉଦ୍ୟମ ଏବଂ ଖର୍ଚ୍ଚାନ୍ତରେ ବ୍ରଜନଗର ରାସ୍ତା ଘାଟ, ଡ୍ରେନ ସଫେଇ ସହ ପ୍ରତେକ ଘରୁ ନିୟମିତ ଆବର୍ଜନା ସଂଗ୍ରହ କରାଯାଇ ପରିମଳ ବ୍ୟବସ୍ଥାକୁ ସଜଡ଼ା ଯିବାର ନିଷ୍ପତ୍ତି ନିଆଗଲା । ସେହିଭଳି ପ୍ରତ୍ୟେକ ଘରର ନମ୍ବରିଂ ସହ ପ୍ରତି ସାହିରେ ଚିହ୍ନଟ ବୋର୍ଡ ଲଗାଯିବର ପ୍ରସ୍ତାବ ଗ୍ରହଣ କରାଯାଇ ଥିଲା । ନୂତନ ଡ୍ରେନ ଓ ନଷ୍ଟ ହୋଇଯାଇଥିବା ରାସ୍ତାର ପୁନରନିର୍ମାଣ ନିମନ୍ତେ ବାରମ୍ବାର ଦାବି ଜଣାଗଲେ ମଧ୍ୟ ବ୍ଲକ କିମ୍ବା ପଞ୍ଚାୟତ ତରଫରୁ ଅର୍ଥ ଅଭାବର ଆଳ ଦେଖାଇ କାର୍ଯ୍ୟ କରାଯାଉନଥିବାରୁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା । ସେଭଳି ଷ୍ଟ୍ରିଟଲାଇଟ ଅଭାବରୁ ଅଞ୍ଚଳରେ ଅନେକ ଅଘଟଣ ଓ ଆସାମାଜିକ କାର୍ଯ୍ୟକଳାପ ଘଟୁଛି ତେଣୁ ତୁରନ୍ତ ଷ୍ଟ୍ରିଟଲାଇଟ ଲଗାଯିବା ନିମନ୍ତେ ଦାବି କରାଯାଇଥିଲା । ଲୋଚାପଡ଼ା ପଞ୍ଚାୟତକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ତୁରନ୍ତ ମହାନଗର ନିଗମରେ ସାମିଲ ନିମନ୍ତେ ସରକାର ପଦକ୍ଷେପ ନେବାକୁ ଦାବି କରାଯାଇଥିଲା । ଆଜିର ବୈଠକରେ ସଭାପତି ଓ ସଂପାଦକଙ୍କ ବ୍ୟତୀତ ଯୁଗ୍ମ ସମ୍ପାଦକଟି ସ୍ୱଦେଶ କୁମାର ପାତ୍ର, ସାଂଗଠନିକ ସମ୍ପାଦକ ଶ୍ରୀକାନ୍ତ ପଢିହାରି, କୋଷାଧକ୍ଷ ବି ଭି ସାଗର, ସଂଯୋଜକ ଶ୍ରୀମନ୍ତ ପାଣିଗ୍ରାହୀଙ୍କ ସହ ଗଣେଶ ଦାସ, ପ୍ରଫେସର ରଙ୍ଗ ନାଥ ମିଶ୍ର, ଡିପି ଦୋରା, ଏମ ତାରେକସ୍ୱର ଦୋରା, ରାଜୁ ସାହୁ, ରାଧା ଚରଣ ସାହୁ, ଲକ୍ଷ୍ମଣ ଜେନା, କୁମାରସ୍ୱାମୀ ପାତ୍ର, ଡ ପ୍ରବୀଣ କୁମାର ପାଢ଼ୀ, ପ୍ରମୋଦ ଚନ୍ଦ୍ର ପାଢ଼ୀ, ଲିଙ୍ଗରାଜ ସାବତ, ଗରିବ ବନ୍ଧୁ ପାଣିଗ୍ରାହୀ, ପ୍ରଶାନ୍ତ କୁମାର ଦାସ, ଏସ୍ ଡ଼ାଲେୟା ଦାସ, ଟିଏନ୍ ଆଚାର୍ଯ୍ୟ, ଇଏଲ୍ ମୂର୍ତ୍ତି, ବିଜୟ ଅଧିକାରୀ ଓ ବୃନ୍ଦାବନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ପରିଶେଷରେ ସଙ୍ଗଠନ ସମ୍ପାଦକ ଶ୍ରୀକାନ୍ତ ପଢ଼ାହାରି ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରଧାନ ଶିକ୍ଷକଙ୍କ ନାମରେ ଆସିଥିବା ଅଭିଯୋଗ ଅମୂଳକ

କେନ୍ଦ୍ରାପଡ଼ା,(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ନିକିରାଇସ୍ଥିତ ମହାବୀର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ପାର୍ଥସାରଥୀ ବେହେରାଙ୍କ ନାମରେ ଯେଉଁସବୁ ଅଭିଯୋଗ ଆସିଥିଲା ସେଗୁଡିକ ଅମୂଳକ ଥିଲା ବୋଲି ବିଦ୍ୟାଳୟ ମୋ ସ୍କୁଲ ଅଭିଯାନର ସଭାପତି ପ୍ରଭାତ କୁମାର ଉଡ଼ାନସିଂ ଓ ସରପଞ୍ଚ ଅପର୍ଣା ଉଡ଼ାନସିଂଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ମତବ୍ୟକ୍ତ କରିଥିଲେ । ମୋ ସ୍କୁଲ ଅଭିଯାନର ସଭାପତି ଶ୍ରୀ ଉଡ଼ାନସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ତାହାକୁ ବିଦ୍ୟାଳୟ ପରିଚାଳନା ସମିତି, ରୋଷେଇ କମିଟି ଓ ମୋ ସ୍କୁଲ ଅଭିଯାନ କମିଟିର ସମସ୍ତ ସଦସ୍ୟ ଗ୍ରହଣ କରିଥିଲେ । ଏହି ବୈଠକରେ ପାଠ ପଢାରେ ସ୍ୱଚ୍ଛତା ରକ୍ଷା କରାଯିବ, ଶିକ୍ଷକ ଅଭାବ ପୂରଣ କରାଯିବ, ସ୍ୱୟଂ ସହାୟିକା ଗୋଷ୍ଠି କରୁଥିବା ମଧ୍ୟାହ୍ନ ଭୋଜନ ଖାଦ୍ୟର ମାନ ଉନ୍ନତ କରାଯିବ, ନୂତନ ଭାବେ ରୋଷେଇ ଘର ନିର୍ମାଣ କରିବା, ନବମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୩୨ ଜଣ ପିଲାଙ୍କ ମଧ୍ୟରୁ ୫ଶହରୁ ଅଧିକ ନମ୍ବର ରଖିଥିବା ୯ଜଣ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ବୈଠକରେ ମୋ ସ୍କୁଲ ଅଭିଯାନର ସଭାପତି ତଥା ସରପଞ୍ଚଙ୍କ ପ୍ରତିନିଧି ପ୍ରଭାତ କୁମାର ଉଡ଼ାନସିଂହ, ଚିତ୍ତରଞ୍ଜନ ଜେନା, ରବିନ୍ଦ୍ର ସାହୁ, ତ୍ରିବିକ୍ରମ ଶତପଥୀ, ବସନ୍ତ ରାଉତ, ସୁଶାନ୍ତି ରଣା, ଅଜାମ୍ବର ଜେନା, ଚୌଧୁରୀ ଜେନା, ଖଗେଶ୍ୱର ଦାସ, ପରିଚାଳନା ସମିତି ସଭାପତି ହେମନ୍ତ ମଲ୍ଲିକ, ସନ୍ତୋଷ କୁମାର ଜେନା, ଦୁଃଶାସନ ଜେନା, ଚିନ୍ମୟ ବାରିକ, ଅନ୍ନପୂର୍ଣ୍ଣା ସେଠୀ, ଟୁକୁନି ଚରଣ ମଲ୍ଲିକ, ପୁଷ୍ପଲତା ମଲ୍ଲିକ, ସୁଷମା ମଲ୍ଲିକ, ବାବନା ମଲ୍ଲିକ, ଦମୟନ୍ତି ମଲ୍ଲିକ, ସଞ୍ଜୁକ୍ତା ମଲ୍ଲିକ, ନିରୁପମା ମଲ୍ଲିକ, ଉତ୍ତମ ମଲ୍ଲିକ, ରଞ୍ଜନ ମଲ୍ଲିକଙ୍କ ସମେତ ଅନ୍ୟ ଗ୍ରାମବାସୀମାନେ ଉପସ୍ଥିତ ଥିଲେ । ଏହି ନିଷ୍ପତ୍ତି ଜିଲ୍ଲାପାଳଙ୍କୁ ଜଣାଇ ଦିଆଯିବ ବୋଲି ବୈଠକରେ ସ୍ଥିର କରାଗଲା । ପ୍ରଧାନ ଶିକ୍ଷକ ପାର୍ଥସାରଥୀ ବେହେରାଙ୍କ ଅବଦାନ ଯୋଗୁଁ ଚଳିତ ବର୍ଷ ବିଦ୍ୟାଳୟ ପ୍ରକୃତି ମିତ୍ର ପୁରସ୍କାର ସହ ୨୦ହଜାର ଟଙ୍କା ଓ ମାନପତ୍ର ପାଇଥିବାରୁ ପ୍ରଧାନ ଶିକ୍ଷକଙ୍କୁ ସମସ୍ତ କର୍ମକର୍ତ୍ତା ବଧେଇ ଜଣାଇଥିଲେ ।

ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅଭିଯୋଗ ଶୁଣାଣି

ଭଞ୍ଜନଗର,(ଭାସ୍କର ନ୍ୟୁଜ୍): ଭଞ୍ଜନଗର ଉପଖଣ୍ଡସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନ ସମାଧାନ ସୋମବାର ଅନୁଷ୍ଠିତ ହୋଇଯାଇଛି । ଭଞ୍ଜନଗର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଭଞ୍ଜନଗର ଉପଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ଉପସ୍ଥିତ ରହି ସର୍ବପ୍ରଥମେ ଭିନ୍ନକ୍ଷମମାନଙ୍କ ଅଭିଯୋଗ ଏବଂ ପରେ ସାଧାରଣ ଅଭିଯୋଗଗୁଡିକର ଶୁଣାଣି କରିଥିଲେ । ସମ୍ପ୍ରଦାୟ ୧୪ଟି ପତ୍ର ଉପଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ ଗ୍ରହଣ କରିଥିଲେ । ଦିବ୍ୟାଙ୍ଗମାନଙ୍କ ନିକଟରୁ ୨ଟି ଅଭିଯୋଗ ପତ୍ର ଆସିଥିଲା ବେଳେ ୧୨ଟି ସାଧାରଣ ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି । ଏହି ଅଭିଯୋଗ ଶୁଣାଣି ସମୟରେ ଭଞ୍ଜନଗର ସହାୟକ ଜିଲ୍ଲାପାଳ ସଞ୍ଜୟ କୁମାର ସାହୁ ସମେତ ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ ।

ଚିତି ସାପ କାମୁଡାରେ ମହିଳା ଗୁରୁତର

ଭଞ୍ଜନଗର,(ଭାସ୍କର ନ୍ୟୁଜ୍): ବାଣିଆଁଗୋଛ ଥାନା ଅନ୍ତର୍ଗତ କୋଟିବାଡି ଗ୍ରାମର ଝୁଲତା ଗୌଡ ସାପ କାମୁଡାରେ ଗୁରୁତର ଅବସ୍ଥାରେ ଗାଲେରୀ ପରେ ଭଞ୍ଜନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଏଠାରେ ଝୁଲତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡଡାକ୍ତରଖାନାକୁ ସ୍ଥାନନ୍ତର କରାଯାଇଛି । ଖବର ନେବାରେ ଝୁଲତା ରାତ୍ରରେ ଖାଇସାରି ଶୋଇଥିବା ସମୟରେ ହଠାତ୍ ଏକ ବିଷଧର ଚିତିସାପ କାମୁଡି ଦେବା ପରେ ତାଙ୍କୁ ଆୟବୈଦିକ ଚିକିତ୍ସା କରାଯାଇଥିବା ବେଳେ ଝୁଲତାର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ଚିକିତ୍ସାଳୟକୁ ଅଣାଯାଇଥିଲା ।

ଆମ ପରିଚୟର ଆଧାର ହେଉଛନ୍ତି ଶିକ୍ଷକ: ଗଣଶିକ୍ଷା ମନ୍ତ୍ରୀ

ଭଦ୍ରକ, (ଭାସ୍କର ନ୍ୟୁଜ୍) : ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କେଉଁଝର, ମୟୁରଭଞ୍ଜ, ବାଲେଶ୍ୱର ପରେ ଓଡ଼ିଶାର ୪ର୍ଥ ଜିଲ୍ଲାଭାବେ ଭଦ୍ରକରେ ଆଜି ଆୟୋଜିତ ଜିଲ୍ଲାସ୍ତରୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସମ୍ମିଳନୀରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ମାର୍ଗ ଦର୍ଶନ ପୂର୍ବକ ସମ୍ମିଳନୀକୁ ଅତ୍ୟନ୍ତ ସଫଳ କରାଇଛନ୍ତି । ଶହୀଦ ସ୍ମୃତି ଭବନରେ ଉକ୍ତ ବିଭାଗର ଅତିରିକ୍ତ ଶାସନ ସଚିବ ସମିତ୍ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ଼ର ଅଧକ୍ଷ ତଥା ବିଧାୟକ ଚାନ୍ଦବାଲି ଡ଼. ବ୍ୟୋମକେଶ ରାୟ, ସାଂସଦ ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଞ୍ଜିବ କୁମାର ମଲ୍ଲିକ, ସଭାପତି ଜିଲ୍ଲା ପରିଷଦ ପ୍ରଫୁଲ୍ଲ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲା ବେଳେ ମଞ୍ଚାସୀନ ଡ଼ି.ଆର.ଡ଼ି.ଏ.ର ପ୍ରକଳ୍ପ ଅଧିକାରୀ ସ୍ୱାଗତ ଭାଷଣ ଓ ଜିଲ୍ଲା ଶିକ୍ଷାଧିକାରୀ ଜିଲ୍ଲାର ଶିକ୍ଷା ବିଭାଗର ସାମଗ୍ରୀକ ଚିତ୍ରପଟ୍ଟ ଉପସ୍ଥାପନ କରିଥିଲେ । ବିଦ୍ୟାଳୟ ରୂପାନ୍ତରଣ ସାଙ୍ଗକୁ ପ୍ରଧାନ ଶିକ୍ଷକ ଓ ସମସ୍ତ ଶିକ୍ଷକମାନେ ନିଜକୁ ରୂପାନ୍ତର କରି ଗୁଣାତ୍ମକ ଶିକ୍ଷାଦାନ ସହ ସ୍କୁଲ ପରିବେଶକୁ ସୁନ୍ଦର କରିବାକୁ ସମସ୍ତ ଅତିଥି ପରାମର୍ଶ ଦେଇଥିଲେ । ସମ୍ମିଳନୀରେ ସାମିଲ କରାଯାଇଥିବା ୧୭୫ ସରକାରୀ ହାଇସ୍କୁଲର ପ୍ରଧାନଶିକ୍ଷକ/ ଶିକ୍ଷୟିତ୍ରୀ, ଜିଲ୍ଲାର ୧୩୮ ସିଆର୍‌ସିସି, ବିଇଓ, ଏବିଇଓ ଆଦି ଅଧିକାରୀମାନଙ୍କ ଉଦ୍ଦେଶ୍ୟରେ ଦିଗ୍‌ଦର୍ଶନ ଦେବାକୁ ଯାଇ ମନ୍ତ୍ରୀ ଶ୍ରୀଯୁକ୍ତ ଦାସ ଗଣଶିକ୍ଷା ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ଦିଗ ଗୁଡ଼ିକ ଉପରେ ଆଲୋକପାତ କରିଥିଲେ । ବକ୍ତବ୍ୟ ପ୍ରସଙ୍ଗରେ ସେ କହିଥିଲେ ସମାଜରେ ଆମେ ଯିଏ ଯାହା ବି ପରିଚୟ ପାଇଛୁ ସବୁରି ମୂଳରେ ଶିକ୍ଷକ ମାନଙ୍କ ଦାନ ଅତୁଳନୀୟ । ଆମେ ଆଖି ବୁଜିଲେ ଯେପରି ଆମର ମହାନ ଶିକ୍ଷକମାନଙ୍କର ପ୍ରତିଛବି ମନରେ ଆଙ୍କି ହୋଇଯାଉଛି ଆଜିର ଶିକ୍ଷକମାନେ ଏମିତି ଛାତ୍ର ତିଆରି କରନ୍ତୁ ଭବିଷ୍ୟତରେ ସେ ଆଖିବୁଜିଲା ବେଳେ ଯେପରି ଶିକ୍ଷକଙ୍କ ମୁହଁ ଦେଖାଯିବ । ସର୍ବ ଭାରତୀୟ ଶିକ୍ଷାମନ୍ତ୍ରୀ ସମ୍ମିଳନୀରେ ଓଡ଼ିଶାର "ମୋ ସ୍କୁଲ" ଯୋଜନା ଉଚ୍ଚ ପ୍ରଶଂସିତ ହେବା ଆଧାରରେ ଭଦ୍ରକ ଜିଲ୍ଲାର ବାକି ରହିଥିବା ହାଇସ୍କୁଲ ଓ ପ୍ରାଇମେରୀ ସ୍କୁଲରେ ମୋ ସ୍କୁଲ ଯୋଜନା ସହିତ ଯୋଡ଼ିବା ପାଇଁ ବିଇଓଙ୍କୁ ଯଥାଶୀଘ୍ର ପଦକ୍ଷେପ ନେବା ପାଇଁ ମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଥିଲେ । ସୂଚନାଯୋଗ୍ୟକି ଜିଲ୍ଲା ୩୦୧ ହାଇସ୍କୁଲରୁ ୨୭୪, ପ୍ରାଥମିକ ୧୫୫୦ ରୁ ୯୮୪ ସ୍କୁଲ ମୋ ସ୍କୁଲ ଯୋଜନରେ ସାମିଲ ହୋଇଛି । ରାଜ୍ୟସ୍ତରରେ ୨୭,୯୫୦ ପୁରାତନ ବିଦ୍ୟାର୍ଥୀଙ୍କୁ ଏହି ଯୋଜନାରେ ଯୋଡ଼ା ଯାଇ ୨୫ କୋଟି ୮୨ ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କା ମୋ ସ୍କୁଲ ଯୋଜନାରେ ମିଳି ପାରିଥିବା ସୂଚନା ପ୍ରଦାନ କରିଥିଲେ । ୨୦୧୬ରୁ ଆରମ୍ଭ କରାଯାଇଥିବା ମୁଖ୍ୟମନ୍ତ୍ରୀଙ୍କ ଡ୍ରିମ୍ ପ୍ରୋଜେକ୍ଟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବ୍ୟବସ୍ଥାରେ ନୂଆ ପ୍ରକଳ୍ପ ସମ୍ବନ୍ଧରେ ସୂଚନା ଦେବାକୁ ଯାଇ ମନ୍ତ୍ରୀ ଜଣାଇଥିଲେ ଯେ ଭୁବନେଶ୍ୱରର ଅନ୍ଧାରୁଆ ଠାରେ ଆଇକନ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରାଯାଉଛି । ଯେଉଁଥିରେ ଓଡ଼ିଶାର ୩୧୩ଟି ଆଦର୍ଶ ବିଦ୍ୟାଳୟର ବେଷ୍ଟ ୫୦୦ ବିଦ୍ୟାର୍ଥୀ ସେଠାରେ ଯୁକ୍ତ ଦୁଇ ଶିକ୍ଷା ଗ୍ରହଣ କରିବେ । ସର୍ବଭାରତୀୟ ସି.ବି.ଏସ୍.ଇ.ରେ ର୍ୟାଙ୍କ ମଧ୍ୟରେ ଓଡ଼ିଶାର ବଲାଙ୍ଗୀର ଓ ପାତ୍ରପଡ଼ା ଆଦର୍ଶ ବିଦ୍ୟାଳୟ ତାଲିକାଭୁକ୍ତ ହେବା ଆମ ପାଇଁ ଗୌରବର କଥା ବୋଲି କହିଥିଲେ । ବିଦ୍ୟାଳୟରେ ଶିକ୍ଷକ ଓ ପିଲାଙ୍କ ଅନୁପାତ ନେଇ ଜାତୀୟ ହାର ୩୨ ପିଲାଙ୍କୁ ଜଣେ ଶିକ୍ଷକ ଥିବା ବେଳେ ଭଦ୍ରକ ଜିଲ୍ଲାର ଚାନ୍ଦବାଲି ଓ ତିହିଡ଼ି ବ୍ଲକରେ ୨୮ ପିଲାଙ୍କୁ ଜଣେ ଓ ଅନ୍ୟ ବ୍ଲକ୍ ମାନଙ୍କରେ ୨୨ ପିଲା ଓ ୨୪ ପିଲାଙ୍କୁ ଜଣେ ଶିକ୍ଷକ ଥିବାରୁ ଶିକ୍ଷକ ଅଭାବ ନେଇ ଗୁରୁତର ସମସ୍ୟା ନଥିବ ବୋଲି ପ୍ରକାଶ କରିଥିଲେ । ୮୦ କୋଟି ଟଙ୍କା ବ୍ୟୟରେ ଶିକ୍ଷା ଭରଣା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଟେଣ୍ଡର ମାଧ୍ୟମରେ ୪୫ ଲକ୍ଷ ପିଲାଙ୍କ ଶିକ୍ଷା ଭରଣା ପାଇଁ ଟେଣ୍ଡରଧାରୀ ଦ୍ୱାରା ରାଜ୍ୟରେ ୧୨ ହଜାର ୫୦୦ ଶିକ୍ଷକ ନିଯୁକ୍ତ କରି ୨ ଲକ୍ଷ ୫୦ ହଜାର ଶିକ୍ଷକଙ୍କୁ ତାଲିମ ପ୍ରଦାନ କରାଯାଇ ପିଲାଙ୍କ ଓଡ଼ିଆ, ଇଂରାଜୀ, ଗଣିତ, ବିଜ୍ଞାନ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯିବ । ଆଜିର ଶିକ୍ଷକମାନେ କୌଣସି ଗୁଣରେ ଅନ୍ୟ ଶିକ୍ଷକ ଠାରୁ କମ୍ ନୁହଁନ୍ତି ବୋଲି କହିଥିଲେ । ଯେଉଁ ବିଷୟରେ ଅଧିକ ପିଲା ଖରାପ ପ୍ରଦର୍ଶନ କରିବେ ସେହି ବିଷୟ ଶିକ୍ଷକଙ୍କ ଦାୟିତ୍ୱବୋଧତା ନେଇ ପ୍ରଶ୍ନ କରାଯିବାକୁ ବ୍ୟବସ୍ଥା କରାଯିବ ବୋଲି ତାଗିଦ୍ କରିଥିଲେ । ସିଆରସିସିମାନେ ନିଜକୁ ଅଧିକାରୀ ନମଣି ପ୍ରତିଦିନ ଅତିକମ୍‌ରେ ଗୋଟିଏ କ୍ଲାସ ଶିକ୍ଷାଦାନ କରିବାକୁ ପରାମର୍ଶ ଦେବା ସହିତ ଜଣେ ୫ ବର୍ଷରୁ ଅଧିକ ସିଆରସିସି ରହି ନପାରିବା ବ୍ୟବସ୍ଥା କଥା କହିଥିଲେ । ବିଶେଷ କରି ୨୦୩୬ ବେଳକୁ ଉତ୍କଳ ପ୍ରଦେଶ ଗଠନର ୧୦୦ବର୍ଷ ପୂର୍ତ୍ତି ପାଳନ ବେଳକୁ ଭାରତର ଅଗ୍ରଣୀ ରାଜ୍ୟ ମଧ୍ୟରେ ଓଡ଼ିଶାକୁ ୧ନଂରେ ସ୍ଥାନିତ କରିବା ନେଇ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସଫଳ କରିବା ପାଇଁ ସର୍ବପ୍ରଥମେ ଶିକ୍ଷା ଭିତ୍ତିଭୂମି ସୁଦୃଢ଼ କରାଯିବା ସହ ଶିକ୍ଷାଦାନ ବ୍ୟବସ୍ଥାରେ ଅଣାଯାଇଥିବା ସମସ୍ତ ସୁଧାର ପରିପାଳନରେ ମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ବାସୁଦେବପୁର ବିଇଓ ଜଗବନ୍ଧୁ ସାହୁ ଅତିଥି ପରିଚୟ ଦେଇଥିଲା ବେଳେ ଏଡିଇଓ ଦୀପକ କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

କଳିଙ୍ଗ କାଚରା ଜାତି ମହାସଭାର ପ୍ରସ୍ତୁତି ବୈଠକ

କାକଟପୁର,(ଭାସ୍କର ନ୍

ନିମାପଡ଼ା, (ଭାସ୍କର ନ୍ୟୁଜ୍) : ନିମାପଡା ସ୍ଥାନୀୟ ଟାଉନ ହଲ ପରିସରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ନିମାପଡା ଜିଲ୍ଲା କୃଷି ଅଧିକାରୀଙ୍କ ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ କୃଷି ମେଳାଦୁଇଦିନ ବ୍ୟାପି ଆରମ୍ଭ ହୋଇଛି । ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମକୁ ରାଜ୍ୟଗଣଶିକ୍ଷାମନ୍ତ୍ରୀ ସମୀର ରଂଜନ ଦାସ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ୨୦-୨୧ ବର୍ଷର ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ବେଳେ ଜିଲ୍ଲା କୃଷି ଅଧିକାରୀ ଶରତ ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଗଣଶିକ୍ଷାମନ୍ତ୍ରୀ ଶ୍ରୀ ଦାସ ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ନିମାପଡା ବ୍ଲକ ଉପାଧ୍ୟକ୍ଷ ଅନୁସୂୟା ମହାନ୍ତି, ପୌରଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ ଦାସ, କୃଷି ଅଧିକାରୀ ସରୋଜ ଦାସ, ସହକାରୀ କୃଷି ଅଧିକାରୀ ସୁବାସ ବାରିକ, ଚନ୍ଦ୍ରଶେଖର ଦାସ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଦୁଇଜଣ କର୍ମଚାରୀଙ୍କୁ ମନ୍ତ୍ରୀ ମାନପତ୍ର ପ୍ରଦାନ କରିଥିବା ଜଣାପଡିଛି ।

କେନ୍ଦ୍ର ସରକାର ବିରୁଦ୍ଧରେ କଂଗ୍ରେସର ସତ୍ୟାଗ୍ରହ

ନିଆଳି, (ଭାସ୍କର ନ୍ୟୁଜ୍) : ମୋଦି ସରକାରଙ୍କ ଅଗ୍ନିପଥ ନିଯୁକ୍ତି ଯୋଜନା ପ୍ରତ୍ୟାହାର ଦାବିକରି ନିଆଳିରେ କଂଗ୍ରେସ ପକ୍ଷରୁ ସୋମବାର ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି । କଂଗ୍ରେସ କମିଟି କଟକ ଜିଲ୍ଲା ଉପସଭାପତି ଶଶିକାନ୍ତ ଲେଙ୍କାଙ୍କ ତତ୍ତ୍ୱାବଧାନରେ ନିଆଳି ତହସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ସତ୍ୟାଗ୍ରହରେ ବ୍ଲକ୍ ସଭାପତି ପ୍ରଭାତ ଭୂୟାଁଙ୍କ ଅଧ୍ୟକ୍ଷତା କରିଥିଲେ । ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଜ୍ୟୋତି ରଞ୍ଜନ ମଲ୍ଲିକଙ୍କ ସମେତ ମଧୁସ୍ମିତା ମହାପାତ୍ର, ବେଣୁଧର ସ୍ୱାଇଁ, ସୌଭାଗ୍ୟ ରଞ୍ଜନ ବସ୍ତିଆ, ନିର୍ମଳ ସିଂହ, ମିର୍ ଅଜିମ୍, ମଦନ ଡ଼ାଳୁଆ, ସଲିଳ ସ୍ୱାଇଁ, ନାରଣ ସାହୁ, ରସାନନ୍ଦ ବେହେରା ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇ ଅଗ୍ନୀପଥ ନିଯୁକ୍ତି ଯୋଜନା ବିରୁଦ୍ଧରେ ବକ୍ତବ୍ୟ ଦେବା ସହ ଏହାକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଦାବି କରିଥିଲେ ।

ବାଇକ୍ ସହ ଜଳିଗଲେ ଯୁବକ

ଭୁବନେଶ୍ୱର, ୨୭।୬ (ଭାସ୍କର ନ୍ୟୁଜ୍): ରବିବାର ବିଳମ୍ବିତ ରାତିରେ ଆଚାର୍ଯ୍ୟ ବିହାର ଫ୍ଲାଏ ଓଭର ନିକଟରେ ଦୁଇ ଦୁଇଟି ଅଘଟଣ ଘଟିଛି । ସେଥିମଧ୍ୟରୁ ବାଇକ୍ ସହ ଜଣେ ଯୁବକ ଜଳିଯିବା ଘଟଣାକୁ ନେଇ ପୋଲିସ ଖୋଳତାଡ଼ ଆରମ୍ଭ କରିଛି । ରବିବାର ରାତିରେ ଫ୍ଲାଏଓଭର ବ୍ରିଜ୍‌ରେ ଏକ ବାଇକ ହୁତୁ ହୁତୁ ହୋଇ ଜଳୁଥିଲା । ସେହି ସମୟରେ ସେହି ରାସ୍ତା ଦେଇ ଯାଉଥିବା ଲୋକମାନେ ବାଇକ ନିକଟକୁ ଯାଇ ଦେଖିଲେ ଯେ, ଜଣେ ଯୁବକ ମଧ୍ୟ ବାଇକ ସହ ଜଳୁଛନ୍ତି । ଖବରପାଇ ସହିଦନଗର ଥାନା ପୋଲିସ ପୋଡ଼ା ବାଇକ ଜବତ କରିବା ସହ ଯୁବକଙ୍କୁ ଉଦ୍ଧାର କରିଥିଲା । ମାତ୍ର ସେତେବେଳକୁ ଯୁବକ ଜଣଙ୍କର ମୃତ୍ୟୁ ଘଟିସାରିଥିଲା । ଯୁବକଙ୍କ ଆଧାରକାର୍ଡ, ଡ୍ରାଇଭିଂ ଲାଇସେନ୍ସ ଓ ଅନ୍ୟ କାଗଜପତ୍ର ପୋଲିସ ଜବତ କରିବା ପରେ ଏ ନେଇ ତନାଘନା ଆରମ୍ଭ କରିଛି । ବାଇକରେ କିପରି ନିଆଁ ଲାଗିଲା, ଯଦି ବାଇକରେ ନିଆଁ ଲାଗିଲା ତେବେ ଯୁବକ ଜଣକ କାହିଁକି ଗାଡ଼ି ଛାଡ଼ି ସୁରକ୍ଷିତ ଜାଗାକୁ ଯାଇପାରିଲେନି ତାହା ମଧ୍ୟ ସନ୍ଦେହ ଘେରରେ ରହିଛି । ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ମଧ୍ୟ ଚର୍ଚ୍ଚା ଜୋରଧରିଛି । ପୋଲିସ ଯୁବକଙ୍କ ପରିଚୟ ଖୋଜିବା ପାଇଁ ପ୍ରୟାସ ଜାରି ରଖିଛି । ଅନ୍ୟପକ୍ଷରେ ଏକ ଘଟଣାରେ ଏକ ଦ୍ରୁତଗାମୀ ହାଇୱା ଧକ୍କାରେ ଟାଟା ଏସିଇରେ ଥିବା ଜଣେ ବାଳକ ସମେତ ୩ଜଣ ଗୁରୁତର ହୋଇଛନ୍ତି । ଓଭରବ୍ରିଜ୍‌ର ଆରପଟେ ଏହି ଘଟଣା ଘଟିଛି । ସମସ୍ତ ଗୁରୁତରଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇ ଦିଆଯାଇଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ମହାପ୍ରଭୁଙ୍କ ବନକଲାଗି...

ସେବକମାନେ ରୁପା ଥାଳିରେ ଆଣି ଗଜପତି ମହାରାଜଙ୍କୁ ଅର୍ପଣ କରିଥିଲେ । ଏହାପରେ ହିଙ୍ଗୁଳ, ହରିତାଳ, କେଶର, କସ୍ତୁରୀ, ଧଳା ଓ କଳାରଙ୍ଗ ବ୍ୟବହାର କରି ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର କରାଯାଇଥିଲା । ଏହି ବନକଲାଗି ନୀତି ଦୁଇଦିନ ଧରି ଅନୁଷ୍ଠିତ ହେବ । ବୁଧବାର ମହାପ୍ରଭୁ ନବଯୌବନ ବେଶରେ ଦର୍ଶନ ଦେବେ । ଗତ ରବିବାର ଦିନ ୩ ରଥର କଳସ, ଓଲଟ ଶୁଆ ଓ ଅଁଳା ଉଠିଥିବାବେଳେ ହାତୀଆଳ ମାଳ ଓ କଣବତାଗୁଡ଼ିକ ଖଞ୍ଜାଯାଇ କଣ୍ଟାବାଡ଼ିଆ ଶେଷ ହୋଇଛି । ୩ ରଥର ବେଦୀପାର୍ଶ୍ୱ ପଟ୍ଟାତଳେ ହଂସପଟା ବାଡ଼ିଆ ମଧ୍ୟ ସମ୍ପୂର୍ଣ୍ଣ ହୋଇଛି । ଘୋଡ଼ା ସଂଯୋଗ ପାଇଁ ଜୁଆଳି ଓ ଈଷ ନିର୍ମାଣ ଶେଷ ହୋଇଛି । ୩ ରଥର ପ୍ରଭାଗୁଣ୍ଡି ନିର୍ମାଣ ଶେଷ ହୋଇ ରଙ୍ଗକାର୍ଯ୍ୟ ଚାଲିଛି । ୩ ରଥର ରୂପକାରମାନେ ପ୍ରଭାରେ ରୂପ ଖୋଦେଇ ଶେଷ କରି ଚିତ୍ରକର ସେବକମାନଙ୍କୁ ଯୋଗାଇ ଦେଇଛନ୍ତି । ଚିତ୍ରକରମାନେ ୩ ରଥ ପ୍ରଭାରେ ଖୋଦିତ ରୂପଗୁଡ଼ିକରେ ରଙ୍ଗକାର୍ଯ୍ୟ ଆରମ୍ଭ କରିଛନ୍ତି । ନନ୍ଦିଘୋଷ ରଥର ସିଂହାସନ ବେଦୀ ଚାରିପଟ ଗାଈଗୋଠ ଚିତ୍ର ଅଙ୍କନ ଶେଷ ହୋଇଛି । ନନ୍ଦିଘୋଷ ରଥର ବ୍ରେକ୍‌ର ରଙ୍ଗକାର୍ଯ୍ୟ ସହ ସେଥିରେ ହାତୀମାଳ ଚିତ୍ର ଅଙ୍କନ ମଧ୍ୟ ସମାପ୍ତ ହୋଇଯାଇଛି । ଚିତ୍ରକର ସେବକମାନେ ୩ ରଥର ଚକ, ଦଣ୍ଡା, ୪ ନାହାକା, ୧୪ ନାହାକାରେ ରଙ୍ଗକାର୍ଯ୍ୟ ସହ ଘଣ୍ଟି, ଶୀତଳ କଳସ ଆଦିରେ ରଙ୍ଗକାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ସୂଚନା ମିଳିଛି ।

୮ ଶିକ୍ଷକଙ୍କ ଦରମା...

ଯାଉଛନ୍ତି ତ ପୁଣି ଆଉ କେଉଁଠି କ୍ଲାସ୍ ଟାଇମ୍‌ରେ ପିଲା ସ୍କୁଲ୍ ହତାରେ ବୁଲୁଥିବା ଦେଖିବାକୁ ପାଇଥିଲେ । ସୋମବାର ପୂର୍ବାହ୍ନ ୧୦ଟା ୨୦ରେ ପିପିଲି ଟୋଲ୍‌ଗେଟ୍ ନିକଟରେ ୨ ଜଣ ଶିକ୍ଷୟିତ୍ରୀ ସ୍କୁଟିରେ ଯାଉଥିବା ଦେଖି ସେମାନଙ୍କୁ ମନ୍ତ୍ରୀ ଶ୍ରୀ ଦାଶ ଅଟକାଇଥିଲେ । ସ୍କୁଲକୁ କାହିଁକି ଡେରିରେ ଯାଉଛ ବୋଲି ପଚାରିଥିଲେ ମଧ୍ୟ ସେମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ । ପରେ ପିପିଲି-ନିମାପଡ଼ା ମୁଖ୍ୟରାସ୍ତାରେ ଥିବା ଜଗନ୍ନାଥପୁର ୟୁପି ସ୍କୁଲ୍‌କୁ ଅଚାନକ ପରିଦର୍ଶନରେ ଯାଇଥିଲେ । ସେଠାରେ ଦିନ ସାଢ଼େ ୧୦ଟାରେ ମଧ୍ୟ ଛାତ୍ରଛାତ୍ରୀମାନେ ଏଣେତେଣେ ବୁଲୁଥିବାର ଦେଖିବାକୁ ପାଇଥିଲେ । ସେହି ସମୟରେ ବିଦ୍ୟାଳୟରେ ଉପସ୍ଥିତ ଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଫିସରେ ବସି କଥା ହେଉଥିବା ତଥା ପ୍ରଧାନ ଶିକ୍ଷକ ଗାଡ଼ି ଧରି ବାହାରକୁ ଯାଉଥିବା ଦେଖିବାକୁ ପାଇଥିଲେ । ଏପରିକି ସ୍କୁଲ୍‌ର କାଗଜପତ୍ର ମଧ୍ୟ ଯାଞ୍ଚ କରି ବହୁ ଅନିୟମିତତା ହେଉଥିବାର ଜାଣିବାକୁ ପାଇଥିଲେ । ଏନେଇ ଏହି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ମାସ୍କ ବାଧ୍ୟତାମୂଳକ...

ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ରହିଥିବାରୁ ବିଶୁଦ୍ଧ ପାନୀୟ ଜଳ ସହ ଉତ୍ତମ ମାନର ଖାଦ୍ୟ ଖାଇବାକୁ ମଧ୍ୟ ଶ୍ରୀ ମହାପାତ୍ର ପରାମର୍ଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଗତ କିଛି ଦିନ ହେବ ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି । ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୬୯ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ସେଥିମଧ୍ୟରୁ ସର୍ବାଧିକ ୨୬ କେବଳ ଖୋର୍ଦ୍ଧା ଜିଲ୍ଲାର ବୋଲି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଯଦିଓ ପୁରୀରେ ଏବେ ଆକ୍ରାନ୍ତଙ୍କ ସଂଖ୍ୟା ଚିନ୍ତାଜନକ ସ୍ଥିତିରେ ନାହିଁ ତେବେ ରଥଯାତ୍ରା ସମୟରେ ଏହା ବୃଦ୍ଧି ପାଇବାର ଆଶଙ୍କା ରହିଛି । ତେଣୁ ଏବେଠୁଁ ବିଭିନ୍ନ ପ୍ରତିଷେଧକମୂଳକ ପଦକ୍ଷେପ ଗ୍ରହଣ କରାଯାଉଥିବା ନେଇ ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି ।

ଦ୍ରୌପଦୀଙ୍କ ଗାଁରେ...

ଏନେଇ ଶ୍ରୀମତୀ ମୁର୍ମୁଙ୍କ ଭାଉଜ ଚୂଡ଼ାମଣୀ ଟୁଡୁ କହିଛନ୍ତି ଯେ, ଆଗରୁ ଲାଇନ୍ ନଥିଲା । ତେଣୁ ଅନ୍ଧାରରେ ଦିନ କାଟିବାକୁ ପଡୁଥିଲା । ଏବେ ତାଙ୍କ ଘରେ ବିଜୁଳି ଆଲୁଅ ଜଳିପାରିଲା । ଦିଦି ରାଷ୍ଟ୍ରପତି ପ୍ରାର୍ଥୀ ହେବା ପରେ ଏହି ସଂଯୋଗ ମିଳିଛି । ପୂର୍ବରୁ ଡିବିରି ଆଲୁଅ ଉପରେ ଲୋକେ ଭରସା କରୁଥିଲେ । ଏପରିକି ବହୁ ଅସୁବିଧାରେ ରାତି କାଟୁଥିଲେ । ପିଲାଙ୍କ ପାଠପଢ଼ାରେ ମଧ୍ୟ ପ୍ରତିବନ୍ଧକ ସୃଷ୍ଟି ହେଉଥିଲା । ଏବେ ବିଜୁଳି ଆଲୁଅ ଆସିବା ପରେ ସବୁକିଛି ସ୍ୱାଭାବିକ ହୋଇପାରିବ । ତେବେ ଏହି ଗାଁର ଅଧିକାଂଶ ଲୋକେ ମାଟି ଓ ଆଜବେଷ୍ଟସ ଘରେ ଜୀବନଯାପନ କରୁଥିବାବେଳେ ସେମାନଙ୍କୁ କେବେ ପକ୍କା ଘର ଯୋଗାଇ ଦିଆଯିବ ତାକୁ ହିଁ ଅପେକ୍ଷା ।

ଡିଜିପିଙ୍କ ଉଚ୍ଚସ୍ତରୀୟ...

ପ୍ରକାରର ପଦକ୍ଷେପ ନିଆଯିବା ସହ ଶୃଙ୍ଖଳିତ ଦର୍ଶନ ପାଇଁ ସବୁ ପ୍ରକାରର ବ୍ୟବସ୍ଥା କରାଯାଇଛି । ଅନ୍ୟପକ୍ଷରେ ରାଜ୍ୟ ଆଇନ୍ ମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତାଙ୍କ ରଥଯାତ୍ରା ଶୃଙ୍ଖଳିତ ଭାବେ ଶେଷ ହେବ । ରଥଯାତ୍ରା ପାଇଁ ସବୁ ବିଭାଗ ସଜାଗ ରହିଛନ୍ତି । ରଥଯାତ୍ରା କିପରି ସୂଚାରୁ ରୂପେ ସମ୍ପାଦନ ହେବ ସେନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଧ୍ୟାନ ଦେଉଛନ୍ତି । ଯାତ୍ରୀଙ୍କ ସୁରକ୍ଷା ଓ ସେବାକୁ ଗୁରୁତ୍ୱ ଦେବା ପାଇଁ ସମସ୍ତ ପଦକ୍ଷେପ ନିଆଯାଇଛି ବୋଲି ଶ୍ରୀ ସାରକା କହିଥିଲେ ।

ଆଉଏକ ହାତୀର...

ହାତୀମୃତ୍ୟୁ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । କେଉଁଠି ଗୁଳି କରି ହାତୀକୁ ହତ୍ୟା କରାଯାଉଛି ତ ଆଉ କେଉଁଠି ବିଦ୍ୟୁତ ଆଘାତ, ଟ୍ରେନ୍ ଧକ୍କା ଓ ବିଷ କ୍ରିୟା ଯୋଗୁଁ ହାତୀମାନଙ୍କ ମୃତ୍ୟୁ ଘଟିଛି । ନିକଟରେ ଅନୁଗୋଳ ଜିଲ୍ଲାର ଏକ ପୋଖରୀରେ ଏକ ଗୁଳିବିଦ୍ଧ ହାତୀ ଦୀର୍ଘ ୫ ଦିନ ପଡ଼ି ରହିବା ପରେ ମୃତ୍ୟୁବରଣ କରିଥିଲା । ଏହି ଘଟଣାର ଖୋଳତାଡ଼ ମଧ୍ୟ ଆରମ୍ଭ ହୋଇଛି ।

STATE INSTITUTE OF HOTEL MANAGEMENT, BALANGIR
Titilagarh Road, Balangir - 767001 (Odisha)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT

ADMISSION OPEN
FOR HOTEL MANAGEMENT COURSES

COURSES	DURATION	QUALIFICATION	AGE LIMIT
1. B.Sc In Hospitality & Hotel Administration	03 Years	10+2 pass or equivalent with English one of the subjects (Minimum 50% marks)	25 Years as on 1st July 2022 for General/ OBC candidates & 28 Years for SC/ST candidates
2. Diploma In Front Office Operation	1½ Year	10+2 pass or equivalent	
3. Diploma In Food & Beverage Service	1½ Year	10+2 pass or equivalent	
4. Diploma In Food Production	1½ Year	10+2 pass or equivalent	
5. Diploma In Housekeeping Operation	1½ Year	10+2 pass or equivalent	
6. Craftsmanship Certificate Course In Food & Beverage Service	06 Months	10th pass	
7. Craftsmanship Certificate Course In Food Production	1½ Year	10th pass	

FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9348849484

ଉପରମୁହାଁ କରୋନା ସଂକ୍ରମଣ

ଗୋଟିଏ ଦିନରେ ୧୭ ହଜାରରୁ ଅଧିକ ଚିହ୍ନଟ

ନୂଆଦିଲ୍ଲୀ : ଦେଶରେ ପୁଣିଥରେ କରୋନା ସଂକ୍ରମଣ ଉପରମୁହାଁ ହେବାରେ ଲାଗିଛି । ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏହାକୁ ନେଇ ପୁଣିଥରେ ଉଦ୍‌ବେଗ ପ୍ରକାଶ ପାଇଛି ।ସେହିପରି ମୃତ୍ୟୁ ସଂଖ୍ୟାରେ ବି ବ୍ରେକ୍ ଲାଗିପାରୁନି । ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୧୭,୦୭୩ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଏବେ ସୁଦ୍ଧା ଦେଶରେ ମୋଟ୍ ୪ କୋଟି ୩୪ ଲକ୍ଷରୁ ଅଧିକ ପଜିଟିଭ୍ ଚିହ୍ନଟ ହୋଇସାରିଲେଣି । ୪ ଲକ୍ଷ ଟ୍ରେଣ୍ଡ ପରେ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ୨ ଲକ୍ଷ ଓ ପରେ ୧୦ ହଜାର ତଳକୁ ଖସିବା ପରେ ପୁଣିଥରେ ଏହା ବୃଦ୍ଧି ପାଇଛି । ଅନ୍ୟପକ୍ଷରେ ଗୋଟିଏ ଦିନରେ ୨୧ ଜଣଙ୍କର ମୃତ୍ୟୁ ଘଟିଛି । ଦେଶରେ ମୋଟ୍ ୯୪ ହଜାର ୪୨୦ ସକ୍ରିୟ ଆକ୍ରାନ୍ତ ରହିଥିବାବେଳେ ୫୨୫୦୨୦ କରୋନାରେ ପ୍ରାଣ ହରାଇଛନ୍ତି ।

ଓଡ଼ିଶାରେ ବି ବୃଦ୍ଧି ପାଉଛି

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ରାଜ୍ୟରେ ପୁଣିଥରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି । ଗତ ୨୪ ଘଣ୍ଟାରେ ୬୯ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରବିବାର ଏହି ସଂଖ୍ୟା ୬୨ ରହିଥିଲା । ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରୁ ୪୨ଜଣ ସଂଗରୋଧରୁ ଥିବାବେଳେ ଅନ୍ୟ ୨୭ଜଣ ସ୍ଥାନୀୟ ସଂକ୍ରମିତ । ସେହିଭଳି ୧୮ ବର୍ଷ ବୟସ ମଧ୍ୟରେ ୯ଜଣ ସଂକ୍ରମିତ ଥିବା ସୂଚନା ଦିଆଯାଇଛି । ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୬ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ବାଲେଶ୍ୱରରୁ ୫, କଟକରୁ ୧୩, ସମ୍ବଲପୁରରୁ ୪, ସୁନ୍ଦରଗଡ଼ରୁ ୮, ପୁରୀରୁ ୨, କଳାହାଣ୍ଡି, ଜଗତ୍‌ସିଂହପୁର ଓ ବଲାଙ୍ଗୀରରୁ ଜଣେ ଲେଖାଏଁ ଚିହ୍ନଟ ହୋଇଥିବାବେଳେ ଷ୍ଟେଟପୁଲ୍‌ରୁ ୬ଜଣ ରହିଛନ୍ତି । ବର୍ତ୍ତମାନ ରାଜ୍ୟରେ ୪୫୬ ଆକ୍ଟିଭ୍ କେସ୍ ରହିଛି ।

ଆଜି ବିଜେପିର ପଦାଧିକାରୀ ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତାକାଲି ରାଜ୍ୟ ବିଜେପିର ପଦାଧିକାରୀ ବୈଠକ ବସିବ । ରାଜ୍ୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ରାଜ୍ୟ ସରକାରଙ୍କ କ୍ରମାଗତ ଅବହେଳା ବେକାରୀ, ଚାଷୀ ମରଣ ନୀତି, ଦାଦନ ଶ୍ରମିକଙ୍କ ସଂଖ୍ୟା ବଢିବା, ଆଇନ ଶୃଙ୍ଖଳା ପରିସ୍ଥିତି, ମହିଳା ନିର୍ଯାତନା ଭଳି ପ୍ରସଙ୍ଗକୁ ନେଇ ଗୁରୁତର ସହିତ ଚର୍ଚ୍ଚା ଆଲୋଚନା ହେବ । ସେହିପରି ବୁଧବାର ଦିନ ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ । ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ରାଜ୍ୟ ସହ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସମସ୍ତ ସାଂସଦ ଓ ବିଧାୟକ, ରାଷ୍ଟ୍ରୀୟ ପଦାଧିକାରୀ, ରାଜ୍ୟ ପଦାଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଜିଲ୍ଲା ସଭାପତି, ଜିଲ୍ଲା ପ୍ରଭାରୀ ଏବଂ ବିଭିନ୍ନ ମୋର୍ଚ୍ଚା ସଭାପତିମାନେ ପ୍ରମୁଖ ଯୋଗ ଦେବେ ।

ଉତ୍ତରାଖଣ୍ଡରେ 'ନିର୍ଭୟା' କାଣ୍ଡର ପୁନରାବୃତ୍ତି

ଚଳନ୍ତା କାର୍‌ରେ ମା', ନାବାଳିକା ଝିଅକୁ ଗଣଦୁଷ୍କର୍ମ

ରୁରକୀ : ଗତ କିଛି ବର୍ଷ ତଳେ ଜାତୀୟ ରାଜଧାନୀ ନୂଆଦିଲ୍ଲୀରେ ଘଟିଥିବା 'ନିର୍ଭୟା' ଗଣଦୁଷ୍କର୍ମ ଓ ମୃତ୍ୟୁ ମାମଲା ଲୋକଙ୍କ ମନରୁ ଲିଭିନଥିବାବେଳେ ଉତ୍ତରାଖଣ୍ଡରେ ପୁଣି ସେହି ଧରଣର ଏକ ଲଜ୍ଜାଜନକ ଘଟଣା ଲୋକଲୋଚନକୁ ଆସିଛି । ହରିଦ୍ୱାରର ରୁରକୀରେ ରହୁଥିବା ଜଣେ ମହିଳା ଓ ତାଙ୍କର ୬ ବର୍ଷର ନାବାଳିକା ଝିଅକୁ ଚଳନ୍ତା କାର୍ ଭିତରେ ଗଣଦୁଷ୍କର୍ମ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଜଣେ ବ୍ୟକ୍ତି ଉଭୟଙ୍କୁ କାର୍‌ରେ ଲିଫ୍ଟ ଦେବା ବାହାନାରେ ନିଜ ସାଙ୍ଗମାନଙ୍କ ସହ ଚଳନ୍ତା କାର୍‌ରେ ଗଣଦୁଷ୍କର୍ମ କରିଥିବା ସୂଚନା ମିଳିଛି । ମିଳିଥିବା ସୂଚନାନୁଯାୟୀ, ମୁସଲିମ୍ ଧର୍ମପୀଠ ପୀରାନ ପଲ୍ଲୀଆରିରୁ ଜଣେ ମହିଳା ନିଜର ୬ ବର୍ଷର ଝିଅକୁ ଧରି ଘରକୁ ଫେରିବା ପାଇଁ ଗାଡ଼ିକୁ ଅପେକ୍ଷା କରିଥିଲେ । ଏହି ସମୟରେ ସୋନୁ ନାମକ ଜଣେ ଯୁବକ କାର୍ ଧରି ସେମାନଙ୍କ ନିକଟରେ ପହଞ୍ଚିବା ସହ କାର୍‌ରେ ଘରେ ଛାଡ଼ିଦେବା ପାଇଁ କହିଥିଲେ । ସେହି କାର୍ ଭିତରେ ସୋନୁଙ୍କ ସାଙ୍ଗ ମଧ୍ୟ ଥିଲେ । ତେବେ ରାତି ଅଧିକ ହୋଇଯାଇଥିବାରୁ ମହିଳା ଜଣକ ସେମାନଙ୍କ ସାଙ୍ଗରେ ଯିବା ପାଇଁ ରାଜି ହୋଇଯାଇଥିଲେ । କାର୍‌ଟି ଚାଲୁଥିବା ଅବସ୍ଥାରେ ସୋନୁ ଓ ତା' ସାଙ୍ଗ ଉଭୟଙ୍କୁ ଦୁଷ୍କର୍ମ କରିଥିଲେ । ପରେ ସେମାନଙ୍କୁ ଏକ କେନାଲ୍ ନିକଟରେ ଫିଙ୍ଗି ଦେଇ ଚାଲିଯାଇଥିଲେ । ଦୀର୍ଘ ସମୟ ପରେ ବହୁ କଷ୍ଟରେ ମହିଳା ଜଣକ ସ୍ଥାନୀୟ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ଉଭୟ ମା' ଓ ଝିଅଙ୍କୁ ନେଇ ଡାକ୍ତରଖାନାରେ ପରୀକ୍ଷା କରାଇଥିଲା । ଉଭୟ ମା' ଓ ଝିଅ ଦୁଷ୍କର୍ମର ଶିକାର ହୋଇଥିବା ଡାକ୍ତରୀ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ତେବେ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ସମର୍ଥ ହୋଇପାରି ନାହିଁ । ଏହି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ତୁରନ୍ତ ଧରିବା ପାଇଁ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ବିଶ୍ୱନାଥ ମଠରେ ବିଜେପ

ନିମାପଡ଼ା, (ଭାସ୍କର ନ୍ୟୁଜ୍) : ନିମାପଡା କେନ୍ଦ୍ର ବିଜେପି ସରକାର ଯୁବ ବିରୋଧି ଅଗ୍ନିପଥ ଯୋଜନାରେ ସେନା ନିଯୁକ୍ତି ପ୍ରତ୍ୟାହାର ଦାବୀରେ ସୋମବାର ନିମାପଡା ବ୍ଲକ ସମ୍ମୁଖରେ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ରବିନ୍ଦ୍ରସେଠୀ, ବ୍ଲକ ସଭାପତି ବିଜୟ ପ୍ରଧାନ, ଅଜୟ ମିଶ୍ର,ରଘୁନାଥ ସ୍ୱାଇଁ, ରବିନ୍ଦ୍ର ଜେନା,ବିଷ୍ଣୁ ଚରଣ ଭାରତୀ ପ୍ରମୁଖ ଶତାଧିକ କର୍ମୀ ଯୋଗ ଦେଇଥିଲେ । କର୍ମୀମାନେ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ସ୍ୱର ଉଠାଇଥିବା ବେଳେ କଟୁ ସମାଲୋଚନା କରିଥିଲେ । ଏହି ଆନ୍ଦୋଳନକୁ ଆଗକୁ ବ୍ୟାପକ କରାଯିବ ବୋଲି ପୂର୍ବତନ ମନ୍ତ୍ରୀ ରବିନ୍ଦ୍ରସେଠୀ ଚେତାବନୀ ଦେଇଛନ୍ତି । ଆବଶ୍ୟକ ହେଲେ କଂଗ୍ରେସ ଏହି ଆନ୍ଦୋଳନକୁ ଆହୁରି ଜୋର୍‌ଦାର କରିବା ସହ ସମାଜର ସମସ୍ତ ବର୍ଗର ଲୋକ ବିଶେଷ କରି ଯୁବପୀଢ଼ିମାନଙ୍କୁ ଏଥିରେ ସାମିଲ କରିବ । ରାଜନୀତି ପାଇଁ ଯୁବବର୍ଗଙ୍କ ଭବିଷ୍ୟତ ସହ ଖେଳିବାକୁ ଦିଆଯିବନି ବୋଲି କଂଗ୍ରେସ କହିଛି ।

ସୁନା ନଦୀ ଉପରେ ଖଣି କମ୍ପାନୀଙ୍କ ରାଜ୍, ଯୋଡାବାସୀ ନାଚାର

ଯୋଡ଼ା , (ଭାସ୍କର ନ୍ୟୁଜ୍) : ଯୋଡାର ଜୀବନରଧାରା କୁହାଯାଉଥିବା ଚିରସ୍ରୋତା ସୁନା ନଦୀ ଉପରେ ବିଭିନ୍ନ ଖଣି କମ୍ପାନୀମାନଙ୍କ ଅତ୍ୟାଚାର ଦିନକୁ ଦିନ ବଢିବାରେ ଲାଗିଛି । ଏହି ଅତ୍ୟାଚାର ବନ୍ଦ ନହେଲେ ଖୁବଶୀଘ୍ର ସୁନାନଦୀ ମୃତ ନଦୀରେ ପରିଣତ ହେବାର ଆଶଙ୍କା ଦେଖାଦେଇଛି । ସୁନ୍ଦରଗଡ ଜିଲ୍ଲା କୋଇଡା ଠାରୁ ଏହି ନଦୀଟି ବାହାରି ଯୋଡା ମଧ୍ୟଦେଇ ପ୍ରବାହିତ ହେବା ସହ ବିଲେଇପଦା ନିକଟରେ ବୈତରଣୀ ନଦୀରେ ଲୀନ ହୋଇଛି । ଏହାର ପ୍ରବାହ ପଥକୁ ବିଭିନ୍ନ ଖଣି କମ୍ପାନୀ ଅବରୋଧ କରି ପାନୀୟ ଜଳ ଏବଂ କାରଖାନା ପାଇଁ ନିଜସ୍ୱ ବ୍ୟବହାର କରୁଥିବା ବେଳେ ନଦୀର ଉଭୟ ପାର୍ଶ୍ୱରେ ଏହି ଜଳଧାରା ଉପରେ ନିର୍ଭର କରି ଅନେକ ଗାଁ ବସ୍ତି ସମୂହ ଗଢି ଉଠିଛି । ଏପରିକି କେତେକ ଲୋକ ଏହାକୁ ପାନୀୟ ଜଳ ଭାବେ ମଧ୍ୟ ବ୍ୟବହାର କରି ଆସୁଛନ୍ତି । ତେବେ ଅତ୍ୟନ୍ତ ପରିତାପର ବିଷୟ ଯେ ଏହି ନଦୀର ଉଭୟ ପାର୍ଶ୍ୱରେ କେତେକ ଖଣି ଗଢି ଉଠିଥିବା ବେଳେ ଖଣିର ବର୍ଜ୍ୟବସ୍ତୁ ପଡି ନଦୀଟିର ଜଳଧାରା କ୍ଷମତା ହ୍ରାସ ପାଇବା ସହ ଏହା ବାରମ୍ବାର ଗତିପଥ ପରିବର୍ତ୍ତନ କରୁଥିବା ଦେଖାଯାଇଛି । ନଦୀପାର୍ଶ୍ୱରେ ସର୍ଭିସ ସେଣ୍ଟର କରାଯାଇ ଏହାର ଦୂଷିତ ଜଳକୁ ନଦୀ ମଧ୍ୟରେ ଛାଡି ଦିଆଯାଉଛି । ଏପରିକି ଯୋଡା ସହରର ଅନେକ ନର୍ଦ୍ଦମା ଏହି ନଦୀରେ ସିଧାସଳଖ ପଡୁଥିବାର ଦେଖିବାକୁ ମିଳିଛି । ଏଥିପ୍ରତି ପୌରପାଳିକାର ନିଘା ନାହିଁ । ଏବେ କେତେକ ବହୁରାଷ୍ଟ୍ରୀୟ ଖଣି କମ୍ପାନୀ ଏହି ନଦୀର ଜଳକୁ ବନ୍ଧ ବାନ୍ଧି ଏହାର ବକ୍ଷ ଚିରି ଲୁହାପଥର ଗୁଣ୍ଡ ପରିବହନ ନିମନ୍ତେ ସ୍ଲୁରୀ ପାଇପ ବିଛାଇବା କାର୍ଯ୍ୟ ଜାରି ରଖିଛନ୍ତି । ଅତ୍ୟନ୍ତ ନିର୍ଦ୍ଦୟ ଭାବେ ସେମାନେ ଏହି ନଦୀର ଶଯ୍ୟାକୁ ଖିନଭୀନ କରି ପକାଉଥିଲେ ମଧ୍ୟ ପ୍ରଶାସନର ଭିତିରି ସମ୍ପର୍କ ଯୋଗୁଁ ଲୋକେ ଭୟରେ ମୁହଁ ଖୋଲିବାକୁ ସାହାସ ଜୁଟାଇ ପାରୁନାହାଁନ୍ତି । ଅତ୍ୟନ୍ତ ନିର୍ଦ୍ଦୟ ଭାବେ ଏହି ନଦୀର ଅପବ୍ୟବହାର କରାଯାଉଥିବା ବେଳେ ଯୋଡା ବାସୀଙ୍କ ହୃଦୟରେ ଏହା ଗଭୀର ଆଘାତ ଦେଇଥିବା ଜଣାପଡିଛି । ନିୟମ ମୁତାବକ ଏହି ପାଇପ ଲାଇନ ରାସ୍ତା ଠାରୁ ୫୦ ଫୁଟ ଦୂରରେ ଏବଂ ୩ ଫୁଟ ତଳେ ବିଛାଇବାର ପ୍ରାବଧାନ ଥିବା ବେଳେ କମ୍ପାନୀ ଏତେ ବେପରୁଆ ଭାବେ ଏହି କାର୍ଯ୍ୟ ଚଳାଇଛି ଯେ, କେତେବେଳେ ଯୋଡା ସହରକୁ ଜଳ ଯୋଗାଣ ପାଇପକୁ ଭାଙ୍ଗିଦେବା ଫଳରେ ଦିନ ଦିନ ଧରି ଯୋଡାକୁ ଜଳ ଯୋଗାଣ ବନ୍ଦ ରହୁଛି ତ ଅନ୍ୟ କେତେବେଳେ ବିଦ୍ୟୁତ ଖୁଣ୍ଟ ଢଳି ପଡିବା ଫଳରେ ବିଦ୍ୟୁତ୍ ସରବରାହ ବନ୍ଦ ରଖିବାକୁ ପଡୁଛି । ଏପରିକି କେବୁଲ ଲାଇନ ଛିଣ୍ଡିଯିବା ଫଳରେ ଯୋଡାରେ ବାରମ୍ବାର ଇଣ୍ଟରସେବା ମଧ୍ୟ ବିଚ୍ଛିନ୍ନ ରହୁଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ସ୍ଲୁରି ପାଇପ ଯୋଗେ ଲୁହାପଥର ପରିବହନ ହେଲେ ହଜାର ହଜାର ଟ୍ରକ ମାଲିକ ଜୀବିକା ହରାଇ ବସିବେ ବୋଲି ଜଣାପଡିଛି । ଫଳରେ ଏହି ସ୍ଲୁରି ପାଇପ ବିଛାଇବାକୁ ବିଭିନ୍ନ ସ୍ଥାନରେ ବାରମ୍ବାର ବିରୋଧ କରାଯାଉଥିବାର ଦେଖିବାକୁ ମିଳିଛି । ସୋମବାର ଅପରାହ୍ନରେ ଏ ନେଇ ଯୋଡା ଟ୍ରକ ମାଲିକ ସଂଘ (ଜାଟୋଆ) ପକ୍ଷରୁ ଏହାକୁ ବିରୋଧ କରାଯିବା ସହ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ବେଳେ ଅନୁରୂପ ଖଣି ଅଞ୍ଚଳ ଟ୍ରକ ମାଲିକ ସଂଘ (ମାଟୋଆ) ପକ୍ଷରୁ ବାଂଶପାଣି ଠାରୁ ବସନ୍ତପୁର ପର୍ଯ୍ୟନ୍ତ ଏହି ପାଇପ ବିଛା କାର୍ଯ୍ୟକୁ ବନ୍ଦ କରିଦିଆଯାଇଛି ।

ଗ୍ୟାସ ଲିକ୍ ହେତୁ ଭୟାବହ ଅଗ୍ନିକାଣ୍ଡ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍) : ଭୁବନ ଥାନା ଅନ୍ତର୍ଗତ ମହୁଲପାଳ ଗ୍ରାମର ଭଞ୍ଜ ସାହିରେ ଗ୍ୟାସ ଲିକ ହେତୁ ଭୟାବହ ଅଗ୍ନିକାଣ୍ଡ ଘଟିଛି । ସକାଳ ସମୟରେ ଭଞ୍ଜ ସାହିର ଶୁଲି ଭଞ୍ଜ ପରିବାର ସଦସ୍ୟଙ୍କ ଲାଗି ରୋଷେଇ ଘରେ ଖାଦ୍ୟ ପ୍ରସ୍ତୁତ ନିମନ୍ତେ ଗ୍ୟାସ ଚୁଲ୍ଲୀ ଲଗାଇଥିଲେ । ତେବେ ହଠାତ୍ ଗ୍ୟାସ ସିଲିଣ୍ଡର ବହୁ ଜୋରରେ ଜଳିବାକୁ ଲାଗିଥିଲା । ଏହା ଦେଖି ଶୁଲି ଭଞ୍ଜ ଚିତ୍କାର କରି ପରିବାର ଲୋକଙ୍କୁ ଡାକ ପକାଇଥିଲେ । ପରିବାରର ସଦସ୍ୟ ଡମ୍ବରୁଧର ଭଞ୍ଜ ସାହାସର ସହିତ ଜଳୁଥିବା ଗ୍ୟାସ ସିଲିଣ୍ଡର ଓ ଚୁଲ୍ଲୀକୁ ଆଣି ବାହାରେ ଥୋଇଥିଲେ । ସେଥିରେ ଓଦା ଅଖା, ବାଲି, କଦଳୀଗଛ ଆଦି ପକାଇ ହୁଡୁହୁଡୁ ହୋଇ ଜଳୁଥିବା ସିଲିଣ୍ଡରର ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ । ଏ ସମୟରେ ଘରପାଖ ଚାଳକୁ ନିଆଁ ବ୍ୟାପି ଯାଇଥିଲା । ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ଓ ସାହିପଡିଶାର ସାହାଯ୍ୟରେ ନିଆଁକୁ ଆୟତ୍ତ କରିଥିଲେ । ତେବେ ଏହି ଅଗ୍ନିକାଣ୍ଡ ପରେ ପୀଡ଼ିତ ପରିବାରଙ୍କ ପ୍ରତି ସ୍ଥାନୀୟବାସିନ୍ଦାଙ୍କ ସହଯୋଗ ଓ ସହାନୁଭୂତି ଦେଖିବାକୁ ମିଳିଛି ।

କେନ୍ଦ୍ର ସରକାରଙ୍କ 'ଅଗ୍ନିପଥ ଯୋଜନା'କୁ କଡ଼ା ବିରୋଧ

ପ୍ରତିବାଦରେ କଂଗ୍ରେସର ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ

ଯାଜପୁର, (ଭାସ୍କର ନ୍ୟୁଜ୍) : କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାକୁ ବିରୋଧ କରି ସମଗ୍ର ଭାରତବର୍ଷର ସମସ୍ତ ବିଧାନସଭା ମଣ୍ଡଳୀରେ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ କରାଯାଉଛି । ଏହି ପରିପ୍ରେକ୍ଷୀରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ସନ୍ତୋଷ ନନ୍ଦଙ୍କ ନେତୃତ୍ୱ ଓ ନାରାୟଣ ସାମନ୍ତଙ୍କ ସଭାପତିତ୍ୱରେ ମୁଖ୍ୟ ଡାକଘର ସମ୍ମୁଖରେ କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାକୁ ବିରୋଧ କରାଯାଇଥିଲା । ଏହି ଯୋଜନା ବେକାର ଯୁବକଯୁବତୀମାନଙ୍କ ପାଇଁ ଏକ ଉପହାସ ଓ ପ୍ରତାରଣା ସଦୃଶ । ସୈନ୍ୟବାହିନୀରେ ଠିକା ନିଯୁକ୍ତି ଅଣସାମ୍ବିଧାନିକ ଓ ସେନା ବାହିନୀର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରୁଛି । ଏଣୁ କେନ୍ଦ୍ର ସରକାର ଅବିଳମ୍ବେ ଠିକା ନିଯୁକ୍ତିକୁ ପ୍ରତ୍ୟାହାର କରିବା ସହ ସ୍ଥାୟୀ ନିଯୁକ୍ତି କରାଯାଉ ବୋଲି ନେତାମାନେ ଦାବି ରଖିଛନ୍ତି । ଏହି ଅବସରରେ ଅନ୍ୟାନ୍ୟ ନେତୃବୃନ୍ଦ ମାନେ ଏହି ଯୋଜନାକୁ ବିରୋଧ କରି ନିଜର ମତ ଉପସ୍ଥାପିତ କରିଥିଲେ । ସତ୍ୟାଗ୍ରହରେ ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତ, କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତ, ସଂଗ୍ରାମ ଜେନା, ଦିଗମ୍ବର କର, ଶ୍ୟାମସୁନ୍ଦର କର, ରାଜୀବ ମହାପାତ୍ର, ଦୁର୍ଯ୍ୟୋଧନ ବେହେରା, ପ୍ରଶାନ୍ତ ସାହୁ, ବିଳାସ ରାଉତରାୟ, ବିଭୂତି ମହାପାତ୍ର, ବଳଭଦ୍ର ଦାସ, କନକଲତା ରାଉତ, ଦେବେନ୍ଦ୍ର ପଣ୍ଡା, ଅଲୋକ ବେହେରା, ଅଞ୍ଚଳ ଦାସ, ଅନୁସୟା ବିଶ୍ୱାଳ, ଅମୂଲ୍ୟ ବିଶ୍ୱାଳ, ଯଯାତୀ ନାୟକ, ଉତ୍କଳ ପାଣିଗ୍ରାହୀ, ଅକ୍ଷୟ ଶତପଥୀ, ଅରଜିତ ନାୟକ, ଦିଲିପ ପତି, ଭରତ ବେହେରା, କପିଳେନ୍ଦ୍ର ଦଳାଇ, ନକୁଳଦେବ ସାହୁ, ବିଜୟ ମହାପାତ୍ର, ପରବିନ ବିବି, ସଂଗ୍ରାମ ସାହାଣୀ, ସେକ ନୁରୁଲ, ରବିନ୍ଦ୍ର ରଣା, ନିକୁଞ୍ଜ ସାମଲ, ରମାକାନ୍ତ ସେଠୀ, ଶଙ୍କର୍ଷଣ ସେଠୀ, ଗଦାଧର ଦାସ,ସବିତା ମହାନ୍ତି ପ୍ରମୁଖ ପ୍ରଭୃତି ନିର୍ବାଚନ ମଣ୍ଡଳୀର ଶତାଧିକ କର୍ମୀ ଓ ନେତୃବୃନ୍ଦ ସାମିଲ ହୋଇଥିଲେ ।

ନୟାଗଡ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

ରଣପୁର, (ଭାସ୍କର ନ୍ୟୁଜ୍) : ନୟାଗଡ ଜିଲ୍ଲା ରଣୁର ଅଞ୍ଚଳରେ ପ୍ରଶାସନିକ ଅବହେଳା ଯୋଗୁଁ ସାଧାରଣ ଜନତା ନାହିଁ ନଥିଲା ଅସୁବିଧା ଭୋଗ କରୁଥିବା ବେଳେ ୨ ବର୍ଷ ହେଲା କରୋନା କଟକଣା ଯୋଗୁଁ ଅଭିଯୋଗ ଶୁଣାଣୀ ବନ୍ଦ ରହିଥିଲା । ନୟାଗଡ ଜିଲ୍ଲାପାଳ ଡ.ପୋମା ଟୁଡୁ ଜୁନ୍ ୨୭ ତାରିଖରେ ରଣପୁର ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣୀ କରିଥିବା ଜଣାପଡିଛି । ଏଥିରେ ନୟାଗଡ ପ୍ରକଳ୍ପ ନିର୍ଦ୍ଦେଶକ ସୁବାଷ ଚନ୍ଦ୍ର ରାୟ, ଉପ ଜିଲ୍ଲାପାଳ ଲଗ୍ନଜିତ୍ ରାଉତ, ନୟାଗଡ ଆରକ୍ଷୀ ଅଧିକ୍ଷକ ଅଲେଖ ଚନ୍ଦ୍ର ପହି, ନୟାଗଡ ଜିଲ୍ଲା ପରିଷଦ ସଭାପତି ଇଂ ଦେବାଶିଷ ପଟ୍ଟନାୟକ । ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, କ୍ଷୁଦ୍ର ଜଳସେଚନ ବିଭାଗ, ବିଦ୍ୟୁତ ବିଭାଗ ସହ ସମସ୍ତ ବିଭାଗୀୟ ଉଚ୍ଚ ଅଧିକାରୀମାନେ ଯୋଗ ଦେଇଥିଲେ । ଏପରିକି ମାସ ସାରା ବ୍ଲକ କାର୍ଯ୍ୟାଳୟକୁ ଆସୁନଥିବା ମତ୍ସ୍ୟ ଅଧିକାରିଣୀ ଓ ଶିଳ୍ପ ଉନ୍ନୟନ ଅଧିକାରୀ ମଧ୍ୟ ଯୋଗ ଦେଇଥିଲେ । ଅଭିଯୋଗ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨୯, ଖାଉଟି କାର୍ଡ ୩୦ , ଶାରିରୀକ ଅକ୍ଷମ ମଧୁବାବୁ ଭତ୍ତା ଯୋଜନା ୨୭, ମହାତ୍ମାଗାନ୍ଧୀ କର୍ମ ନିଯୁକ୍ତି ଯୋଜନା ୧୨ , ଜମିବାଡି ସଂକ୍ରାନ୍ତୀୟ ୫ ଓ ଅନ୍ୟାନ୍ୟ ୪୦ ଗୋଟି ଅଭିଯୋଗ ସର୍ବମୋଟ ୧୪୩ ଅଭିଯୋଗ ହୋଇଥିବା ଜଣାପଡିଛି । ଅଭିଯୋଗ ଅନେକ ଥିଲେ ମଧ୍ୟ ପ୍ରଚାର ପ୍ରସାର ଅଭାବରୁ ବହୁ ଅଭିଯୋଗକାରୀ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ଦିବସ ସମ୍ପର୍କ ରେ ଜାଣିପାରି ନଥିଲେ ।

ବିଜେପିର ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ

ରଘୁନାଥପୁର, (ଭାସ୍କର ନ୍ୟୁଜ୍) : ୨୦୨୪ ମସିହା ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ରଘୁନାଥପୁର ସ୍ଥାନୀୟ ମଦନ ମୋହନ ମଠ ପରିସରରେ ଆଜି ଭାରତୀୟ ଜନତା ପାର୍ଟିର ଏକ ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତା ସମ୍ମୀଳନି ଅନୁଷ୍ଠିତ ହୋଇଯାଇଛି ।ଏହି ସମ୍ମୀଳନିରେ ଦଳୀୟ ନିର୍ବାଚନି କୌଶଳ ମୁତାବକ ଯଥାଶୀଘ୍ର ବୁଥ୍ କମିଟି ଓ ପଞ୍ଚାୟତ ସ୍ତରୀୟ କମିଟି ଗଠନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଆଗାମୀ ନର୍ବାଚନରେ ଦଳ ନିଶ୍ଚିତ ବାଜିମାତ୍ କରିବା ଲକ୍ଷ୍ୟ ନେଇ ସମସ୍ତେ ଏକ ନୂତନ ଉଦ୍ଦୀପନାରେ କାର୍ଯ୍ୟ କରିବା ପାଇଁ ସଂକଳ୍ପ ନେଇଥିବା ଜଣାଯାଇଛି । ଏହି ସମ୍ମିଳନୀରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗତ୍‌ସିଂହପୁର ଜିଲ୍ଲା ପ୍ରଭାରୀ ଶାରଦା ପ୍ରଧାନ,ତିର୍ତ୍ତୋଲ ନିର୍ବାଚନୀ ମଣ୍ଡଳୀ ନେତା ରାଜ କିଶୋର ବେହେରା,ରାଜ୍ୟ ଓବିସି ମୋର୍ଚ୍ଚା ସଦସ୍ୟ ଅଶୋକ ମହାରଣା, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ସୁବୋଧ ବାରିକ, ମଣ୍ଡଳ ସଭାପତି ସୁଶାନ୍ତ ମହାନ୍ତି, ପୂର୍ବତନ ମଣ୍ଡଳ ସଭାପତି ସତ୍ୟବ୍ରତ ପଣ୍ଡା, ଅନୁସୂଚିତ ଜାତି ମଣ୍ଡଳ ସଭାପତି ପ୍ରଭଞ୍ଜନ ମଲ୍ଲିକ, ଜିଲ୍ଲା ସାଧାରଣ ସଂପାଦକ ସୁବାଷ ଜେନା, ଅଶୋକ ନାୟକ, ସୁମାଂଶୁ ଜେନା, ବିଶ୍ୱନାଥ ମଲ୍ଲିକ, ଲୁଭେନ୍ଦ୍ର ମିଶ୍ର, ସୁବାଷ ବେହେରା, ସୁକାନ୍ତ ସ୍ୱାଇଁ, ଜ୍ୟୋତି ରଂଜନ ସାହୁ, ଗଣେଶ୍ୱର ସାହୁ ପ୍ରମୁଖ ଶତାଧିକ ବିଜେପି କର୍ମୀ ଭାଗ ନେଇଥିଲେ ।

୨୩ ୟୁନିଟ ରକ୍ତ ସଂଗୃହୀତ

ଭଣ୍ଡାରୀପୋଖରୀ, (ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳ ଫାଉଣ୍ଡେସନ ଟ୍ରଷ୍ଟ ଓ ଉତ୍କଳ କମ୍ପୁଟର ଏକାଡେମୀର ମିଳିତ ଆନୁକୂଲ୍ୟରେ ସୋମବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ୨୩ ୟୁନିଟ ରକ୍ତ ସଂଗୃହୀତ ହୋଇଛି । ଥାନାଧିକାରୀ ଅମିତାଭ ଦାଶ ଏହି ଶିବିରକୁ ଉଦଘାଟନ କରିଥିଲେ । ଭଦ୍ରକ ରକ୍ତଭଣ୍ଡାର ଡାକ୍ତର ସୁପ୍ରଭା ବିଶ୍ୱାଳ, ବୈଷୟିକ କର୍ମଚାରୀ ରତିକାନ୍ତ ବଳ, ଜଗନ୍ନାଥ ରାଉତ, ଜ୍ୟୋତିର୍ମୟୀ ମଲ୍ଲିକ, ପ୍ରକାଶ ରାଉତ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ସତ୍ୟବ୍ରତ ସାହୁ, ରବିନ୍ଦ୍ର ନାୟକ, ବିଶ୍ୱକେଶନ ପରିଡା, କପିଳାସ ଦାସ ପ୍ରମୁଖ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଟ୍ରଷ୍ଟ ପ୍ରତିଷ୍ଠାତା ତ୍ରିଲୋଚନ ଦାଶ, ସୁଶାନ୍ତ ରାଉତ, ରବି ଖିଲାର, ସନ୍ତୋଷ ଦାସ ଶିବିରରେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ସଭାପତି ଅଜୟ ପତି, ଉପସଭାପତି ଅଜୟ କୁମାର ରାଉତ, ସମ୍ପାଦିକା ପୂଜାରାଣୀ ବେହେରା, ସୁଜତ କୁମାର ଜେନା, ହିମାଂଶୁ ଶେଖର ଜେନା, ଦିପକ ମଲ୍ଲିକ, ତୁଫାନି ପଣ୍ଡା ପ୍ରମୁଖ ଶିବିର ପରିଚାଳନା କରିଥିଲେ ।

ଅଗ୍ନିପଥ ଯୋଜନା ପ୍ରତିବାଦରେ କଂଗ୍ରେସର ସତ୍ୟାଗ୍ରହ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ନିର୍ବାଚନ ମଣ୍ଡଳୀ ତରଫରୁ ଅଗ୍ନିପଥ ଯୋଜନା ପ୍ରତିବାଦରେ ଜିଲ୍ଲା ସଭାପତି ସରୋଜ ପଟ୍ଟନାୟକଙ୍କ ନେତୃତ୍ୱରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ଢେଙ୍କାନାଳ ନିର୍ବାଚନ ମଣ୍ଡଳୀରୁ ବହୁ ନେତୃତ୍ୱ ଓ କର୍ମୀ ଯୋଗଦେଇ କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାକୁ ବିରୋଧ କରି ବକ୍ତବ୍ୟମାନ ପ୍ରଦାନ କରିଥିଲେ । କେନ୍ଦ୍ର ସରକାର ଯୁବକମାନଙ୍କୁ ପ୍ରତାରଣା କରି ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି । ଉକ୍ତ ଯୋଜନା ଅନୁସାରେ ଯୁବକମାନେ ସେନାବାହିନୀରେ ୪ବର୍ଷ ଚାକିରୀ କରି ପରବର୍ତ୍ତୀ ସମୟରେ ବେକାର ହୋଇ ଗୋତି ଶ୍ରମିକ ଭଳି କାର୍ଯ୍ୟକରିବାକୁ ବାଧ୍ୟ ହେବେ । ବର୍ତମାନ ସରକାର ପୂର୍ବ ସୈନିକମାନଙ୍କୁ ଥଇଥାନ ନକରି ପାରିବା ସ୍ଥଳେ ଏହି ଅଗ୍ନିବୀରମାନଙ୍କୁ କିଭଳି ଥଇଥାନ କରିବେ ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପୂର୍ବ ସୈନିକମାନଙ୍କୁ ଦେଇଥିବା ପ୍ରତିଶ୍ରୁତି 'ୱାନ୍ ର୍‌ୟାଙ୍କ୍ ୱାନ୍ ପେନ୍‌ସନ୍' ପୁରଣ ନକରିପାରି ବର୍ତ୍ତମାନ କିଭଳି ମିଥ୍ୟା ପ୍ରତିଶ୍ରୁତି ଦେଇ ଯୁବସମାଜକୁ ବିଭ୍ରାନ୍ତ କରୁଛନ୍ତି ଓ ବିପଥଗାମୀ କରିବାକୁ ଚେଷ୍ଟା କରୁଛନ୍ତି । ତେଣୁ ସରକାର ଯଦି ଏହି ଯୋଜନାକୁ ପ୍ରତ୍ୟାହାର ନକରନ୍ତି ତେବେ ଆଗାମୀ ଦିନର ଆନ୍ଦୋଳନ ତୀବ୍ରତର କରିବା ପାଇଁ ମତପ୍ରକାଶ ପାଇଥିଲା । ଏହି ସଭାରେ ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ଜିଲ୍ଲା କଂଗ୍ରେସ୍ ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା କଂଗ୍ରେସ ମୁଖପାତ୍ର ପ୍ରେମ୍ ଶଙ୍କର ମିଶ୍ର, ଏଆଇସିସି ସଦସ୍ୟା ଶୁଭାସିନୀ ମହାକୁଡ, ବରିଷ୍ଠ ନେତା ସୁନିଲ୍ ଦାସ, ଡମ୍ବରୁଧର ସେଠୀ, ନିର୍ମଳ ମିଶ୍ର, ଜିତୁ ସାହୁ, ମହିଳା ସଭାନେତ୍ରୀ ସ୍ମିତାରାଣୀ ସାମଲ, ଟାଉନ୍ କଂଗ୍ରେସ୍ ସଭାପତି ହାଇଦର ମହମ୍ମଦ, ଶିଳ୍ପିଶ୍ରୀ ହରିଚନ୍ଦନ, ମହମ୍ମଦ ସମିର୍, ପ୍ରିୟବ୍ରତ ସାସ୍‌ମଲ୍, ସୌମ୍ୟଜିତ୍ ମଲ୍ଲିକ, କାଳିଆ ଦାସଙ୍କ ସମେତ ବହୁ କର୍ମକର୍ତା ଉପସ୍ଥିତ ଥିଲେ । ସର୍ବଶେଷରେ ଛାତ୍ର କଂଗ୍ରେସ୍ ସଭାପତି ଶୁଭମ୍ ଦାଶ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।

ପୁରୁଷୋତ୍ତମପୁର ଏମ୍‌ଆଇପି ସୁଇସ୍ ଗେଟ୍‌ର କାମ ନିମ୍ନମାନର

ଚମ୍ପୁଆ, (ଭାସ୍କର ନ୍ୟୁଜ୍) : କ୍ଷୁଦ୍ର ଜଳସେଚନ ବିଭାଗ ତତ୍ତ୍ୱାବଧାନରେ ଚମ୍ପୁଆ ବ୍ଲକ ଅନ୍ତର୍ଗତ ପୁରୁଷୋତ୍ତମପୁର ଏମ. ଆଇ.ପି ନିର୍ମାଣାଧୀନ ସୁଇସ୍ ଗେଟ କାମ ନିମ୍ନମାନର କରାଯାଇଥିବା ନେଇ ଅଭିଯୋଗ ହୋଇଛି । ପୁରୁଷୋତ୍ତମପୁର କ୍ଷୁଦ୍ର ଜଳସେଚନ ବିଭାଗ ଅଧିନରେ ଥିବା ବନ୍ଧ ରେ ଚଳିତ ଆର୍ଥିକ ବର୍ଷ ରେ ବନ୍ଧ ମୁଣ୍ଡ ଠାରେ ଥିବା ଗେଟ୍‌କୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରା ଯାଇଛି । ଲୋକଙ୍କୁ ଅନ୍ଧାର ରେ ରଖିବା ଉଦେଶ୍ୟରେ ବିନା ସୂଚନା ଫଳକ ରେ ନିମ୍ନ ମାନର କାର୍ଯ୍ୟ କରାଯାଉଥିବା ନେଇ ଗ୍ରାମର ଚାଷୀ ମହଲରେ ଅସନ୍

କୁଲଗାମ: ସୋମବାର ଦିନ ଜାମ୍ମୁ କାଶ୍ମୀରର କୁଲଗାମ ଜିଲ୍ଲାର ନାଉପୋରା-ଖେରପୋରା ଅଂଚଳରେ ସୁରକ୍ଷା ବାହିନୀ ଦ୍ୱାରା ହୋଇଥିବା ଏନକାଉଂଟରରେ ଦୁଇଜଣ ଆତଙ୍କବାଦୀ ନିହତ ହୋଇଛନ୍ତି । ଏହି ଅଂଚଳରେ ସୁରକ୍ଷା ବାହିନୀର ଅପରେସନ ଚାଲିଛି । ସରକାରୀ ସୂତ୍ର ଅନୁଯାୟୀ, କୁଲଗାମ ଜିଲ୍ଲାର ନାଉପୋରା-କେରପୋରା ଅଂଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ପାଇବା ପରେ ପୋଲିସ, ସେନା ଏବଂ ସିଆରପିଏଫର ମିଳିତ ଟିମ୍ ସମଗ୍ର ଅଂଚଳକୁ କର୍ଡ଼ନ କରି ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲା ।

ଜି-୭ ବୈଠକରେ ମୋଦୀଙ୍କ ବଡ଼ ବୟାନ

ପର୍ଯ୍ୟାବରଣ କ୍ଷେତ୍ରରେ ଭାରତ ସଠିକ୍ ଦାୟିତ୍ୱ ନିର୍ବାହ କରିଛି

ନୂଆଦିଲ୍ଲୀ: ଜର୍ମାନୀର ସ୍କଲସ୍ ଏଲମାଉ ପାଲେସରେ ସୋମବାର ଜି-୭ ବୈଠକ ଅନୁଷ୍ଠିତ ହୋଇଛି । ଜର୍ମାନୀ ଚାନ୍‌ସେଲର ଓଲାଫ୍ ସ୍କୋଲ୍‌ଜଙ୍କ ନିମନ୍ତ୍ରଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ବୈଠକରେ ସାମିଲ ହୋଇଛନ୍ତି । ଉକ୍ତ ବୈଠକରେ ଜଳବାୟୁ ପରିବର୍ତ୍ତନ, ଶକ୍ତି, ସ୍ୱାସ୍ଥ୍ୟ, ଖାଦ୍ୟ ସୁରକ୍ଷା ଏବଂ ଲିଙ୍ଗଗତ ସମାନତା ଉପରେ ଫୋକସ କରାଯାଇଥିଲା । ଏହାବ୍ୟତୀତ ୟୁକ୍ରେନ୍-ରୁଷ୍ ଯୁଦ୍ଧ ଓ ହିନ୍ଦ୍-ପ୍ରଶାନ୍ତ କ୍ଷେତ୍ରକୁ ନେଇ ଉପୁଜିଥିବା ସମସ୍ୟା ଉପରେ ବିଶେଷ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରୁଷ ଓ ୟୁକ୍ରେନ୍ ନାମ ନନେଇ କହିଥିଲେ କି କିଛି କାରଣ ଯୋଗୁଁ ବର୍ତ୍ତମାନ ସାରା ବିଶ୍ୱରେ ଖାଦ୍ୟ ସଂକଟ ସୃଷ୍ଟି ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଭାଷଣରେ କହିଥିଲେ ଯେ ଗରିବ ଦେଶମାନେ ପର୍ଯ୍ୟାବରଣକୁ ଅଧିକ କ୍ଷତି ପହଞ୍ଚାଉଥିବାର ଯେଉଁ ଧାରଣା ଅଛି ତାହା ଭୁଲ୍ । ଭାରତର ୧ହଜାର ବର୍ଷର ଇତିହାସକୁ ଯଦି ଦେଖାଯାଏ ତେବେ ଏହି ତଥ୍ୟ ଭୁଲ୍ ପ୍ରମାଣିତ ହେବ । ଆମେ ସର୍ବଦା ପ୍ରକୃତିର ସଂରକ୍ଷଣ କରିଆସିଛୁ । ବିଶ୍ୱର ୧୭% ଜନବସତି ଭାରତରେ ବସବାସ କରୁଛନ୍ତି । ଆମେ ଭାରତର ପ୍ରତିଟି ଘରେ ଏଲ୍‌ଇଡି ବଲ୍‌ବ ଓ କ୍ଲିନ୍ କୁକିଂ ଗ୍ୟାସ୍ ପହଞ୍ଚାଇଛୁ । ପର୍ଯ୍ୟାବରଣ ପ୍ରତି ଆମେ ଆମର ଦାୟିତ୍ୱକୁ ସଠିକ୍ ଭାବେ ନିର୍ବାହ କରିଆସୁଛୁ । ଆଜି ଭାରତରେ ବିଶ୍ୱର ପ୍ରଥମ ସୋଲାର ପାୱାର୍ଡ ବିମାନବନ୍ଦର ରହିଛି । ପ୍ରାକୃତିକ ଶକ୍ତି ସଂରକ୍ଷଣ କ୍ଷେତ୍ରରେ ବିଶ୍ୱର ବଡ଼ ବଡ଼ ରାଷ୍ଟ୍ରମାନେ ଭାରତକୁ ଯଥାସମ୍ଭବ ସହାୟତା ଯୋଗାଇବା ଉଚିତ୍ ବୋଲି ମୋଦୀ ତାଙ୍କ ଭାଷଣରେ କହିଥିଲେ । ସୋମବାର ବୈଠକ ଆରମ୍ଭ ହେବା ପୂର୍ବରୁ ପ୍ରଥମେ ଗ୍ରୁପ୍ ଫଟୋ ସେସନ୍ ହୋଇଥିଲା । ଗ୍ରୁପ୍ ଫଟୋ ପୂର୍ବରୁ ମୋଦୀ ଓ କାନାଡ଼ା ପ୍ରଧାନମନ୍ତ୍ରୀ ଆଲୋଚନା କରୁଥିବା ସମୟରେ ଆମେରିକା ରାଷ୍ଟ୍ରପତି ମୋଦୀଙ୍କୁ ଦେଖିବା କ୍ଷଣି ତୁରନ୍ତ ତାଙ୍କ ନିକଟକୁ ଚାଲିଆସିଥିଲେ । ମୋଦୀ ମଧ୍ୟ ବାଇଡେନ୍‌ଙ୍କୁ ଦେଖିବା କ୍ଷଣି କରମର୍ଦ୍ଦନ କରିଥିଲେ । ପୁଣି ଦୁଇ ରାଷ୍ଟ୍ରମୁଖ୍ୟ କିଛିସମୟ ପରସ୍ପର ସହ ଆଲୋଚନା କରିଥିବା ଦୃଷ୍ଟିଗୋଚର ହୋଇଥିଲା ।

ମହାରାଷ୍ଟ୍ର ହାଇଡ୍ରାମା

ସ୍ଥିତାବସ୍ଥା ବଜାୟ ରଖିବାକୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

- ସବୁ ପକ୍ଷଙ୍କୁ ନୋଟିସ୍ ଜାରି
- ୫ ଦିନ ମଧ୍ୟରେ ଉତ୍ତର ଦେବାକୁ ନିର୍ଦ୍ଦେଶ
- ପରବର୍ତ୍ତୀ ଶୁଣାଣି ଜୁଲାଇ ୧୧ରେ
- ଶିବସେନା କର୍ମୀଙ୍କ ଉତ୍ପାତ ଜାରି

ନୂଆଦିଲ୍ଲୀ : ମହାରାଷ୍ଟ୍ରରେ ଲାଗି ରହିଥିବା ରାଜନୈତିକ ହାଇଡ୍ରାମା ଏବେ ସୁପ୍ରିମ୍‌କୋର୍ଟରେ ପହଞ୍ଚିଛି । ଶିବସେନା ବିଦ୍ରୋହୀ ଏକନାଥ ସିନ୍ଦେଙ୍କ ପକ୍ଷରୁ ଆଗତ ଏକ ମାମଲାର ଶୁଣାଣି କରି ସୁପ୍ରିମ୍‌କୋର୍ଟ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ମହାରାଷ୍ଟ୍ର ସରକାର, ବିଧାନସଭାର ଉପବାଚସ୍ପତି, ବିଧାନସଭା ସଚିବ, କେନ୍ଦ୍ର ସରକାର, ଶିବସେନା ନେତା ସୁନିଲ ପ୍ରଭୁ ଓ ଅଜୟ ଚୌଧୁରୀଙ୍କୁ ନୋଟିସ ଜାରି କରିଛନ୍ତି । ୫ ଦିନ ମଧ୍ୟରେ ନୋଟିସ୍‌ର ଜବାବ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁଲାଇ ୧୧ ତାରିଖରେ ହେବ ବୋଲି ଅଦାଲତ ସମୟ ଧାର୍ଯ୍ୟ କରିଛନ୍ତି । ତେବେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସ୍ଥିତାବସ୍ଥା ବଜାୟ ରହିବ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି । ଅନ୍ୟପକ୍ଷରେ ମହରାଷ୍ଟ୍ରରେ ରାଜନୈତିକ ହାଇଡ୍ରାମା ସରଗରମ ପରେ ଏବେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି । ରାଜ୍ୟରେ ସପ୍ତାହେ ଧରି ବିଦ୍ରୋହୀ ବିଧାୟକମାନେ ନାଟକବାଜି ଜାରି ରଖିଥିବାବେଳେ ଏଥିରେ ଉତ୍‌କ୍ଷିପ୍ତ ହୋଇ ଶିବସେନା କର୍ମୀମାନେ ରାସ୍ତାକୁ ଓହ୍ଲାଇ ହଙ୍ଗାମା କରୁଥିବା ଦେଖିବାକୁ ମିଳିଛି । ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କ ସମର୍ଥକ ଶିବସେନା କର୍ମୀ ଓ ବିଦ୍ରୋହୀ ବିଧାୟକ ସମର୍ଥକଙ୍କ ମଧ୍ୟରେ ଧସ୍ତାଧସ୍ତି ଓ ଠେଲାପେଲା ଚାଲୁ ରହିଛି । ସୋମବାର କୋହ୍ଲାପୁର ଜିଲ୍ଲାରେ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହେବା ପରେ ପୋଲିସ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ ଭିତରକୁ ନେଇଥିଲା । ରାଜ୍ୟର ବିଭିନ୍ନ ସ୍ଥାନରେ ଶିବସେନା କର୍ମୀମାନେ ଉତ୍ପାତ କରିବାର ଖବର ଲଗାତାର ଆସୁଛି । ସୋମବାର ଦ୍ୱିପ୍ରହରରେ ଶିବସେନା କର୍ମୀମାନେ ଗୋନ୍ଦିଆର ସ୍ୱାଧୀନ ବିଧାୟକ ବିନୋଦ ଅଗ୍ରୱାଲଙ୍କ ଅଫିସ୍‌କୁ ଭଙ୍ଗାରୁଜା କରିଥିବାବେଳେ ପୁନେରେ ବିଦ୍ରୋହୀ ବିଧାୟକଙ୍କ କୁଶପୁତ୍ତଳିକା ଶବଯାତ୍ରା ବାହାର କରି ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା ।

ଅନ୍ୟପକ୍ଷରେ ସଞ୍ଜୟ ରାଉତ ଲଗାତାର ବିଦ୍ରୋହୀ ବିଧାୟକଙ୍କୁ ନେଇ ଆପତ୍ତିଜନକ ମନ୍ତବ୍ୟ ଦେଇଚାଲିଛନ୍ତି । ଏହାକୁ ବିରୋଧ କରି ସିନ୍ଦେ ସମର୍ଥକମାନେ ଥାନେଠାରେ ସଞ୍ଜୟ ରାଉତଙ୍କ କୁଶପୁତ୍ତଳିକା ଦାହ କରିଥିବାବେଳେ ଜଳଗାଓଁରେ ବିଧାୟକ ଗୁଲାବରାଓ ପାଟିଲଙ୍କ ସମର୍ଥକ ସଞ୍ଜୟ ରାଉତଙ୍କ କୁଶପୁତ୍ତଳିକାକୁ ଜୋତା ଓ ଚପଲରେ ପିଟିବା ସହ ତାହାକୁ ଜଳାଇଥିବା ପରିଲକ୍ଷିତ ହୋଇଛି । ସେହିପରି ଗୌହାଟିରେ ସିନ୍ଦେ ସମର୍ଥକମାନେ ଉଦ୍ଧବ ଠାକ୍‌ରେଙ୍କ ଇସ୍ତଫା ଦାବି କରିଛନ୍ତି । ସିନ୍ଦେଙ୍କ ସହ ଦୀପକ କେସରକର କହିଛନ୍ତି ଉଦ୍ଧବ ଠାକ୍‌ରେଙ୍କ ସରକାର ରାଜ୍ୟରେ ଆଇନ କାନୁନ୍ ବ୍ୟବସ୍ଥା ସଠିକ୍ ଭାବେ ପରିଚାଳନା କରିବାରେ ବିଫଳ ହୋଇଛନ୍ତି । ତେଣୁ ତୁରନ୍ତ ସେ ଇସ୍ତଫା ଦେବା ଉଚିତ୍ । ବିଦ୍ରୋହୀଙ୍କ ପକ୍ଷରୁ ନେତୃତ୍ୱ ନେଉଥିବା ଏକନାଥ ସିନ୍ଦେଙ୍କ ସମର୍ଥକମାନେ ଏବେ ଗୌହାଟୀର ଏକ ତାରକା ହୋଟେଲ୍‌ରେ ରହିଛନ୍ତି । ଅନ୍ୟପକ୍ଷରେ ବିଦ୍ରୋହୀ ବିଧାୟକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ । ଏକନାଥ ସିନ୍ଦେଙ୍କୁ ସମର୍ଥନ କରୁଥିବା ସମସ୍ତ ମନ୍ତ୍ରୀଙ୍କ ଠାରୁ ବିଭାଗଗୁଡ଼ିକୁ କାଢ଼ିନେଇ ମୁଖ୍ୟମନ୍ତ୍ରୀ ଅନ୍ୟମନ୍ତ୍ରୀମାନଙ୍କୁ ପ୍ରଦାନ କରିଛନ୍ତି । ତେବେ ଜୁଲାଇ ୧୧ ସୁପ୍ରିମ୍‌କୋର୍ଟ ଶୁଣାଣିକୁ ସମସ୍ତେ ଅପେକ୍ଷା କରି ରହିଛନ୍ତି । ଏସବୁ ଭିତରେ ଶିବସେନାର ବରିଷ୍ଠ ନେତା ତଥା ସାଂସଦ ସଞ୍ଜୟ ରାଉତଙ୍କୁ ଏକ ଜମିଜମା ମାମଲାରେ ପଚରା ଉଚୁରା କରିବା ପାଇଁ ଇଡି ପକ୍ଷରୁ ନୋଟିସ ଜାରି କରାଯାଇ ମଙ୍ଗଳବାର ହାଜର ହେବାକୁ ସମନ ପଠାଯାଇଛି ।

ମହାତ୍ମା ଗାନ୍ଧୀଙ୍କ ପ୍ରତି ବିଜେପି ବିଧାୟକଙ୍କ ଆପତ୍ତିଜନକ ମନ୍ତବ୍ୟ

ଭାଇରାଲ୍ ପରେ କହିଲେ ପାଟିରୁ ଖସିଯାଇଥିଲା

ଝୁନ୍‌ଝୁନ୍: ଝୁନ୍‌ଝୁନ୍‌ରେ ବିଜେପି ବିଧାୟକ ନରେନ୍ଦ୍ର କୁମାର ଖିଚର ମହାତ୍ମା ଗାନ୍ଧୀଙ୍କ ଉପରେ ଦେଇଥିବା ଆପତ୍ତିଜନକ ମନ୍ତବ୍ୟ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବା ପରେ ନିଜ ମନ୍ତବ୍ୟ ଉପରେ ସଫେଇ ଦେଇ ବିଧାୟକ କହିଛନ୍ତି କି ଭୁଶ୍‌ବଶତଃ ମୋ ପାଟିରୁ ତାହା ଖସିଯାଇଥିଲା । ମହାତ୍ମା ଗାନ୍ଧୀଙ୍କୁ ମୁଁ ସମ୍ମାନ କରେ, କାର୍ଯ୍ୟାଳୟରେ ତାଙ୍କ ଫଟୋ ଲଗାଇଛି । ମୋର କହିବାର ସେଭଳି କୌଣସି ଉଦ୍ଦେଶ୍ୟ ନଥିଲା । ସୂଚନାଥାଉକି ଜୁନ୍ ୨୫ରେ ସାଂସଦ ନରେନ୍ଦ୍ର କୁମାର ଖିଚଡ ବାକରା ଗ୍ରାମରେ ସ୍ୱାଧୀନତା ସଂଗ୍ରାମୀ ଶେଓଲାଲ ଖିଚରଙ୍କ ପ୍ରତିମା ଅନାବରଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏଠାରେ ସେ ତାଙ୍କ ଭାଷଣରେ କହିଥିଲେ କି ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ସୁଭାଷ ଚନ୍ଦ୍ର ବୋଷଙ୍କ ହତ୍ୟା କରାଯାଇଛି ।

ଆସାମ ବନ୍ୟାରେ ଗଲାଣି ୧୨୬ ଜୀବନ, ୨୨ଲକ୍ଷରୁ ଊର୍ଦ୍ଧ୍ୱ ପ୍ରଭାବିତ

ଗୌହାଟି: ଆସାମ ବନ୍ୟାରେ ଏପର୍ଯ୍ୟନ୍ତ ୧୨୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ଜଣ ନିଖୋଜ ଅଛନ୍ତି । ବନ୍ୟାଯୋଗୁଁ ରାଜ୍ୟର ୨୨ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । କଛାର ଜିଲ୍ଲାର ସିଲଚର ସହରରେ ଏବେ ବି ସ୍ଥିତି ଗମ୍ଭୀର ରହିଛି । ରାଜ୍ୟର ବହୁ ସ୍ଥାନ ଜଳବନ୍ଦୀରେ ଥିବା ଅଧିକାରୀମାନେ ସୂଚନା ଦେଇଛନ୍ତି । ଆସାମ ରାଜ୍ୟ ବିପର୍ଯ୍ୟୟ ପ୍ରବନ୍ଧନ ପ୍ରାଧିକରଣର ସୂଚନାନୁଯାୟୀ ରବିବାର ସୁଦ୍ଧା ବନ୍ୟା ପ୍ରଭାବିତଙ୍କ ସଂଖ୍ୟା ୨୫.୧୦ଲକ୍ଷରୁ ହ୍ରାସ ପାଇ ୨୨.୨୧ଲକ୍ଷରେ ପହଞ୍ଚିଛି । ରାଜ୍ୟରେ ବନ୍ୟା ସ୍ଥିତିରେ ଧିରେ ଧିରେ ସୁଧାର ଆସୁଥିବା ସେମାନେ ସୂଚନା ଦେଇଛନ୍ତି । ଏହି ବନ୍ୟାରେ ୨ହଜାର ୫୪୨ ଗ୍ରାମ ବିଶେଷଭାବେ ପ୍ରଭାବିତ ହୋଇଥିବାବେଳେ ୨ଲକ୍ଷ ୧୭ହଜାର ୪୧୩ଜଣ ଲୋକଙ୍କୁ ୫୬୪ଟି ଆଶ୍ରୟସ୍ଥଳୀରେ ରଖାଯାଇଛି । ବର୍ତ୍ତମାନ କୋପିଲି, ବରାକ ଓ କୁଶିୟାରା ନଦୀର ଜଳସ୍ତର ବିପଦସଂକେତ ଉପରେ ପ୍ରବାହିତ ହୋଇଥିବା ଲକ୍ଷ୍ୟ କରାଯାଇଛି ।

ଜମି ଦୁର୍ନୀତି ମାମଲାରେ ସଞ୍ଜୟ ରାଉତଙ୍କୁ ଇଡିର ସମନ

ମୁମ୍ବଇ: ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସାଂସଦ ସଞ୍ଜୟ ରାଉତଙ୍କୁ ପାତ୍ର ଚାଓ୍ୱଲା ଜମି ଦୁର୍ନୀତି ମାମଲାରେ ମଙ୍ଗଳବାର ପଚରା ଉଚରା କରିବା ପାଇଁ ସମନ ଜାରି କରିଛି । ନୋଟିସ ପାଇବା ପରେ ସାଂସଦ ରାଉତ କହିଛନ୍ତି କି ମଙ୍ଗଳବାର ଆଲିଗାମର ଏକ ବୈଠକରେ ଯୋଗଦେବାକୁ ଥିବାରୁ ଇଡିରେ ହାଜର ହୋଇପାରିବି ନାହିଁ । ତେବେ ଇଡିର ଏଭଳି ସମନକୁ ସଞ୍ଜୟ ରାଉତ ଏହା ଭିତିରି ଷଡ଼ଯନ୍ତ୍ର ବୋଲି ଆଖ୍ୟା ଦେଇଛନ୍ତି । ମହାରାଷ୍ଟ୍ରରେ ବର୍ତ୍ତମାନ ରାଜନୈତିକ ସ୍ଥିତି ସରଗରମ ଏବଂ ସଂକଟ ମଧ୍ୟ ଦେଇ ଉଦ୍ଧବ ସରକାର ଗତିକରୁଛନ୍ତି । ମୋର ବେକ କଟିଗଲେ ସୁଦ୍ଧା ବିଦ୍ରୋହୀଙ୍କ ସହ ଯାଇପାରିବି ନାହିଁ ।

ରାଜସ୍ଥାନରେ ବଡ଼ ୟୁରାନିୟମ ଖଣିର ସନ୍ଧାନ: ୩ହଜାର କୋଟିର ନିବେଶ ଯୋଜନା

ରାଜସ୍ଥାନ:ଝାରଖଣ୍ଡ ଏବଂ ଆନ୍ଧ୍ର ପ୍ରଦେଶ ପରେ ରାଜସ୍ଥାନରେ ମିଳିଛି ଏକ ବଡ଼ ୟୁରାନିୟମ ଖଣିର ସନ୍ଧାନ । ସିକର ନିକଟ ଖଣ୍ଡେଲା ତହସିଲର ରାହିଲଠାରେ ଖନନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି । ଏଠାରେ ୧୦୮୬.୪୬ ହେକ୍ଟର ଏରିଆରେ ୧୨ ମିଲିୟନ ଟନ ୟୁରାନିୟମ ଏବଂ ଏହା ସହିତ ମିଶିକରି ଥିବା ଆସୋସିଏଟେଡ ମିନେରାଲ୍ସ ଗଚ୍ଛିତ ଥିବା ସନ୍ଧାନ ମିଳିବା ପରେ ସରକାରଙ୍କ ମନରେ ଅନନ୍ଦ ପ୍ରକାଶ ପାଇଛି । ଏଠାରେ ରୋଜଗାରଠାରୁ ଆରମ୍ଭ କରି ପୁଞ୍ଜି ନିବେଶ ପଥ ପରିଷ୍କାର ହେବ । ପରମାଣୁ ବମ୍‌ରେ ୟୁରାନିୟମର ଉପଯୋଗ କରିବା ପାଇଁ ବୈଜ୍ଞାନିକମାନେ ପରୀକ୍ଷା କରିବା ସହିତ ପରମାଣୁ ଅସ୍ତ୍ର ତିଆରି କରିବାରେ ଏହାକୁ ପ୍ରୟୋଗ କରାଯିବ କି ନାହିଁ ନିଷ୍ପତ୍ତି ନିଆଯିବ । ରବିବାର ରାଜସ୍ଥାନ ସରକାର ଖଣି ପାଇଁ ଏଲଓଆଇ(ଲେଟର ଅଫ୍ ଇଣ୍ଟେଣ୍ଟ) ଜାରି କରିବା ସହିତ ୟୁରାନିୟମ ଖଣିରେ ମଧ୍ୟ ପ୍ରବେଶ କରିଛନ୍ତି । ଏଥିରେ ୟୁରାନିୟମ କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ (ୟୁସିଆଇଏଲ) ୩ ହଜାର କୋଟି ଟଙ୍କା ନିବେଶ କରିବ ଏବଂ ୩ ହଜାର ଲୋକଙ୍କୁ ପ୍ରରୋକ୍ଷ ବା ପ୍ରତ୍ୟକ୍ଷ ଭାବେ ରୋଜଗାର ମିଳିବ ।

ବାଣିଜ୍ୟ

ନୂଆଦିଲ୍ଲୀ:ଜୁନ ୨୭,୨୦୨୨ ସୋମବାର ସୁନା-ରୁପା ଦର ବଢ଼ିଥିବା ଦେଖିବାକୁ ମିଳିଛି । ଇଣ୍ଡିଆ ବୁଲିୟନ ଆଣ୍ଡ ଜ୍ୱେଲର୍ସ ଆସୋସିଏସନ(ଆବିଜେଏ)ର ୱେବସାଇଟ୍ ଅନୁସାରେ ସୁନାର ପ୍ରଚଳିତ ବଜାର ଦର ୧୯୨ ଟଙ୍କା ମହଙ୍ଗା ହୋଇ ୧୦ ଗ୍ରାମ ପ୍ରତି ୨୪ କ୍ୟାରେଟ ସୁନା ଦର (ଭାରତୀୟ ଟଙ୍କାରେ) ୫୧,୦୨୧ ଟଙ୍କାରେ ପହଞ୍ଚିଛି । ସେହିପରି ରୂପା (ଭାରତୀୟ ଟଙ୍କାରେ)୧,୧୫୭ ଟଙ୍କା ମହଙ୍ଗା ହୋଇ କିଲୋ ପ୍ରତି ଟ.୬୦୫୦୭ଙ୍କାରେ ପହଞ୍ଚିଥିଲା ।

ଆର୍‌ଏସ୍‌ପି ଦ୍ୱାରା ଅବହେଳିତ ବର୍ଗର ବିଦ୍ୟାର୍ଥୀଙ୍କୁ ୨୨.୮୭ ଲକ୍ଷ ଟଙ୍କାର ମେଧାବୃତ୍ତି ପ୍ରଦାନ

ରାଉରକେଲା(ଭାସ୍କର ନ୍ୟୁଜ୍): ରାଉରକେଲା ଇସ୍ପାତ କାରଖାନା ଏହାର କର୍ପୋରେଟ ସାମାଜିକ ଦାୟିତ୍ୱ ପ୍ରୟାସର ଅଂଶ ସ୍ୱରୂପ ପାର୍ଶ୍ୱାଞ୍ଚଳ ଓ ପୁନର୍ବସତି କଲୋନୀର ଅବହେଳିତ ବର୍ଗର ୨୦୦ ଜଣ ଛାତ୍ରଛାତ୍ରୀଙ୍କୁ ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ୨୨.୮୭ ଲକ୍ଷ ଟଙ୍କାର ମେଧାବୃତ୍ତି ପ୍ରଦାନ କରିଛି । ସିଏସଆର ବିଭାଗର ସେକ୍ଟର ୨୦ ସ୍ଥିତ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନ ଠାରେ ଜୁନ ୨୭ ତାରିଖରେ ଛାତ୍ରବୃତ୍ତି ବିତରଣ ପାଇଁ ଅନୁଷ୍ଠିତ ଏକ ପ୍ରତୀକାତ୍ମକ କାର୍ଯ୍ୟକ୍ରମରେ ରାଉରକେଲାର ଅତିରିକ୍ତ ଜିଲ୍ଲାପାଳ, ଡକ୍ଟର ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ । ଏହି ଅବସରରେ ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ, ଶ୍ରୀ ଏ କେ ନାୟକ ମଧ୍ୟ ମଞ୍ଚାସୀନ ଥିଲେ । ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଡମି ଚେକ ଓ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ସହିତ ମତବିନିମୟ କରି ଡକ୍ଟର ଶୁଭଙ୍କର ମହାପାତ୍ର ସେମାନଙ୍କୁ ଉଚ୍ଚ ଲକ୍ଷ୍ୟ ରଖିବା ତଥା ସ୍ୱପ୍ନ ଦେଖିବା ସହ ସେଗୁଡ଼ିକୁ ସାକାର କରିବା ନିମନ୍ତେ କଠିନ ଅଧ୍ୟବସାୟ କରିବା ନିମନ୍ତେ ଉତ୍ସାହିତ କରିଥିଲେ । ସେ ବିଦ୍ୟାର୍ଥୀମାନଙ୍କୁ ଜୀବନରେ ସଫଳ ହେବା ସଙ୍ଗେସଙ୍ଗେ ଦେଶର ଦାୟିତ୍ୱଶୀଳ ନାଗରିକ ରୂପେ ସମାଜରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବାକୁ ପରାମର୍ଶ ମଧ୍ୟ ଦେଇଥିଲେ । ନିଜର ବକ୍ତବ୍ୟରେ ଶ୍ରୀ ନାୟକ ଶିକ୍ଷାକୁ ପ୍ରୋତ୍ସାହନ ନିମନ୍ତେ ଆରଏସପି ଦ୍ୱାରା କାର୍ଯ୍ୟକାରୀ ବିଭିନ୍ନ ସିଏସଆର ପ୍ରୟାସ ବିଷୟରେ ଆଲୋକପାତ କରିଥିଲେ ଏବଂ ସମସ୍ତଙ୍କୁ ସେଗୁଡ଼ିକର ଲାଭ ନେବା ପାଇଁ ଅନୁପ୍ରେରିତ କରିଥିଲେ । ସୂଚନାଯୋଗ୍ୟ ଯେ, ଛାତ୍ରଛାତ୍ରୀମାନଙ୍କର ବୃତ୍ତି ଅର୍ଥ ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯାଉଛି । ପ୍ରାରମ୍ଭରେ ସମାବେଶକୁ ସ୍ୱାଗତ କରିଥିଲେ ଏହି ଯୋଜନା ବିଷୟରେ ସଂକ୍ଷିପ୍ତରେ ଉଲ୍ଲେଖ କରିଥିଲେ । ସିଏସ୍‌ଆର୍ ବିଭାଗର ସିନିୟର ମ୍ୟାନେଜର, ଶ୍ରୀ ଏ ଏନ ପତି ଧନ୍ୟବାଦ ଜ୍ଞାପନ କରିଥିଲେ । ସିଏସଆର ବିଭାଗର ସିନିୟର ଫିଲ୍ଡ ଆସିଷ୍ଟାଣ୍ଟ, ଶ୍ରୀ ବେନେଡିକ୍ଟ ଏକ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସୂଚନାଯୋଗ୍ୟ ଯେ, ଏହି ଯୋଜନା ଅନ୍ତର୍ଗତ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦ୍ୱାରା ଯୋଗ୍ୟ ଛାତ୍ରଛାତ୍ରୀ ମନୋନୀତ ହୋଇଥାନ୍ତି । ଆରଏସପିର ସିଏସଆର ପ୍ରୟାସର ଅଂଶ ସ୍ୱରୂପ ଶିକ୍ଷାର ପ୍ରସାର ନିମନ୍ତେ ଏହି ଯୋଜନା ୨୦୦୭-୦୮ ଆର୍ଥିକ ବର୍ଷରେ ଆରମ୍ଭ ହୋଇଥିଲା । ଏହି ଯୋଜନା ଅଧୀନରେ ମନୋନୀତ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚ ମାଧ୍ୟମିକ ଓ ମାଧ୍ୟମିକ ଶିକ୍ଷା ଲାଭ ନିମନ୍ତେ ବାର୍ଷିକ ୧୨୦୦୦ଟଙ୍କାର ଏବଂ ପ୍ରାଥମିକ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କୁ ମାସିକ ୧୦୮୦୦ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଉଛି । ଗତ ୧୦ ବର୍ଷ ମଧ୍ୟରେ, ଏହି ଯୋଜନା ଅଧୀନରେ ଆରଏସପି ଦ୍ୱାରା ୨.୫ କୋଟିରୁ ଅଧିକ ଟଙ୍କା ମେଧାବୃତ୍ତି ପ୍ରଦାନ କରାଯାଇଛି ।

ଦେଶର ଶ୍ରେଷ୍ଠ ୨୦ ମେଡିକାଲ କଲେଜ ମଧ୍ୟରେ ଏମ୍ସ ଭୁବନେଶ୍ୱର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ଥାପନା ହେବାର ପ୍ରଥମ ଦଶନ୍ଧ

ଦାମ୍ବୁଲା: ସୋମବାର ଏଠାରେ ଅନୁଷ୍ଠିତ ଚଳିତ ମହିଳା ଟି-୨୦ କ୍ରିକେଟ ସିରିଜର ତୃତୀୟ ମ୍ୟାଚରେ ଶ୍ରୀଲଙ୍କା ଠାରୁ ୭ ୱିକେଟରେ ହାରିଲା ଭାରତ । ମାତ୍ର ପ୍ରଥମ ଓ ଦ୍ୱିତୀୟ ମ୍ୟାଚରେ ସଫଳ ହୋଇ ଭାରତ ୨-୧ରେ ଏହି ସିରିଜ ବିଜୟୀ ହୋଇଛି । ତୃତୀୟ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୩୮ ରନ କରିଥିଲା । ଅଧିନାୟିକା ହରମନପ୍ରୀତ କୌର ସର୍ବାଧିକ ଅପରାଜିତ ୩୯ ଓ ଜେମିମା ରୋଡ୍ରିଗ୍ୟୁଜ ୩୩ ରନ କରିଥିଲେ । ପଛରେ ବ୍ୟାଟିଂ କରି ଶ୍ରୀଲଙ୍କା ୧୭ ଓଭରରେ ୩ ୱିକେଟ ହରାଇ ୧୪୧ ରନ କରି ବିଜୟୀ ହୋଇଥିଲା । ଅଧିଡ଼ାୟିକା ଚାମିରା ଆଥାପାଥୁ ଅପୀରଜିତ ୮୦ ଓ ନୀଲକାଶୀ ଡୀ ସିଲଭା ୩୦ ରନ କରିବା ଫଳରେ ଶ୍ରୀଲଙ୍କାକୁ ସାନ୍ତ୍ୱନା ମୂଳକ ବିଜୟ ଦେଇଛନ୍ତି ।

ଭାରତୀୟ ଦଳ ସହିତ ଯୋଗଦେବେ ମୟଙ୍କ ଅଗ୍ରୱାଲ

ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଦଳ ଅଧିନାୟକ ରୋହିତ ଶର୍ମା ସଂପ୍ରତି କରୋନାରେ ଆକ୍ରାନ୍ତ ହୋଇ ଥିବାରୁ ସେ ଆଗମୀ ଇଂଲଣ୍ଡ ବିପକ୍ଷ ପଞ୍ଚମ ଟେଷ୍ଟ ଖେଳିବା ନେଇ ଆଶଙ୍କାରେ ଅଛନ୍ତି । କାରଣ ସେ ଏକ ସପ୍ତାହ ଏକାନ୍ତବାସରେ ରହିବାକୁ ପଡିବ । ତେଣୁ ଆସନ୍ତା ୧ ତାରିଖରୁ ଏଜବାଷ୍ଟନରେ ଅନୁଷ୍ଠିତ ହେବାକୁ ଥିବା ଟେଷ୍ଟ ମ୍ୟାଚରେ ରୋହିତ ଖେଳିବା ସମ୍ଭବ ହୋଇ ପାରିବ ନାହିଁ । ବିସିସିଆଇ ମେଡିକାଲ ଟିମ ରୋହିତଙ୍କ ଆଶୁ ଅରୋଗ୍ୟ ନେଇ ଉଦ୍ୟମ ଜାରି ରଖିଚନ୍ତି । ତେବେ ମ୍ୟାଚ ଆରମ୍ଭ ବେଳକୁ ସମ୍ପୂର୍ଣ୍ଣ ସୁସ୍ଥ ହେବା ନେଇ କୌଣସି ନିଶ୍ଚିତତା ନାହିଁ । କାରଣ ତାଙ୍କର ବାରମ୍ବାର କରୋନା ପରୀକ୍ଷା କରାଯିବ । ତେବେ ଏହି ଆଶଙ୍କା ମଧ୍ୟରେ ବିସିସିଆଇ ମୟଙ୍କ ଅଗ୍ରୱାଲଙ୍କୁ ଇଂଲଣ୍ଡ ପଠାଇବା ପାଇଁ ନିଷ୍ପତ୍ତି ନେଇ ଥିବା ବେଳେ ସେ ସୋମବାର ଦିନ ଯାତ୍ରା କରିଛନ୍ତି । ଇଂଲଣ୍ଡରେ ଖେଳାଳିଙ୍କ ପାଇଁ କୌଣସି କ୍ୱାରେଣ୍ଟାଇନ ବ୍ୟବସ୍ଥା କରା ଯାଇ ନ ଥିବାରୁ ଅଗ୍ରୱାଲ ଇଂଲଣ୍ଡ ବିପକ୍ଷ ଟେଷ୍ଟ ଖେଳି ପାରିବେ । ଅନ୍ୟତମ ଓପନର କେଏଲ ରାହୁଲ ବର୍ତ୍ତମାନ ଆହତ ଅବସ୍ଥାରେ ଥିବାରୁ ମୟଙ୍କ ଅଗ୍ରୱାଲ ଅଧିନାୟକ ରୋହିତ ଶର୍ମାଙ୍କ ସ୍ଥାନ ପୂରଣ କରି ପାରିବେ ବୋଲି ବିସିସିଆଇ ଚୟନକର୍ତ୍ତା ବିଶ୍ୱାସ ରଖିଛନ୍ତି । ସୂଚନା ଯୋଗ୍ୟ ଯେ ଅଗ୍ରୱାଲ ଭାରତ ପାଇଁ ୨୧ ଟେଷ୍ଟ ଖେଳି ୪୧,୩୩ ହାରରେ ୧୪୪୮ ରନ ସଂଗ୍ରହ କରିଛନ୍ତି । ଗତ ମାର୍ଚ୍ଚ ମାସରେ ସେ ଶ୍ରୀଲଙ୍କା ବିପକ୍ଷ ଘରୋଇ ଟେଷ୍ଟ ସିରିଜ ଖେଳିଥିଲେ । ଅବଶ୍ୟ ଏହି ସିରିଜରେ ଅଗ୍ରୱାଲଙ୍କ ପ୍ରଦର୍ଶନ ସନ୍ତୋଷ ଜନକ ନ ଥିଲା । କାରଣ ସେ ତିନି ଇନିଂସରେ ୩୩,୪ ଓ ୨୨ ରନ କରିଥିଲେ । ସେହିପରି ଚଳିତ ବର୍ଷର ଆଇପିଏଲରେ ମଧ୍ୟ ସେ ବିଫଳ ହୋଇ ଥିଲେ । ପଞ୍ଜାବ କିଙ୍ଗସ ଦଳର ଅଧିନାୟକ ହୋଇ ଥିଲେ ହେଁ ଆଇପିଏଲର ୧୩ ମ୍ୟାଚ ଖେଳି କେବଳ ୧୯୬ ରନ କରିଥିଲେ । ତଥାପି ଚୟନକର୍ତ୍ତାମାନେ ତାଙ୍କ ଉପରେ ଭରସା ରଖି ରୋହିତଙ୍କ ସ୍ଥାନ ପୂରଣ ପାଇଁ ଇଂଲଣ୍ଡ ପଠାଇଛନ୍ତି ।

ଭାରତ ପାଇଁ ସତର୍କ ଘଣ୍ଟି

ଲଣ୍ଡନ: ଆସନ୍ତା ଜୁଲାଇ ୧ ତାରିଖରୁ ଏଜବାଷ୍ଟନରେ ଅନୁଷ୍ଠିତ ହେବ ଭାରତ-ଇଂଲଣ୍ଡ ପଞ୍ଚମ ଟେଷ୍ଟ ମ୍ୟାଚ । ଗତ ବର୍ଷ ଅନୁଷ୍ଠିତ ପଞ୍ଚମ ମ୍ୟାଚ ବିଶିଷ୍ଟ ସିରିଜର ଚାରି ମ୍ୟାଚ ସମାପ୍ତ ହୋଇ ଥିବା ବେଳେ କରୋନା ସଂକ୍ରମଣ ଆଶଙ୍କା କରି ଭାରତୀୟ ଦଳ ପଞ୍ଚମ ମ୍ୟାଚ ଖେଳିବାକୁ ମନା କରି ଦେଇଥିଲେ । ତେଣୁ ଆସନ୍ତା ୧ ତାରିଖରୁ ଏହି ସ୍ଥଗିତ ମ୍ୟାଚ ଅନୁଷ୍ଠିତ ହେବ । ଭାରତ ୨-୧ରେ ସିରିଜ ଅଗ୍ରଣୀ ହୋଇ ଥିଲେ ହେଁ ଇଂଲଣ୍ଡ ସଂପ୍ରତି ନୂଆ ଅଧିନାୟକ ବେନ ଷ୍ଟୋକସ ଓ ନୂଆ କୋଚ ବ୍ରେଣ୍ଡେନ ମ୍ୟାକୁଲାମଙ୍କ ନେତୃତ୍ୱରେ ଅଧିକ ଶକ୍ତିଶାଳୀ ହୋଇ ପାରିଛି । କାରଣ ଗତ ବର୍ଷ ଇଂଲଣ୍ଡରେ ଅନୁଷ୍ଠିତ ଟେଷ୍ଟ ସିରିଜରେ ନ୍ୟୁଜିଲାଣ୍ଡ ଭଲ ପ୍ରଦର୍ଶନ କରି ଇଂଲଣ୍ଡକୁ ହରାଇ ଥିଲେ ହେଁ ଚଳିତ ବର୍ଷ ଅନୁଷ୍ଠିତ ସିରିଜରେ ସମ୍ପୂର୍ଣ୍ଣ ହାର ମାନିଛି । ତେଣୁ ଘରୋଇ ପରିବେଶରେ ଶକ୍ତିଶାଳୀ ଇଂଲଣ୍ଡକୁ ଆଗାମୀ ପଞ୍ଚମ ଟେଷ୍ଟରେ ମୁକାବିଲା କରିବା ଭାରତୀୟ ଦଳ ପାଇଁ ନିଶ୍ଚିତ ବଡ ଚାଲେଞ୍ଜ ସୃଷ୍ଟି କରିବ ।

ଇଂଲଣ୍ଡ ବିପକ୍ଷ ଟେଷ୍ଟ ପାଇଁ ପ୍ରସ୍ତୁତି ସନ୍ତୋଷଜନକ: ଦ୍ରାବିଡ

ଲିସେଷ୍ଟରଶାୟାର(ଇଂଲଣ୍ଡ): ଭାରତୀୟ କ୍ରିକେଟ ଦଳର ମୁଖ୍ୟକୋଚ ରାହୁଲ ଦ୍ରାବିଡ କହିଛନ୍ତି ଯେ ଆସନ୍ତା ଜୁଲାଇ ୧ ତାରିଖରୁ ଅନୁଷ୍ଠିତ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ପଞ୍ଚମ ଟେଷ୍ଟ କ୍ରିକେଟ ମ୍ୟାଚ ପାଇଁ ଆମର ପ୍ରସ୍ତୁତି ଠିକ ରହିଛି । ଲିସେଷ୍ଟରଶାୟାର ବିପକ୍ଷ ୪ ଦିନିଆ ଅଭ୍ୟାସ ମ୍ୟାଚରେ ଦଳର ସମସ୍ତ ପ୍ରମୁଖ ବ୍ୟାଟର ଭଲ ରନ କରିଛନ୍ତି । ବୋଲର ମାନେ ସେମାନଙ୍କ ଦକ୍ଷତା ପ୍ରତିପାଦନ କରି ପାରିଛନ୍ତି । ମୁଖ୍ୟତଃ ଶ୍ରେୟସ ଆୟାର,ଶୁବମନ ଗିଲ, ବିରାଟ କୋହଲି, ରିଷଭ ପନ୍ତ ଓ ରବିନ୍ଦ୍ର ଜାଡେଜାଙ୍କ ବ୍ୟାଟିଂ ପ୍ରଦର୍ଶନ ସନ୍ତୋଷ ଜନକ ହୋଇ ପାରିଛି । ଇଂଲିଶ ପରିବେଶରେ ଦଳର ପ୍ରଦର୍ଶନ ନେଇ ଦ୍ରାବିଡ କହିଛନ୍ତି ଯେ ଗୋଟିଏ ଟେଷ୍ଟ ଖେଳିବା ପାଇଁ ଥିବା ବେଳେ ଖେଳାଳି ମାନେ ସ୍ଥିରତା ଆଣିବା ପାଇଁ ସମୟ ଯଥେଷ୍ଟ ନୁହେଁ । ତେଣୁ ସମସ୍ତେ ମିଳିତ ଭାବେ ପ୍ରୟାସ ଜାରି ରଖିବା ଜରୁରି । ମ୍ୟାଚର ପ୍ରଥମ ଦିନରୁ ଶେଷ ପର୍ଯ୍ୟନ୍ତ ଜୋରଦାର ଉଢ଼େଇ କରିବାକୁ ପଡିବ । ଅବଶ୍ୟ ଏହି ମ୍ୟାଚ ନିଶ୍ଚିତ ବଡ ଚାଲେଞ୍ଜ ସୃଷ୍ଟି କରିବ । ତେଣୁ ପ୍ରଥମ ଦୁଇ ଦିନ ମ୍ୟାଚ ସହିତ ସମ୍ପୂର୍ଣ୍ଣ ଅଭ୍ୟସ୍ତ ହେବା ଏକାନ୍ତ ଜରୁରି । ସେହିପରି ଶେଷ ଦୁଇ ଦିନ ମଧ୍ୟ ବିଶେଷ ଗୁରୁତ୍ୱପୂର୍ଣ୍ଣ । ତେଣୁ ଉଭୟ ବୋଲର ଓ ବ୍ୟାଟର ସ୍ଥିରତା ଓ ସଂଯମତା ରକ୍ଷା କରି ଖେଳିବାକୁ ପଡିବ । ଏହି ମ୍ୟାଚ ଉପଭୋଗ କରିବା ପାଇଁ ବହୁ କ୍ରିକେଟ ପେମୀ ଉପସ୍ଥିତ ହେବେ । ତେଣୁ ଏହା ଭିନ୍ନ ଉତ୍ସାହ ସୃଷ୍ଟି କରିବ । ସିରିଜର ଫଳାଫଳ ସ୍ଥିତି ବଜାୟ ରଖିବା ପାଇଁ ଦଳଗତ ପ୍ରଦର୍ଶନ ନିହାତି ଆବଶ୍ୟକ ବୋଲି ଦ୍ରାବିଡ କହିଛନ୍ତି ।

ବିରାଟ କୋହଲି ପୁଣି ଫର୍ମକୁ ଫେରିବେ: କୈଫ୍

ନୂଆଦିଲ୍ଲୀ: ପୂର୍ବତନ ଭାରତୀୟ କ୍ରିକେଟ ଦଳ ଅଧନାୟକ ବିରାଟ କୋହଲିଙ୍କ ପାଇଁ ସମୟ ଭଲ ନାହିଁ । ତେଣୁ ଅନେକ ଚେଷ୍ଟା ସତ୍ତ୍ୱେ ସେ କୌଣସି ଫର୍ମାଟରେ ସଫଳ ହୋଇ ପାରୁନି । ସମୟ ସାଥ ନ ଦେବାରୁ ୨୦୧୯ ପରେ ସ କୌଣସି ଫର୍ମାଟରେ ଶତକ ହାସଲ ମଧ୍ୟ ସମ୍ଭବ ହେଉନି । ତେବେ ଇଂଲଣ୍ଡ ପରିବେଶରେ ସେ ପୁଣି ଫର୍ମକୁ ଫେରିବେ ବୋଲି ଦୃଢ଼ ବିଶ୍ୱାସ । ଅବଶ୍ୟ ଚଳିତ ବର୍ଷର ଆଇପିଏଲରେ ତାଙ୍କର ପ୍ରଦର୍ଶନ ସନ୍ତୋଷ ଜନକ ହୋଇ ପାରି ନ ଥିଲା । ମାତ୍ର ଗତକାଲି ସମାପ୍ତ ହୋଇଥିବା ଇଂଲଣ୍ଡର କାଉଣ୍ଟି କ୍ଲବ ଲିସେଷ୍ଟରଶାୟାର ବିପକ୍ଷ ଚାରି ଦିନିଆ ଅଭ୍ୟାସ ମ୍ୟାଚରେ ଭଲ ବ୍ୟାଟିଂ କରିଛନ୍ତି । ପ୍ରଥମ ଇନିଂସରେ ୩୩ ଓ ଦ୍ୱିତୀୟ ଇନିଂସରେ ୭୬ ରନ କରି ଆତ୍ମ ବିଶ୍ୱାସ ଫେରି ପାଇଛନ୍ତି । ତେଣୁ ଆସନ୍ତା ୧ ତାରିଖରୁ ବର୍ମିଂହାମରେ ଅନୁଷ୍ଠିତ ହେବାକୁ ଯାଉଥିବା ଇଂଲଶ୍ଡ ବିପକ୍ଷ ଟେଷ୍ଟ ମ୍ୟାଚରେ ସେ ସଫଳ ହେବେ ବୋଲି ବିଶ୍ୱାସ । କାରଣ ଭାରତ ପାଇଁ ଆହୁରି ଅନେକ ଦିନ ଖେଳିବା ପାଇଁ ତାଙ୍କ ନିକଟରେ ଦକ୍ଷତା ରହିଛି । କେବଳ ମନୋବଳ ଦୃଢ଼ କରି ପାରିଲେ ସେ ପୁଣି ଫର୍ମକୁ ପେରି ପାରିବେ ବୋଲି ମହମଦ କୈଫ୍ କହିଛନ୍ତି ।

ରୋହିତଙ୍କୁ ଟି-୨୦ ନେତୃତ୍ୱରୁ ବିରତ କରାଯିବା ଉଚିତ: ସେହ୍ୱାଗ

ନୂଆଦିଲ୍ଲୀ: ପୂର୍ବତନ ଭାରତୀୟ କ୍ରିକେଟର ବିରେନ୍ଦ୍ର ସେହ୍ୱାଗ କହଛନ୍ତି ଯେ ରୋହିତ ଶର୍ମାଙ୍କୁ ତିନି ଫର୍ମାଟର ଅଧିନାୟକ ଦାୟିତ୍ୱ ଦେଲେ ସେ ନିଶ୍ଚିତ ଅଧିକ ଭାରାକ୍ରାନ୍ତ ହେବେ । ତେଣୁ ରୋହିତଙ୍କୁ କେବଳ ଟେଷ୍ଟ ଓ ଦିନିକିଆ ଫର୍ମାଟର ଅଧିନାୟକ ଦାୟିତ୍ୱ ଦେଇ ଅନ୍ୟ କାହାକୁ ଟି-୨୦ ପାଇଁ ଅଧିନାୟକ କରାଗଲେ ଭଲ ହେବ ବୋଲି ମୁଁ ଅନୁଭବ କରୁଛି । କାରଣ ଜଣେ ଖେଳାଳି ତିନି ଫର୍ମାଟର ଅଧିନାୟକ ହେଲେ ଆହତ ସମସ୍ୟା ରହିଛି । ତେଣୁ ଦଳର ସ୍ୱାର୍ଥ ଖେଳାଳିଙ୍କ ୱାର୍କଲୋଡ ଦୃଷ୍ଟିରୁ ଦୁଇ ଜଣଙ୍କୁ ଅଧିନାୟକ କରାଗଲେ ରୋହିତ ଚାପ ମୁକ୍ତ ହୋଇ ଟେଷ୍ଟ ଓ ଦିନିକିଆରେ ଦଳର ନେତୃତ୍ୱ ନେଇ ପାରିବେ । ତେବେ ବିସିସିଆଇ ଯଦି ବର୍ତ୍ତମାନର ନୀତି ଦୃଷ୍ଟିରୁ ଜଣେ ଖେଳାଳିଙ୍କୁ ତିନି ଫର୍ମାଟର ଅଧିନାୟକ ଦାୟିତ୍ୱ ଦେବା ପାଇଁ ଇଚ୍ଛା କରିବେ ,ତେବେ ରୋହିତ ଶର୍ମା ହିଁ ଉପଯୁକ୍ତ । ମାତ୍ର ରୋହିତଙ୍କ ଉପରୁ ଚାପ ହ୍ରାସ କରିବା ପାଇଁ ଚିନ୍ତା କଲେ ଅନ୍ୟ କାହାକୁ ଟି-୨୦ ଫର୍ମାଟର ଅଧିନାୟକ କରାଗଲେ ନିଶ୍ଚିତ ଭଲ ହେବ । ସୋନି ସ୍ପୋର୍ଟ୍ସ ସହିତ ମତ ବିନିମୟ କରିବା ବେଳେ ସେହ୍ୱାଗ କହିଛନ୍ତି ଯେ ୧୯୯୭ରେ ଏହି ଧାର ।ଅଷ୍ଟ୍ରେଲିଆ କ୍ରିକେଟରେ ଆରମ୍ଭ ହୋଇ ଥିଲା । ସେତେବେଳେ ଷ୍ଟିଭ ୱ ଅଷ୍ଟ୍ରେଲିଆ ଦିନିକିଆ ଦଳର ଅଧିନାୟକ ଥିବା ବେଳେ ମାର୍କ ଟେଲର ଟେଷ୍ଟ ଦଳର ନେତୃତ୍ୱ ନେଉଥିଲେ । ସେହିପରି ଇଂଲଣ୍ଡ କ୍ରିକେଟ ଏହି ପନ୍ଥା ଅନୁସରଣ କରି ଜୋ ରୁଟଙ୍କୁ ଟେଷ୍ଟ ଓ ଇଓନ ମୋର୍ଗାନଙ୍କୁ ସୀମିତ ଓଭର ଫର୍ମାଟର ଅଧିନାୟକ ନିଯୁକ୍ତ କରିଥିଲା । ଏହି ପଦ୍ଧତି ଅବଲମ୍ବନ ଦ୍ୱାରା ଉଭୟ ଦଳର ପ୍ରଦର୍ଶନ ଆଶାନୁରୂପ ହୋଇ ପାରିଥିଲା । ଅବଶ୍ୟ ଭାରତୀୟ କ୍ରିକେଟ ନୀତି ସମ୍ପୂର୍ଣ୍ଣ ଅଲଗା । କାରଣ ମହେନ୍ଦ୍ର ସିଂ ଧୋନି ଓ ବିରାଟ କୋହଲି ବହୁଦିନ ଧରି ତିନି ଫର୍ମାଟର ନେତୃତ୍ୱ ନେଇଥିଲେ । ସେହିପରି କୋହଲି ଅଧିକ ନାୟକ ଦାୟିତ୍ୱରୁ ଦୂରେଇ ଯିବା ପରେ ବର୍ତ୍ତମାନ ରୋହିତଙ୍କୁ ତିନି ଫର୍ମାଟର ଅଧିନାୟକ ନିଯୁକ୍ତ କରା ଯାଇଛି । ଅବଶ୍ୟ ଏକଦା ପୂର୍ବତନ ଅଧିନାୟକ କପିଳ ଦେବ କହି ଥିଲେ ଯେ ଦୁଇ ଜଣଙ୍କୁ ଅଧିନାୟକ ନିଯୁକ୍ତି କରିବା ଆମ ଭାରତୀୟ କ୍ରିକେଟର ସଂସ୍କୃତିରେ ନାହିଁ । ଅବଶ୍ୟ ଆଉ ଅଳ୍ପ ଦିନ ପରେ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହେବ ଟି-୨୦ ବିଶ୍ୱକପ । ତେଣୁ ବର୍ତ୍ତମାନ ପରିସ୍ଥିତିରେ ହଠାତ ଅଧିନାୟକ ପରିବର୍ତ୍ତନ ସମ୍ଭବ ନୁହେଁ । ତେବେ ଭବିଷ୍ୟତରେ ରୋହିତଙ୍କ ଉପରୁ ୱାର୍କଲୋଡ ହଟାଇବା ପାଇଁ ଅନ୍ୟ କାହାକୁ ଟି-୨୦ ଫର୍ମାଟର ଅଧିନାୟକ ନିଯୁକ୍ତ କରାଗଲେ ଭଲ ହେବ ବୋଲି ଭାବୁଛି । ଆଗାମୀ ଟି-୨୦ ବିଶ୍ୱକପ ସମ୍ପର୍କରେ ନିଜର ମତ ଦେଇ ସେହ୍ୱାଗ କହିଛନ୍ତି ଯେ ରୋହିତ ଶର୍ମାଙ୍କ ସହିତ ଇଶାନ କିଶାନ ଓ କେଏଲ ରାହୁଲ ହେଉଛନ୍ତି ପ୍ରଥମ ପସନ୍ଦ । ଏହା ବ୍ୟତିତ ବିରାଟ କୋହଲି ବରାବର ତୃତୀୟ ସ୍ଥାନରେ ବ୍ୟାଟିଂ କରିବେ । ସେହିପରି ମହମଦ ସାମି ଓ ଯଶପ୍ରୀତ ବୁମରାଙ୍କ ସହିତ ଯୁବ ପେସ୍ ବୋଲର ଉମ୍ରନ ମାଲିକ ଦଳରେ ସାମିଲ ହେଲେ ଭାରତୀୟ ପେସ୍ ଲାଇନ ଅଧିପ ପ୍ରଭାବୀ ହୋଇ ପାରିବ । କାରଣ ଏମାନଙ୍କ ସହିତ ଅଭିଜ୍ଞ ପେସ୍ ବୋଲର ଭୁବନେଶ୍ୱର କୁମାର ମଧ୍ୟ ଅଛନ୍ତି ।

ଅବସର ନେବେ ଇଓନ ମୋର୍ଗାନ

ଲଣ୍ଡନ: ଇଂଲଣ୍ଡର ଦିନିକିଆ କ୍ରିକେଟ ବିଶ୍ୱକପ ବିଜୟୀ ଅଧିନାୟକ ଇଓନ ମୋର୍ଗାନ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବେ ବୋଲି ସୂଚନା ମିଳିଛି । ସେ ଏହି ନିଷ୍ପତ୍ତି ନେଇଥିବା ବେଳେ ଖୁବ ଶୀଘ୍ର ଆନୁଷ୍ଠାନିକ ଭାବେ ଘୋଷଣା କରିବେ ବୋଲି ବିବିସି ସୂତ୍ରରୁ ଜଣାଶ ପଡିଛି । ପୁଣି ଥରେ ସ୍ମରଣ କରାଇ ଦିଆ ଯାଇ ପାରେ ଯେ ମୋର୍ଗାନଙ୍କ ନେତୃତ୍ୱରେ ଇଂଲଣ୍ଡ ୨୦୧୯ରେ ଅନୁଷ୍ଠିତ ଦିନିକିଆ ବିଶ୍ୱକପରେ ଚାମ୍ପିଅନ ହୋଇ ଥିଲା । ଏକଦିବସୀୟ କ୍ରିକେଟ ବିଶ୍ୱକପରେ ଇଂଲଣ୍ଡ ପାଇଁ ଏହା ଥିଲା ପ୍ରଥମ ଟାଇଟଲ । ସେହିପରି ଇଂଲଣ୍ଡ ଦିନିକିଆ ଓ ଟି-୨୦ ଆଇସିସି

ମାନ୍ୟତାରେ ଶୀର୍ଷ ସ୍ଥାନ ଦଖଲ କରି ପାରିଥିଲା । ମାତ୍ର ୩୫ ବର୍ଷୀୟ ମୋର୍ଗାନ ଗତ କିଛି ଦିନ ଧରି ଦୁର୍ବଳ ଫର୍ମ ଓ ଫିଟନେଶକୁ ନେଇ ସଂଗ୍ରାମ କରୁଛନ୍ତି । ନିକଟରେ ଅନୁଷ୍ଠିତ ନେଦରଲାଣ୍ଡ ବିପକ୍ଷ ଦିନିକିଆ ସିରିଜର ପ୍ରଥମ ଓ ଦ୍ୱିତୀୟ ମ୍ୟାଚରେ ଖାତା ଖୋଲି ପାରି ନ ଥିବା ବେଳେ ତୃତୀୟ ମ୍ୟାଚ ଖେଳିବାରୁ ବଞ୍ଚିତ ହୋଇଥିଲେ । ଜୁଲାଇ ୭ରୁ ଭାରତ ବିପକ୍ଷରେ ଇଂଲଣ୍ଡ ତିନି ମ୍ୟାଚ ବିଶିଷ୍ଟ ଟି-୨୦ ଓ ଦିନିକଆ ସିରିଜ ଖେଳିବ । ସେହିପରି ଆଉ ଅଳ୍ପ ଦିନ ପରେ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହେବ ଟି-୨୦ ବିଶ୍ୱକପ । ଆଗମୀ ବର୍ଷ ଭାରତରେ ଦିନିକିଆ ବିଶ୍ୱକପ ଅନୁଷ୍ଠିତ ହେବ । ତେଣୁ ସେ ଅବସର ନେଲେ ତାଙ୍କ ସ୍ଥାନରେ ଜୋସ ବଟଲର ଅଧିନାୟକ ହେବେ ବୋଲି ସୂଚନା ମିଳିଛି ।

ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ: ୩-୦ରେ ଇଂଲଣ୍ଡର କ୍ଲିନ୍ ସ୍ୱେପ୍

ଲିଡ୍ସ(ଇଂଲଣ୍ଡ): ଜୋ ରୁଟଙ୍କ ଅପରାଜିତ ୮୬ ଓ ଜନ୍ନି ବେୟାରଷ୍ଟୋଙ୍କ ଅପରାଜିତ ୭୧ ରନ ବଳରେ ଇଂଲଣ୍ଡ ଏଠାରେ ଅନୁଷ୍ଠିତ ଚଳିତ ଟେଷ୍ଟ ସିରିଜର ତୃତୀୟ ତଥା ଅନ୍ତିମ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୭ ୱିକେଟରେ ପରାସ୍ତ କରିଛି । ଏହି ସଫଳତା ସହିତ ଇଂଲଣ୍ଡ ତିନି ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜକୁ ୩-୦ରେ କ୍ଲିନ ସ୍ୱେପ ବିଜୟ ହାସଲ କରିଛି । ନ୍ୟୁଜିଲାଣ୍ଡ ୨୯୬ ରନ ବିଜୟ ଲକ୍ଷ୍ୟ ଟାର୍ଗେଟ ଦେଇଥିବା ବେଳେ ଜୋ ରୁଟ ଓ ବେୟାରଷ୍ଟୋଙ୍କ ଦମଦାର ବ୍ୟାଟିଂ ବଳରେ ଇଂଲଣ୍ଡ ସହଜରେ ହାସଲ କରି ନେଇ ଥିଲା । ପ୍ରଥମ ଇନିଂସରେ ନ୍ୟୁଜିଲାଣ୍ଡ ୩୨୯ ଓ ଦ୍ୱିତୀୟ ଇନିଂସରେ ୩୨୬ ରନ କରି ଅଲ ଆଉଟ ହୋଇ ଯାଇଥିଲା । ଟମ ବ୍ଲଣ୍ଡେଲ ଅପରାଜିତ ୮୮ ଓ ଯମ ଲ୍ଥାମ ୭୬ ରନ କରିଥିବା ବେଳେ ଇଂଲଣ୍ଡ କ୍ଷରୁ ସ୍କିନର ଜ୍ୟାକ ଲିଚ ୫ ଓ ଷ୍ଟୁଆର୍ଟ ବ୍ରଡ ୩ ୱିକେଟ ଅକ୍ତିଆର କରିଥିଲେ । ଇଂଲଣ୍ଡ ପ୍ରଥମ ଇନିଂସରେ ୩୬୦ ଓ ଦ୍ୱିତୀୟ ଇନିଂସରେ ୩ ୱିକେଟ ହରାଇ କରିଥିଲା ୧୯୬ ରନ ।

ଭାରତୀୟ କ୍ରିକେଟ ଦଳକୁ ସତର୍କ କଲା ବିସିସିଆଇ

ନୂଆଦିଲ୍ଲୀ: ସଂପ୍ରତି ଇଂଲଣ୍ଡ ଗସ୍ତରେ ଥିବା ଭାରତୀୟ କ୍ରିକେଟ ଦଳ ଅଧିକ ସମୟ ବାହାର ବୁଲାବୁଲି ନ କରିବା ପାଇଁ ବିସିସିଆଇ ସତର୍କ କରି ଦେଇଛି । କାରଣ ଅଧିନାୟକ ରୋହିତ ଶର୍ମା କରୋନାରେ ଆକ୍ରାନ୍ତ ହେବା ପରେ ବିସିସିଆଇ ଭୟଭୀତ ହୋଇ ପଡିଛି । ଭାରତୀୟ ଖେଳାଳି ବାହାରେ ଅଧିକ ବୁଲିବା ଅଭ୍ୟାସ ଥିବାରୁ ବିସିସିଆଇ ଏହା ଉପରେ କଟକଣା ଲଗାଇଛି । କାରଣ ଇଂଲଣ୍ଡରେ ଖେଳାଳିଙ୍କ ପାଇଁ କୌଣସି ବାୟୋ-ବବଲ ବ୍ୟବସ୍ଥା କରା ଯାଇ ନାହିଁ । ତେଣୁ ଭାରତୀୟ ଦଳ ଅତି ସତର୍କତାର ସହିତ ରହିବାକୁ ପଡିବ । କାରଣ ଇଂଲଣ୍ଡ ବିପକ୍ଷ ଟେଷ୍ଟ ମ୍ୟାଚ ସହିତ ଭାରତ ଟି-୨୦ ଓ ଦିନିକଆ ସିରିଜ ଖେଳିବା କାର୍ଯ୍ୟକ୍ରମ ରହିଛି । ମୁଖ୍ୟତଃ ରୋହିତ ଶର୍ମା ଓ ବିରାଟ କୋହଲି ବହାରେ ବୁଲାବୁଲି କରିବା ସହିତ ସେମାନଙ୍କ ଫ୍ୟାନଙ୍କ ସହିତ ଫଟୋ ଉଠାଇ ଇଣ୍ଟରନେଟରେ ପୋଷ୍ଟ କରୁଛନ୍ତି । ତେଣୁ ଆଗମୀ ସମୟରେ ଏଥିରୁ ନିବୃତ ରହିବା ଲାଗି ବିସିସିଆଇ ସୂଚନା ଦେଇଛି । କାରଣ ଗତ ବର୍ଷ ଭାରତୀୟ ଦଳର ଇଂଲଣ୍ଡ ଗସ୍ତ ବେଳେ ଦଳର କୋଚ ରବି ଶାସ୍ତ୍ରୀ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବା ପରେ କରୋନାରେ ଆକ୍ରାନ୍ତ ହୋଇ ଥିଲେ ।

ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତ ପାଇଁ ବିଜୟ ସୁଯୋଗ ରହିଛି: ସନ୍ଦିପ

ନୂଆଦିଲ୍ଲୀ: ପୂର୍ବତନ ଭାରତୀୟ ହକି ଅଧିନାୟକ ସନ୍ଦିପ ସିଂ କହିଛନ୍ତି ଯେ ଆସନ୍ତା ମାସରେ ଇଂଲଣ୍ଡରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତ ପାଇଁ ବିଜୟ ସୁଯୋଗ ରହିଛି । କାରଣ ଦଳରେ ଏକାଧିକ ପେନାଲ୍ଟି କର୍ଣ୍ଣର ସ୍ପେଶାଲିଷ୍ଟ ସୃଷ୍ଟି ହୋଇ ପାରିଛନ୍ତି । ସେହିପରି ତିନି ସ୍ପେଶାଲିଷ୍ଟ ଡ୍ରାଗ ଫ୍ଲିକର ହରମନପ୍ରିତ ସିଂ, ବରୁଣ କୁମାର ଓ ଅମିତ ରେହିଦାସଙ୍କୁ ନେଇ ଭାରତୀୟ ଢ଼େର ଶକ୍ତିଶାଳୀ । ଏମାନଙ୍କ ସହିତ ଅଛନ୍ତି ଦକ୍ଷ ଜୁନିୟର ଖେଳାଳି ସଞ୍ଜୟ ,ଅରଜିତ ସିଂ ହୂନ୍ଦାଲ ଓ ସୁଦିପ ଚିରମାକୋ । ଏମାନେ ଭାର

ସାଧାରଣତଃ ଆପଣ ଫାଷ୍ଟଫୁଡ୍ ଖାଇବାକୁ ଖୁବ୍ ପସନ୍ଦ କରନ୍ତି । ଯାହା ଫଳରେ ଖାଉଥିବା କିଛି ଖାଦ୍ୟ ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ସିଧାସଳଖ ପ୍ରଭାବ ପକାଇଥାଏ । ମଣିଷର ଜୀବନଶୈଳୀ ଏବଂ ଖରାପ ଖାଇବା ଅଭ୍ୟାସ ଯୋଗୁଁ ଲୋକଙ୍କ ସ୍ୱାସ୍ଥ୍ୟ ଖରାପ ହେବାକୁ ଲାଗୁଛି । ଏପରି ପରିସ୍ଥିତିରେ, ଅନେକ ପ୍ରକାରର ରୋଗର ଲକ୍ଷଣ ଦେଖିବାକୁ ମିଳେ । ବୟସ ଅନୁସାରେ କୋଲେଷ୍ଟ୍ରଲ୍‌ର ସମସ୍ୟା ମଧ୍ୟ ଦେଖିବାକୁ ମିଳିଥାଏ । ଶରୀରରେ ପ୍ରାୟତଃ ଦୁଇ ପ୍ରକାରର କୋଲେଷ୍ଟ୍ରଲ ରହିଛି । ପ୍ରଥମ ଭଲ ଏବଂ ଦ୍ୱିତୀୟ ଖରାପ । ଯଦି ଆପଣଙ୍କ ଶରୀରରେ ଖରାପ କୋଲେଷ୍ଟ୍ରଲ ବଢିବାରେ ଲାଗେ, ତେବେ ଏହା ହୃଦଘାତର ଆଶଙ୍କା ବଢିଯାଏ । ଏପରି ପରିସ୍ଥିତିରେ, ତୁମର କୋଲେଷ୍ଟ୍ରଲକୁ ସନ୍ତୁଳିତ ରଖିବା ଅତ୍ୟନ୍ତ ଜରୁରୀ । ଏଥିପାଇଁ ପ୍ରକାରର ଡ୍ରାଏ ଫ୍ରୁଟ୍ ଖାଇବା ଦରକାର । ଯାହା ଖାଇବା ଦ୍ୱାରା ଆପଣଙ୍କର ବଢୁଥିବା କୋଲେଷ୍ଟ୍ରଲକୁ ହ୍ରାସ କରିପାରିବେ ।

ବୁଡ଼ିଗଲାଣି ପ୍ରସିଦ୍ଧ ଭାସମାନ ରେଷ୍ଟୋରାଁ 'ଜମ୍ବୋ'

ଦକ୍ଷିଣ ଚୀନ୍ ସାଗରରେ ହଂକଙ୍ଗ୍‌ର ପ୍ରସିଦ୍ଧ ଭାସମାନ ରେଷ୍ଟୋରାଁ 'ଜମ୍ବୋ' ୧୦୦୦ ମିଟରରୁ ଅଧିକ ବୁଡ଼ି ଯାଇଥିବାରୁ ତାକୁ ଉଠାଇବା କାର୍ଯ୍ୟ ଖୁବ୍ କଠିନ ହୋଇଯାଇଛି । ଏ ସଂକ୍ରାନ୍ତରେ ଜାରି କରିଥିବା ବିବୃତିରେ ମୂଳ କମ୍ପାନି 'ଆର୍ବେଦୀନ ରେଷ୍ଟୋରାଁ ଏଣ୍ଟରପ୍ରାଇଜେସ୍' ଘୋଷଣା କରିଛି ଯେ, ହଂକଙ୍ଗ୍ ନଗରୀରୁ ନୌକା ସହାୟତାରେ ଉକ୍ତ 'ଜମ୍ବୋ'କୁ ଟାଣି ଟାଣି ଅଣାଯିବା ପରେ ପ୍ରତିକୂଳ ଅବସ୍ଥାରେ ପଡ଼ି ଦକ୍ଷିଣ ଚୀନ୍ ସାଗର ଅନ୍ତର୍ଗତ ପାରାସେଲ୍ ଦ୍ୱୀପ ନିକଟରେ ଓଲଟି ପଡ଼ିବାରୁ ସେଥିରେ ପାଣି ପଶି ଯାଇଥିଲା । ଏବେ ସମୁଦ୍ର ଜଳରାଶିର ୧୦୦୦ ମିଟରରୁ ଅଧିକ ଗଭୀରକୁ ଚାଲି ଯାଇଥିବାରୁ 'ଜମ୍ବୋ'କୁ ଉଠାଇବା କାର୍ଯ୍ୟ କାଠିକାର ପାଠ ହୋଇଯାଇଛି ବୋଲି ବିବୃତିରେ ଉଲ୍ଲେଖ ଅଛି । ଏଥିପାଇଁ ଆମେ ଖୁବ୍ ଦୁଃଖିତ । କିନ୍ତୁ, ଭାଗ୍ୟକୁ କୌଣସି 'ଜମ୍ବୋ'ର କୌଣସି କର୍ମଚାରୀ ଉକ୍ତ ଅଘଟଣରେ ଆହତ ହୋଇନାହାନ୍ତି । ରେଷ୍ଟୋରାଁକୁ ଯାଞ୍ଚ କରିବା ଲାଗି ମେରାଇନ୍ ଇଞ୍ଜିନିୟରମାନଙ୍କୁ ଅଣାଯାଇଛି । ପ୍ରାୟ ୧ ଦଶନ୍ଧି ଧରି ଆର୍ଥିକ ସଙ୍କଟ ଦେଇ ଗତି କରିବା ପରେ କୋଭିଡ୍-୧୯ ମହାମାରୀ ହେତୁ ୨୦୨୦ ମାର୍ଚ୍ଚ ମାସରେ ଉକ୍ତ ରେଷ୍ଟୋରାଁକୁ ବନ୍ଦ କରାଯାଇଥିଲା । ଏହାର ପରିଚାଳକ 'ମେଲ୍‌କୋ ଇଣ୍ଟରନ୍ୟାସ୍‌ନାଲ୍ ଡେଭ୍‌ଲପ୍‌ମେଣ୍ଟ୍ ?' ଗତ ମାସରେ କହିଥିଲା କି, ୨୦୧୩ରୁ ବ୍ୟବସାୟ ଲାଭଜନକ ହେଉ ନ ଥିଲା । ପ୍ରାୟ ୧୨.୭ ନିୟୁତ ଡଲାର କ୍ଷତି ହେଲାଣି । ବିଶ୍ୱର ବୃହତ୍ତମ ଭାସମାନ ରେଷ୍ଟୋରାଁ ଖ୍ୟାତି ପାଇବା ପରେ ଅନେକ ହଂକଙ୍ଗ୍ ଏବଂ ଆନ୍ତର୍ଜାତିକ ଚଳଚ୍ଚିତ୍ରରେ ରେଷ୍ଟୋରାଁ 'ଜମ୍ବୋ କିଙ୍ଗ୍‌ଡମ୍'ର ଦୃଶ୍ୟ ରହିଛି । ରାଣୀ ଦ୍ୱିତୀୟ ଏଲିଜାବେଥ୍, ଜିମ୍ମି କାର୍ଟର ଏବଂ ଟମ୍ କ୍ରୁଜ୍‌ଙ୍କ ଭଳି ପ୍ରଖ୍ୟାତ ବ୍ୟକ୍ତିମାନଙ୍କୁ ମଧ୍ୟ ଉକ୍ତ ରେଷ୍ଟୋରାଁ ଆପ୍ୟାୟିତ କରିଛି ।

ବନିବାକୁ ଚାହୁଁଥିଲେ କବାଡ଼ିବାଲା; ହେଇଗଲେ ଆଇଏଏସ୍

କଥାରେ ଅଛି କାହାର ବର୍ତ୍ତମାନକୁ ଦେଖି କେବେ କାହାର ଭବିଷ୍ୟତ ଆକଳନ କରାଯାଏନି । ଯେଉଁ ପିଲା ଛୋଟ ବେଳେ ଭଲ ପଢୁଛି ସେ ଯେ ବଡ଼ ହେଲେ ଜଣେ ବଡ଼ ଅଧିକାରୀ ବନିବ ଓ ଯିଏ ପଢ଼ାରେ ଦୁର୍ବଳ ଅଛି ସେ କିଛି ବନିପାରିବନି ସେପରି କିଛି ବି ନାହିଁ । ମଣିଷର ଚେଷ୍ଟା ମଣିଷକୁ କିଛି ବି ବନାଇପାରେ । ତାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଉତ୍ତରାଖଣ୍ଡର ଆଇଏଏସ୍ ଦୀପକ ରାୱତ । ସେ ନିଜେ ତାଙ୍କର ଏକ ସାକ୍ଷାତ୍‌କାରରେ କହିଛନ୍ତି କି ପିଲାଦିନେ ସେ ପାଠ ପଢ଼ାରେ ଟିକେ ଦୁର୍ବଳ ଥିଲେ । ତାପରେ ବି ସେ ବଡ଼ ହୋଇ ଜଣେ ଆଇଏଏସ୍ ଅଧିକାରୀ ବନିପାରିଛନ୍ତି । ପିଲାଦିନେ ତାଙ୍କ ଦ୍ୱାରା ପାଠ ହେଉନଥିବା କାରଣରୁ ସେ ଜଣେ କବାଡ଼ିବାଲା ବନିବାକୁ ଇଚ୍ଛା ରଖିଥିଲେ ବୋଲି ସେ ତାଙ୍କ ସାକ୍ଷାତ୍‌କାରରେ କହିଛନ୍ତି । ଏବେ ଦୀପକ ଜଣେ ଜଣାଶୁଣା ଆଇଏଏସ୍ ଅଧିକାରୀ । ସୋସିଆଲ୍ ମିଡିଆରେ ସେ ଖୁବ୍ ଲୋକପ୍ରିୟ । ଦୀପକ ଯେପରି ଭାବେ ଫିଲ୍ଡ ଭିଜିଟ୍ କରିଥାନ୍ତି ସେ ସବୁ ଭିଡିଓ ୟୁଟ୍ୟୁବ୍‌ରେ ବେଶ୍ ଚର୍ଚ୍ଚା ପାଲଟିଥାଏ । ସେ ଏକ ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ସାକ୍ଷାତ୍‌କାର ଦେଇ କହିଛନ୍ତି କି ତାଙ୍କୁ କବାଡ଼ିବାଲା ବନିବାକୁ ଆହୁରି ଏକ କାରଣରୁ ବି ଇଚ୍ଛା ହେଉଥିଲା । କବାଡ଼ିବାଲା ବନିଲେ ବିଭିନ୍ନ ପ୍ରକାର ସାମଗ୍ରୀ ତାଙ୍କ ନିକଟକୁ ଆସିବ, ସେ ବିଭିନ୍ନ ଆଡକୁ ଯାଇପାରିବେ । ଏପରି ସବୁ ଚିନ୍ତା କରି ସେ କବାଡ଼ିବାଲା ବନିବାକୁ ଇଚ୍ଛା ରଖିଥିଲେ । ଆଇଏଏସ୍ ଦୀପକ ରାଓତଙ୍କ ଜନ୍ମ ୧୯୭୭ ମସିହା ମସୁରୀରେ ହୋଇଥିଲା । ତାଙ୍କ ସ୍କୁଲ୍ ଶିକ୍ଷା ମସୁରୀରେ ପୂରା ହୋଇଥିବା ବେଳେ ଦିଲ୍ଲୀର ହଂସରାଜ କଲେଜରେ ଗ୍ରାଜୁଏସନ୍ କରିଥିଲେ । ସେ ୟୁପିଏସ୍‌ସି ପାଇଁ ଚେଷ୍ଟା କରି ପ୍ରଥମ ୨ ଥର ଅସଫଳ ହେବା ପରେ ତୃତୀୟ ଥରରେ ସଫଳ ହୋଇଥିଲେ ।

ଇଷ୍ଟର ଦ୍ୱୀପର ରହସ୍ୟମୟ ପ୍ରତିମୂର୍ତ୍ତି

ପ୍ରଶାନ୍ତ ମହାସାଗରର ପୂର୍ବଭାଗରେ ଚିଲି ଅଧୀନ ଇଷ୍ଟର ଦ୍ୱୀପ ବା ରପା ନୁଇ (ସ୍ଥାନୀୟ ଭାଷାରେ 'ଇସଲା ଡି ପାସ୍କୁଆ')ରେ ବିଦ୍ୟମାନ ବିଶାଳକାୟ ପଥର ପ୍ରତିମୂର୍ତ୍ତିମାନଙ୍କ ପାଇଁ ଏହା ବିଖ୍ୟାତ । ସମ୍ପ୍ରତି ଏଠାରେ କୌଣସି ଜନବସତି ନଥିବା ବେଳେ ଏହି ୬୩ ବର୍ଗମାଇଲ ପରିମିତ ଦ୍ୱୀପରେ କେବଳ ହଜାରେ ପାଖାପାଖି ପଥର ମୂର୍ତ୍ତି ହିଁ ଖରା, ବର୍ଷା, କାକରରେ ସେମିତି ପଡ଼ି ରହିଛନ୍ତି । ସେମାନଙ୍କ ଭିତରେ ଗୋଟେ ଗୋଟେ ସ୍ଥାପତ୍ୟର ଉଚ୍ଚତା ୩୦ ଫୁଟ ଓ ଓଜନ ୭୫ ଟନ୍ ଯାଏ ହୋଇଥିବା ଜଣାଯାଏ । ଏହି ନିର୍ଜନ ଦ୍ୱୀପରେ ଏପରି ବିଶାଳ ମୂର୍ତ୍ତିସମୂହକୁ ଯାନ୍ତ୍ରିକ ଶକ୍ତି ବିନା ଗଢ଼ିବା ଓ ସ୍ଥାନାନ୍ତର କରିବା ଅସମ୍ଭବ ମନେ ହୁଏ । ତେଣୁ ଇଷ୍ଟର ଦ୍ୱୀପର ସ୍ଥାପତ୍ୟଗୁଡ଼ିକ ରହସ୍ୟମୟ ହୋଇ ରହି ଆସିଛନ୍ତି । ଐତିହାସିକମାନଙ୍କ ଆକଳନ ଅନୁଯାୟୀ, ପ୍ରାୟ ୬୦୦ରୁ ୭୦୦ ବର୍ଷ ତଳେ ପ୍ରାଚୀନ ପଲିନେସୀୟ କ୍ରୀତଦାସମାନେ ଉକ୍ତ ଦ୍ୱୀପରେ ନିଜର ଜୀବିକା ନିର୍ବାହ ପାଇଁ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ । ତେବେ ଆଗ୍ନେୟ ଶିଳାରେ ଭରିଥିବା ଉକ୍ତ ଦ୍ୱୀପର ଉର୍ବରତା ବଢ଼ାଇବା ଲାଗି ସେମାନେ ନିଜର ପୂର୍ବପୁରୁଷଙ୍କୁ ପୂଜା କରିବା ଉଦ୍ଦେଶ୍ୟରେ ଏପରି ବିଶାଳ ପଥର ମୂର୍ତ୍ତିମାନ ଗଢ଼ିଥିବା ପ୍ରତ୍ନତତ୍ତ୍ୱବିତ୍‌ମାନେ ଅନୁମାନ କରୁଛନ୍ତି । କିନ୍ତୁ ପରେ ସେମାନଙ୍କ ଦ୍ୱାରା ଅବାଧ ବୃକ୍ଷଛେଦନ ଯୋଗୁଁ ଉକ୍ତ ଦ୍ୱୀପର ଉର୍ବରତା ହ୍ରାସ ହେବା ସହ କୃଷିକାର୍ଯ୍ୟ ପ୍ରଭାବିତ ହୋଇଥିଲା । କ୍ରମେ ଖାଦ୍ୟ ବିହୁନେ ପଲିନେସୀୟମାନେ ଦ୍ୱୀପ ଛାଡ଼ି ଅନ୍ୟତ୍ର ପଳାୟନ କରିଥିବା ବେଳେ ବିଶାଳ ମୂର୍ତ୍ତିଗୁଡ଼ିକ ସେଠାରେ ସେମିତି ପଡ଼ି ରହିଛନ୍ତି ।

ଅଜୟଙ୍କ ପାଇଁ ଆଜି ମୁଁ ସିଙ୍ଗଲ୍: ତବୁ

ବଲିଉଡରେ ଅନେକ କଳାକାର ଅଛନ୍ତି, ଯିଏକି ଏପର୍ଯ୍ୟନ୍ତ ବିବାହ କରିନାହାଁନ୍ତି । ଏହି ଲିଷ୍ଟରେ ସଲମାନ ଖାନ, ଅକ୍ଷୟ ଖନ୍ନା, ନଗମା, ଅଭୟ ଦେଓ୍ୱଲ ଏବଂ ସୁସ୍ମିତା ସେନଙ୍କ ପରି ଷ୍ଟାର ଅଛନ୍ତି । ଏମାନଙ୍କ ମଧ୍ୟରେ ୯୦ ଦଶକରେ ଅନେକ ସୁପରହିଟ୍ ଫିଲ୍ମ ଦେଇଥିବା ଅଭିନେତ୍ରୀ ତବୁଙ୍କ ନାମ ମଧ୍ୟ ସାମିଲ । ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ତବୁ ସେହି ଅଭିନେତ୍ରୀଙ୍କ ମଧ୍ୟରେ ସାମିଲ, ଯିଏକି ନିଜର ଚମତ୍କାର ଅଭିନୟ ମାଧ୍ୟମରେ ନିଜକୁ ଫିଲ୍ମ ଦୁନିଆରେ ସ୍ଥାପିତ କରିଥିଲେ । ତବୁ ଅନେକ ଫିଲ୍ମରେ ନିଜର ଜବରଦସ୍ତ ଅଭିନୟ ପ୍ରଦର୍ଶନ କରିଛନ୍ତି । ଏହି ଫିଲ୍ମ ମଧ୍ୟରେ ଚାନ୍ଦନୀ ବାର, ବିରାସତ, ମାଚିସ୍ ଏବଂ ଦୃଶ୍ୟମ ଭଳି ଅନେକ ଫିଲ୍ମ ସାମିଲ । ନିକଟରେ ତବୁ ଏକ ଇଣ୍ଟରଭ୍ୟୁରେ ଅଜୟ ଦେବଗନ ଏବଂ ନିଜ ସମ୍ପର୍କ ବିଷୟରେ ଖୋଲାଖୋଲି ଭାବେ କହିଛନ୍ତି । ତବୁ କହିଛନ୍ତି, ଯେତେବେଳେ ସେ ବହୁତ ଛୋଟ ଥିଲେ ତାଙ୍କ ଭାଇ ସମୀର ଅଜୟ ଦେବଗନଙ୍କ ପଡୋଶୀ ଥିଲେ । ଅଭିନେତ୍ରୀଙ୍କ କହିବା ଅନୁଯାୟୀ, ତାଙ୍କର ଭାଇ ଏବଂ ଅଜୟ ଦେବଗନ ତାଙ୍କ ଉପରେ ଖାସ ନଜର ରଖୁଥିଲେ । ଯେବେ ବି କୌଣସି ପୁଅ ତାଙ୍କ ନିକଟତର ହେବାକୁ ଚେଷ୍ଟା କରୁଥିଲେ ସେମାନେ ତାକୁ ଧମକାଉଥିଲେ । ସେହି ସମୟରେ ତବୁ ଅଜୟଙ୍କୁ ନେଇ କହିଥିଲେ, ମୁଁ ଆଜି ତାଙ୍କ ପାଇଁ ସିଙ୍ଗଲ ଅଛି । ତବୁ ଆହୁରି କହିଥିଲେ ଏଥିପାଇଁ ଅଜୟ ପସ୍ତାଇବେ । ନିକଟରେ ଆରଜେ ସିଦ୍ଧାର୍ଥ କାନନଙ୍କୁ ଦେଇଥିବା ଏକ ଇଣ୍ଟରଭ୍ୟୁରେ ତବୁ କହିଥିଲେ, ଯଦି କେହି ଥାନ୍ତି ଯାହାଙ୍କ ଉପରେ ସେ ଭରସା କରିପାରିବେ ସେ ହେଉଛନ୍ତି ଅଜୟ ଦେବଗନ । ଅଜୟ ଏବଂ ତବୁ ବହୁତ ଭଲ ବନ୍ଧୁ । ବିଜୟପଥ, ଦୃଶ୍ୟମ୍, ଗୋଲମାଲ ରିଟର୍ନ ଏବଂ ଦେ ଦେ ପ୍ୟାର' ଭଳି ଅନେକ ଫିଲ୍ମରେ ଉଭୟ ଷ୍ଟାର ଏକାଠି ସ୍କ୍ରିନ୍ ସେୟାର କରିଛନ୍ତି ।

'ଜ୍ୟାକ୍ ସ୍ପେରୋ' ଚରିତ୍ର ପାଇଁ ଜନି ଡେପ୍‌ଙ୍କୁ ମିଳିବ ୨,୫୩୫ କୋଟି ଟଙ୍କା

ହଲିଉଡର ଜଣାଶୁଣା ଅଭିନେତା ଜନି ଡେପ୍ ଗଲା କିଛି ଦିନ ହେବ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ବେଶ୍ ଚର୍ଚ୍ଚାରେ ରହିଛନ୍ତି । ପୂର୍ବତନ ପତ୍ନୀ ଅମ୍ବର ହାର୍ଡ ଆଣିଥିବା ମାନହାନୀ ମକଦ୍ଦମାରେ ଜନି ଡେପ୍ ଜିତିବା ପରେ ଏବେ ସେ ପୁଣି ଥରେ ପରଦାକୁ କମ୍‌ବ୍ୟାକ୍ କରିବାକୁ ଯୋଜନା କରିଛନ୍ତି । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଜନି ଷ୍ଟେଜ୍ ପୁଣି ଥରେ ଜ୍ୟାକ୍ ସ୍ପେରୋ ଚରିତ୍ରରେ ନଜର ଆସିବେ । ଏଥିପାଇଁ ଜୋରସୋରରେ ପ୍ରସ୍ତୁତି ଚାଲିଛି । ଡିଜନୀ ଜନି ଡେପ୍‌ଙ୍କ ନିକଟକୁ ଏକ କ୍ଷମାପତ୍ର ପଠାଇଛି । ଏଥିସହ ହଲିଉଡର ସୁପରହିଟ୍ ଫିଲ୍ମ 'ପାଇରେଟେସ୍ ଅଫ ଦ କ୍ୟାରିବିୟାନ'ର ଜ୍ୟାକ୍ ସ୍ପେରୋ ଚରିତ୍ରରେ ଅଭିନୟ ପାଇଁ ୨୫୩୫ କୋଟି ଟଙ୍କା ଅଫର କରିଛି । ହଲିଉଡର ଏହି ସୁପରହିଟ୍ ଫିଲ୍ମର ପାଞ୍ଚଟି ଭାଗରେ ଜନି ଡେପ୍ କ୍ୟାପଟେନ୍ ଜ୍ୟାକ ସ୍ପେରୋ ଚରିତ୍ରରେ ଅଭିନୟ କରି ସାରିଛନ୍ତି । ଡିଜନୀ ତାଙ୍କ ନିକଟକୁ ଏକ ଉପହାର ସହିତ ପତ୍ର ମଧ୍ୟ ପଠାଇଛନ୍ତି । ଡିଜନୀ ଷ୍ଟୁଡିଓ ଜ୍ୟାକ ସ୍ପେରୋଙ୍କୁ ନେଇ ଡ୍ରାଫ୍ଟ ମଧ୍ୟ ପ୍ରସ୍ତୁତ କରିଛି । ଜନିଙ୍କୁ ଜ୍ୟାକ୍ ସ୍ପେରୋ ଚରିତ୍ରରେ ଅଭିନୟ ପାଇଁ ୨,୫୩୫ କୋଟି ଟଙ୍କା ଅଫର ଦିଆଯାଇଛି । ଜନିଙ୍କ ଜଣେ ନିକଟତର ବନ୍ଧୁଙ୍କ କହିବା ମୁତାବକ, ଆଶା କରୁଛୁ ଜନି ଡେପ୍ ନିର୍ମାତା ସଂସ୍ଥାକୁ କ୍ଷମା କରିଦେବେ । ହେବ ଯଦି ଜନି ଡେପ୍ କ୍ୟାପଟେନ୍ ଜ୍ୟାକ୍ସ ସ୍ପେରୋ ଭୂମିକାରେ ନଜର ଆସିବେ ତେବେ ନିଶ୍ଚିତ ରୂପେ ପ୍ରଶଂସକଙ୍କ ପାଇଁ ଏହା ବଡ ଖବର । ଅନ୍ୟପଟେ କିନ୍ତୁ ଜନି ଡେପ୍ କିମ୍ବା ତାଙ୍କ ଟିମ୍‌ଙ୍କ ତରଫରୁ ଏନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ । ବ୍ୟକ୍ତିଗତ ବିବାଦ ଯୋଗୁ ଗତ କିଛି ବର୍ଷ ହେଲେ ଜନି ଡେପଙ୍କ ହାତରୁ ଅନେକ ଫିଲ୍ମ ଛଡାଇ ନିଆଯାଇଥିଲା । ଏପରିକି ଫାଣ୍ଟାଷ୍ଟିକ ବିଷ୍ଟ ୩ ଏବଂ ପାଇରେଟ୍ସ ଅଫ ଦ କ୍ୟାରିବିୟାନ ପରି ଫିଲ୍ମ ମଧ୍ୟ ତାଙ୍କ ହାତରୁ ଛଡାଇ ନିଆଯାଇଥିଲା । ଏଥିସହ ଆଉ କେବେ ବି ଜ୍ୟାକ୍ ସ୍ପେରୋ ଭୂମିକାରେ ଅଭିନୟ କରିବେ ନାହିଁ ବୋଲି ନିକଟରେ ଜନି ଡେପ୍ ଘୋଷଣା ମଧ୍ୟ କରିଥିଲେ ।

ବିଶ୍ୱର ପ୍ରାଚୀନତମ ପାନ୍ଥଶାଳା

ଇତିହାସରେ ହୋଟେଲ ଶବ୍ଦ କଥା ଖୋଜିଲେ ଅନେକ ପ୍ରାଚୀନ କାଳରୁ ତାହା ରହିଥିବା ଜଣାପଡ଼େ । ପ୍ୟାରିସ ଓ ରୋମ ପରି ଅତି ପୁରାତନ ସହରରେ ହୋଟେଲ ସଂକ୍ରାନ୍ତ ରୋଚକ ତଥ୍ୟ ଥାଇପାରେ, ମାତ୍ର ଜାପାନର ଏକ ପାନ୍ଥଶାଳା ଭିନ୍ନ ଗୁଣ ପାଇଁ ସର୍ବାଗ୍ରେ ରହିବ । ଜାପାନର ଫୁଜି ପର୍ବତଠାରୁ ଦୂରରେ ଅବସ୍ଥିତ 'ନିଶିୟାମା ଅନ୍‌ସେନ୍ କ୍ୟୁକାନ୍' ନାମକ ପାନ୍ଥଶାଳାଟି ୭୦୫ ଖ୍ରୀଷ୍ଟାବ୍ଦରୁ ହିଁ ନିରନ୍ତର ସେବା ଯୋଗାଇ ଆସୁଛି । ଏହା ବିଶ୍ୱର ପ୍ରାଚୀନତମ ଅବିରତ କାର୍ଯ୍ୟକ୍ଷମ ହୋଟେଲ ହେବାର ଗୌରବ ଅର୍ଜନ କରି ୨୦୧୧ ମସିହାରେ ବିରଳ ଗିନିସ୍ ବିଶ୍ୱ ରେକର୍ଡର ଅଧିକାରୀ ହୋଇପାରିଛି । ଦୀର୍ଘ ୧୫ ଶତାବ୍ଦୀ ତଳେ ଫୁଜିବାରା ମାହିତୋ ଏହାକୁ ସ୍ଥାପନ କରିଥିଲେ ଏବଂ ସେବେଠାରୁ ତାହା ଗ୍ରାହକମାନଙ୍କୁ ଅନନ୍ୟ ଆତିଥ୍ୟ ପ୍ରଦାନ କରିଆସୁଛି ।

ଫୁଜିବାରାଙ୍କ ପରେ ତାଙ୍କର ୫୨ ପିଢ଼ି ଯାଏ ତାହା ଗୋଟିଏ ପରିବାର ଦ୍ୱାରା ହିଁ ପରିଚାଳିତ ହୋଇ ଆସୁଛି । ଯଦିଓ ସମୟାନୁକ୍ରମେ ସେଥିରେ ଆଧୁନିକତାର ସ୍ପର୍ଶ ବାଜି କିଛି ନବୀକରଣ କରାଯାଇଛି, ତେବେ ତାହାର ମୂଳ ତଥା ମୁଖ୍ୟ ଆକର୍ଷଣ ସୁଖଦାୟକ 'ଉଷ୍ଣ ପ୍ରସ୍ରବଣ' ଏବଂ ମନଲୋଭା ପ୍ରାକୃତିକ ସୌନ୍ଦର୍ଯ୍ୟ ଏବେ ବି ଆକର୍ଷଣର କେନ୍ଦ୍ର ବିନ୍ଦୁ ହୋଇ ରହିଛି । ହୋଟେଲରେ ଥିବା ୩୭ଟି ପ୍ରକୋଷ୍ଠକୁ ଜାପାନର ପାରମ୍ପରିକ ଶୈଳୀରେ ସଜ୍ଜିତ କରାଯାଇ ପ୍ରତି କୋଠରିର ରାତି ପିଛା ଭଡ଼ା ସର୍ବନିମ୍ନ ୪୦୫ ଡଲାର ରଖାଯାଇଛି । ସଂଖ୍ୟାଧିକ ଐତିହାସିକ ଯୋଦ୍ଧାଙ୍କଠାରୁ ଆରମ୍ଭ କରି ପ୍ରଥମ ଶ୍ରେଣୀର ରାଜନେତା ଓ ସମ୍ଭ୍ରାନ୍ତ ବର୍ଗର ବ୍ୟକ୍ତିବିଶେଷ ଏହି ପାନ୍ଥଶାଳାର ଉପଶମକାରୀ ଉଷ୍ଣ ସ୍ନାନର ମଜା ନେଇଛନ୍ତି । 'ମୋଚିତାନି ନୋ ୟୁ' ନାମରେ ପରିଚିତ କ୍ୟୁକାନ୍‌ର ପ୍ରସିଦ୍ଧ ସ୍ନାନରେ କ୍ୟୁଟୋ ପାହାଡ଼ର ପାଦଦେଶରେ ଥିବା ଉଷ୍ଣ ପ୍ରସ୍ରବଣର ଜଳକୁ ସିଧାସଳଖ ଉପଭୋଗ କରିବାର ପ୍ରାବଧାନ ରହିଛି । ଏପରିକି ଅତିଥି ଅଭ୍ୟାଗତମାନଙ୍କୁ ମଧ୍ୟ ଏହି ପ୍ରସ୍ରବଣରୁ ସିଧାସଳଖ ଜଳ ପାନ କରିବାକୁ ନିମନ୍ତ୍ରଣ କରାଯାଇଥାଏ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଭଞ୍ଜନଗର, (ଭାସ୍କର ନ୍ୟୁଜ୍) : ତେନ୍ତୁଳିଆ ଶାସନ ଦେବସ୍ଥାନମହାବିଦ୍ୟାଳୟର ଜାତୀୟ ସେବା ଯୋଜନା,ଯୁବ ରେଡ୍ କ୍ରସ୍, ଏବଂ ସମରଶିକ୍ଷାର୍ଥୀ ବାହିନୀର ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତୀୟ ଯୋଗ ଦିବସ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଡଃ.ରମଣୀ ରଂଜନ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡାକ୍ତର ରାଜେନ୍ଦ୍ର ପ୍ରସାଦ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଯୋଗଗୁରୁ ପ୍ରାଣବନ୍ଧୁ ଗୌଡ ଛାତ୍ରଛାତ୍ରୀ ମାନଙ୍କୁ ଯୋଗଶିକ୍ଷା ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ପ୍ରଶାସନିକ ଅଧିକାରୀ ଡଃ.ଜଗନ୍ନାଥ ତ୍ରିପାଠୀ ଏବଂ ଶୈକ୍ଷିକ ଅଧିକାରୀ ହରପ୍ରସାଦ ଶତପଥି ଯୋଗ ଦେଇ ଯୋଗ ସମ୍ପର୍କିତ ଅନେକ ତଥ୍ୟ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଯୋଜନା ଅଧିକାରୀ ଅଧ୍ୟାପକ ବସନ୍ତ କୁମାର ଶତପଥି ସ୍ୱାଗତ ଭାଷଣ ଦେଇଥିଲାବେଳେ ଅଧ୍ୟାପକ ସୁଧିର କୁମାର ପଟ୍ଟନାୟକ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ପ୍ରଦାନ କରିଥିଲେ ।

ମୃତ ଡ୍ରାଇଭରଙ୍କ ସ୍ତ୍ରୀ ଆଣିଲେ ହତ୍ୟା ଅଭିଯୋଗ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନଏସି ପାଟଣା ଠାରେ ଶନିବାର ସନ୍ଧ୍ୟାରେ ଘଟିଥିବା କାର ଦୁର୍ଘଟଣାକୁ ନେଇ ରବିବାର ହିନ୍ଦୋଳରେ ବେଶ୍ ତୁମ୍ବିତୋଫାନ ଦେଖିବାକୁ ମିଳିଥିଲା । ବନମାଳିପୁର ଗ୍ରାମର କାର୍ ଚାଳକ ଦେବୀପ୍ରସାଦ ମୁଦୁଲିଙ୍କ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା । ଯାହାକୁ ନେଇ ଦେବୀପ୍ରସାଦଙ୍କ ସ୍ତ୍ରୀ ସୁଭଦ୍ରା ମୁଦୁଲି ଥାନାରେ ଏତଲା କରିଛନ୍ତି । ବନମାଳିପୁର ଗ୍ରାମର ଦେବୀପ୍ରସାଦ ମୁଦୁଲି ନିଜେ କାର ଚଳାଇ ନିଜ ଘରୁ ଡାକ୍ତରଖାନା ଛକ ଆଡେ ଯାଉଥିବା ବେଳେ ହଠାତ୍ କାରଟି ଭାରସାମ୍ୟ ହରାଇ ପାଟଣା ଗ୍ରାମର ଗୋଲାପ ମହମ୍ମଦଙ୍କ ଘରକୁ ଧକ୍କା ଦେଇଥିଲା । ଯାହା ଫଳରେ ଗୋଲାପଙ୍କ ଘରର ସମ୍ମୁଖଭାଗ ଭାଙ୍ଗିରୁଜି ଯାଇଥିଲା । ଦୁର୍ଘଟଣା ପରେ ଲୋକମାନେ ଘଟଣା ସ୍ଥଳରେ ରୁଣ୍ଡ ହୋଇଥିଲେ ଏବଂ ଦେବୀପ୍ରସାଦଙ୍କୁ କାର ଭିତରୁ ଟାଣି ଆଣିଥିଲେ । ଗୋଲାପ ମହମ୍ମଦଙ୍କ ପଡୋଶୀ ସନ୍ତୋଷ ମହାପାତ୍ର ଏବଂ ଅନ୍ୟ କିଛି ବ୍ୟକ୍ତି କାର ଚାଳକ ଦେବୀପ୍ରସାଦଙ୍କୁ ନିସ୍ତୁକ ମାଡ ମାରିଥିଲେ ବୋଲି ତାଙ୍କ ସ୍ତ୍ରୀ ସୁଭଦ୍ରା ଏତଲାରେ ଦର୍ଶାଇଛନ୍ତି । କାର ଦୁର୍ଘଟଣାରେ ନୁହେଁ ବରଂ ନିସ୍ତୁକ ମାଡରେ ସ୍ୱାମୀଙ୍କର ମୃତ୍ୟୁ ହୋଇଛି ବୋଲି ଅଭିଯୋଗ କରିବା ସହ ଘଟଣା ସମୟର ସିସିଟିଭି ଫୁଟେଜ୍ ଯାଂଚ କରିବାକୁ ମଧ୍ୟ ସେ ଦାବି କରିଛନ୍ତି । ଅଭିଯୁକ୍ତଙ୍କୁ ଗିରଫ ଦାବୀରେ ଗ୍ରାମବାସୀଙ୍କ ସହ ସ୍ଥାନୀୟ ଡ୍ରାଇଭର ସଂଘ ଟାୟାର ଜାଳି ଏବଂ ମୃତ ଦେହ ରଖି ହିନ୍ଦୋଳ-ନରସିଂହପୁର , ହିନ୍ଦୋଳ- ଅନୁଗୁଳ ଓ ହିନ୍ଦୋଳ-ଗୁଡିଆକାଟେଣୀ ପ୍ରମୁଖ ରାସ୍ତାକୁ ଅବରୋଧ କରିଥିଲେ । ହିନ୍ଦୋଳ ଅତିରିକ୍ତ ଉପଜିଲ୍ଲାପାଳ ଗଜାନନ ପ୍ରଧାନ,ଏସଡିପିଓ ଅଞ୍ଜନା ଟୁଡୁ, ତହିଲଦାର ସୁଶାନ୍ତ କୁମାର ମିଶ୍ର ଓ ଥାନା ଅଧିକାରିଣୀ ଚାରୁଲତା ବେହେରା ପ୍ରମୁଖ ଘଟଣା ସ୍ଥଳରେ ଉପସ୍ଥିତରହି ବୁଝାସୁଝା କରିଥିଲେ । ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବା ସହ ଅଭିଯୁକ୍ତ ମାନଙ୍କୁ ୭ ଦିନ ମଧ୍ୟରେ ଗିରଫ କରିବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଦେଖିବାକୁ ବାକି ରହିଲା କେବେ ଅଭିଯୁକ୍ତମାନେ ଗିରଫ ହେଉଛନ୍ତି ।

ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ଓ ଦୁଷ୍କର୍ମ ଅଭିଯୋଗ, ଜଣକୁ କୋର୍ଟ୍‌ଚାଲାଣ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍) : ରାୟଗଡା ଜିଲ୍ଲା ଟିକିରି ଅଞ୍ଚଳର ଜଣେ ଯୁବତିଙ୍କୁ ଅପହରଣ କରି ଦୁଷ୍କର୍ମ କରିଥିବା ସହ ତାର ଅଶ୍ଳୀଳ ଭିଡିଓ ଭାଇରାଲ କରିବା ଅଭିଯୋଗରେ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ପୋଲିସ ଆଜି ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ୍ ଚାଲାଣ କରିଛି ।ତା ନାମ ରାହୁଲ ଡଙ୍ଗରି ଓ ତାଘର ଲକ୍ଷ୍ମୀପୁର ବୋଲି ପୋଲିସ କହିଛି ।ଏନେଇ ଯୁବତିଙ୍କ ମା ଲକ୍ଷ୍ମୀପୁର ଥାନାର ଦ୍ୱାରସ୍ଥ ହୋଇ ୨୩ ତାରିଖ ଦିନ ଲିଖିତ ଅଭିଯୋଗ କରିଥିଲେ ।ଅଭିଯୋଗକୁ ଭିତ୍ତି କରି ରାୟଗଡାରୁ ଅଭିଯୁକ୍ତ ଲକ୍ଷ୍ମୀପୁର ପୋଲିସ ଗିରଫ କରିବା ସହ ଯୁବତିକୁ ଉଧାର କରିଥିଲା ।ପରେ ଉଭୟଙ୍କ ଡାକ୍ତରି ମାଇନା କରିବା ପରେ ଆଜି କେସ ନମ୍ବର ୭୦/୨୨ରେ ଏକ ମାମଲା ରୁଜୁ କରି ତାକୁ କୋର୍ଟ୍ ଚାଲାଣ କରା ଜାଇଥିବା ଆଇଆଇସି ଶ୍ୱେତ ପଦ୍ମା ସେଠ୍ କହିଛନ୍ତି ।

ଶିକ୍ଷାଦାନ ଅବହେଳା ନେଇ ୨ ଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ

ଧାମନଗର, (ଭାସ୍କର ନ୍ୟୁଜ୍) : ଧାମନଗର ବ୍ଲକରେ କେତେକ ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଖାମଖିଆଲି ନୀତିଯୋଗୁ ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଅଧିକାଂଶ ବିଦ୍ୟାଳୟରେ ଶିକ୍ଷକ ମାନେ ମନୋମୁଖୀ ଭାବେ ବିଦ୍ୟାଳୟକୁ ଆସନ୍ତି । ଆସିବାରେ ଯେପରି ବିଳମ୍ବ ଶୀଘ୍ର ବିଦ୍ୟାଳୟ ପରିତ୍ୟାଗ କରନ୍ତି । ଏପରି ଏକ ଘଟଣା ଧାମନଗର ବିଜ୍ଞାପିତ ପରିଷଦର ୮ନମ୍ବର ୱାର୍ଡ଼ର ଥିବା ଜଗତି ଶ୍ୟାମପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷାଦାନରେ ବ୍ୟାପକ ଅବହେଳା ଦେଖିବାକୁ ମିଳିଛି । ଉକ୍ତ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ୨ଜଣ ନାମରେ ଅଭିଯୋଗ ଥିବାବେଳେ ଶନିବାର ୨୫ତାରିଖ ଦିନ ଉକ୍ତ ବିଦ୍ୟାଳୟର ଦିନ ୧୦ଟା ବେଳେ ସିଆରସିସି ସେକ୍ ସାମସୁଦ୍ଦିନ୍ ପରିଦର୍ଶନ ଯାଇଥିବାବେଳେ ଉକ୍ତ ବିଦ୍ୟାଳୟଟି ବନ୍ଦ ଥିଲା । ଏନେଇ ସିଆରସିସି ବ୍ଲକ ଶିକ୍ଷାଧିକାରୀ କୈଳାଶ ଜେନାଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଲିଖିତ ଅଭିଯୋଗ କରିଥିଲେ । ତେବେ ସିଆରସିସିଙ୍କ ଅଭିଯୋଗ ମୂଳେ ବ୍ଲକ ଶିକ୍ଷାଧିକାରୀ ସମ୍ପୃକ୍ତ ୨ଜଣ ଶିକ୍ଷୟିତ୍ରୀଙ୍କ ଗୋଟିଏ ମାସର ଦରମା ବନ୍ଦକରିବା ସହ ତାଙ୍କ ବିରୁଦ୍ଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ସେନେଇ ନୋଟିସ ଜାରି କରାଯାଇଛି । ସୂଚନାଥାଉ କି, ଶନିବାର ଦିନ ସକାଳ ସ୍କୁଲ ନଥିବାବେଳେ ଶିକ୍ଷୟିତ୍ରୀ ମନୋମୁଖୀ ଭାବେ ସକାଳ କରୁ ୧୦ଟା ବେଳେ ପଳାଇଥିବାର ଶୁଣିବାକୁ ମିଳିଛି ।

ପଶ୍ଚିମ ଓଡ଼ିଶାରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବି

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍) : ଓଡ଼ିଶାର୭୦ ପ୍ରତିଶତ ଲୋକ ଏଠାରେ କୃଷି ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ । କୃଷି ଓ କୃଷକର ଉନ୍ନତି ପାଇଁ କୃଷି ବିଜ୍ଞାନ କ୍ଷେତ୍ରରେ ଉଚ୍ଚତର ଶିକ୍ଷା ଓ ଗବେଷଣାର ଯଥେଷ୍ଟ ଆବଶ୍ୟକତା ରହିଛି । ଓଡ଼ିଶାରେ ୧୯୬୨ ମସିହାରେ ରାଜ୍ୟର ପ୍ରଥମ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରଠାରେ ପ୍ରତିଷ୍ଠା ହୋଇଥିଲା । ସେତେବେଳେ ଓଡ଼ିଶାର ଲୋକସଂଖ୍ୟା ଥିଲା ୧କୋଟି ୭୦ ଲକ୍ଷ । ଏବେ ଲୋକସଂଖ୍ୟା ୪ କୋଟି ୫୪ ଲକ୍ଷରେ ପହଞ୍ଚିଲାଣି । ବିଜେଡ଼ି ଦଳ ତା'ର ନିର୍ବାଚନ ଇସ୍ତାହାରରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପଶ୍ଚିମ ଓଡ଼ିଶାବାସୀଙ୍କୁ ପ୍ରତିଶ୍ରୁତି ଦେଇଥିବା ବେଳେ ଶାସନର ୨୨ ବର୍ଷ ମଧ୍ୟରେ ଏପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ କଲେ ନାହିଁ । ଯାହାକି ପଶ୍ଚିମ ଓଡ଼ିଶା କାହିଁକି, ସମଗ୍ର ଚାଷୀ ସମାଜ ପାଇଁ ମୁଖ୍ୟମନ୍ତ୍ରୀଙ୍କର ଏହା ଏକ ପ୍ରତାରଣା ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ କହିଛନ୍ତି । ସରକାର କାଳ ବିଳମ୍ବ ନ କରି ତୁରନ୍ତ ପଶ୍ଚିମ ଓଡ଼ିଶାରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କୃଷକ ସେଲ୍ ପକ୍ଷରୁ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକଙ୍କ ସହିତ ପଶ୍ଚିମ ଓଡ଼ିଶାର ସମସ୍ତ ଜିଲ୍ଲାର କିଷାନ କଂଗ୍ରେସ ଅଧ୍ୟକ୍ଷମାନେ ରାଜ୍ୟ ସରକାରଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି ।

ଅଗ୍ନୀପଥ ବିରୁଦ୍ଧରେ କଂଗ୍ରେସର ସତ୍ୟାଗ୍ରହ

ରଣପୁର, (ଭାସ୍କର ନ୍ୟୁଜ୍) : ଅଖିଳ ଭାରତୀୟ କଂଗ୍ରେସ କମିଟି ଡାକରାରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶ କ୍ରମେ ରଣପୁର ନୁର୍ବାଚନ ମଣ୍ଡଳୀ କଂଗ୍ରେସ ତରଫରୁ ଅଗ୍ନୀପଥ ବିରୁଦ୍ଧରେ ଏକ ଦିନିକିଆ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଅଛି । କଂଗ୍ରେସ ଯୁବ ନେତା ସତ୍ୟବ୍ରତ ନାୟକ ଙ୍କ ନେତୃତ୍ୱ ରେ ଏହି ସତ୍ୟାଗ୍ରହ ଅନୁଷ୍ଠିତ ହୋଇଥିଲା । ଛାତ୍ର , ଯୁବକ ତଥା ବେକାରୀ ମାନଙ୍କ ପାଇଁ ଅଗ୍ନୀପଥ ଏକ ଦୀର୍ଘସ୍ଥାୟୀ ଯୋଜନା ବୋଲି ସତ୍ୟାଗ୍ରହୀ ମାନେ କହିଥିଲେ । ଏହି ସତ୍ୟାଗ୍ରହ ରେ ବରିଷ୍ଠ ଆଇନଜୀବି ସତ୍ୟ ରଞ୍ଜନ , ନୟାଗଡ ଯୁବକଂଗ୍ରେସ କାର୍ଯ୍ୟକାରୀ ସଭାପତି , ମହିଳା କଂଗ୍ରେସ ସଭାପତି ପ୍ରତିମା ଜେନା , ଆଇନଜିବୀ ଉମେଶ ରଞ୍ଜନ ସାହୁ , ବରିଷ୍ଠ ଆଇନଜିବୀ ଶତ୍ରୁଘନ ପାଇକରାୟ , ଆଇନଜିବୀ ବସନ୍ତ କୁମାର ପ୍ରଧାନ , ପ୍ରକାଶ ଚନ୍ଦ୍ର ନାୟକ ଆଦି ବହୁନେତା ସତ୍ୟାଗ୍ରହ ରେ ସାମିଲ ଥିଲେ ।

୩ ସେବା ସମବାୟ ସମିତିର ବିଜେଡ଼ି ସମର୍ଥିତ ସଭାପତି ନିର୍ବାଚିତ

ଧାମନଗର, (ଭାସ୍କର ନ୍ୟୁଜ୍): ଧାମନଗର ବ୍ଲକର ୧୧ଟି ସେବା ସମବାୟ ସମିତିର ନିର୍ବାଚନ ସରିଥିବାବେଳେ ସେଥିରେ ବିଜେଡ଼ି ସମର୍ଥିତ ପ୍ରାର୍ଥୀମାନେ ବିପୁଳ ସଂଖ୍ୟାରେ ବିଜୟଲାଭ କରିଥିବାବେଳେ ଧାମନଗର ସେବା ସମବାୟ ସମିତିର ଭୋଟର ଲିଷ୍ଟକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏଣୁ ସେଠାରେ ନିର୍ବାଚନ ଅନିର୍ଦ୍ଦିଷ୍ଟ କାଳପାଇଁ ବନ୍ଦଥିବାବେଳେ ୧୧ଟି ସେବା ସମବାୟ ସମିତିର ପରିଷଦର ସଭାପତି ବିଜେଡି ସମର୍ଥିତ ହେବାପାଇଁ ଏକରକମ ନିଶ୍ଚିତ ହୋଇଯାଇଥିଲା । ତେବେ କଙ୍ଗସାହି ଓ ଦୋବଲ ସେବା ସମବାୟ ସମିତିର ବିଜେଡ଼ି ସମର୍ଥିତ ସଭାପତି ନିଦ୍ୱନ୍ଦରେ ନିର୍ବାଚିତ ହୋଇଥିବାବେଳେ ଆଜି ଧୂଷୁରୀ ସେବା ସମବାୟ ସମିତିର ସଭାପତି ଭାବେ ନିର୍ଦ୍ୱନ୍ଦରେ ସନ୍ଦୀପ ସ୍ୱାଇଁ ନିର୍ବାଚିତ ହୋଇଛନ୍ତି । ସେହିପରି ବମକୁରା ସେବା ସମବାୟ ସମିତିର ସଭାପତି ଖୁଦିରାମ ମଲ୍ଲିକ ଓ ଚୁଡ଼ାକୁଟି ସେବା ସମବାୟ ସମିତିର ସଭାପତି ଭାରତୀ ମଲ୍ଲିକ ନିର୍ବାଚିତ ହୋଇଛନ୍ତି । ସଭାପତି ନିର୍ବାଚନ ପରେ ସେମାନଙ୍କୁ ସମିତିରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି ।

ବର୍ଷିୟାନ କଂଗ୍ରେସ ନେତା ତଥା ଶିକ୍ଷାବିତଙ୍କ ବିୟୋଗ

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ଟାଙ୍ଗୀ ଚୌଦ୍ୱାର ଅଞ୍ଚଳରେ ଜଣାଶୁଣା ଶିକ୍ଷାବିତ୍ ଭାବେ ପରିଚିତ କୈଳାସ ଚନ୍ଦ୍ର ବରାଳଙ୍କ ୮୦ବର୍ଷ ବୟସରେ ହୃଦ୍‌ଘାତରୁ ମୃତ୍ୟୁବରଣ କରିଥିବାର ଜଣାପଡିଛି । ଶ୍ରୀ ବରାଳ ପ୍ରାରମ୍ଭରୁ ଜଣେ ଶିକ୍ଷାବିତ୍ ଭାବେ ଅଞ୍ଚଳରେ କ୍ଷାତି ଅର୍ଜନ କରି ନିଜ ଗ୍ରାମ ବରହମପୁରରେ ଥିବା ଦାମୋଦର ମଧ୍ୟ ଉ୍ଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରି ତାଙ୍କଠୁ ଅଧ୍ୟୟନ କରିଥିବା ବହୁ ଛାତ୍ର ଛାତ୍ରୀ ରାଜ୍ୟ ତଥା ଦେଶରେ ବହୁ ବଡ ପଦପଦବୀରେ ଥାଇ ସୁନାମ ଅର୍ଜନ କରିଛନ୍ତି । ପରିତ୍ୟକ୍ତ ବୟସରେ ଶ୍ରୀ ବରାଳ ଯୁବ ପୀଢିଙ୍କ ଭଳି ନିଜ ଦୁଇଚକିଆ ଜାନରେ ଜିଲ୍ଲାର ସମସ୍ତ ଅଞ୍ଚଳକୁ ଯାଇ ଦୁଃଖୀ ଗରିବ ଓ ବହୁ ଅନୁଷ୍ଠାନକୁ ଚଳାଇବାରେ ତାଙ୍କର ଭୂମୀକା ଅତୁଳନୀୟ ଥିଲା । ପୂର୍ବରୁ ଟାଙ୍ଗୀ-ଚୌଦ୍ୱାର ନିର୍ବାଚନୀ ମଣ୍ଡଳୀ ଥିବାବେଳେ ଶ୍ରୀ ବରାଳ ୧୯୮୯ ଓ ୧୯୯୫ ମସିହାରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ କାହ୍ନୁ ଚରଣ ଲେଙ୍କାଙ୍କର ଅତି ଆତ୍ମୀୟତାର ପାତ୍ର ହୋଇ ଦୁଇଥର ଜାତୀୟ କଂଗ୍ରେସ ଦଳରୁ ବିଧାୟକ ଭାବେ ନିର୍ବଚାନ ଲଢିଥିଲେ । ଟାଙ୍ଗୀ-ଚୌଦ୍ୱାର ସମେତ କଟକ ଜିଲ୍ଲାରେ ଥିବା ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, କବିତା ଓ ଗଳ୍ପ ଆଶର ଓ ବହୁ ଶିକ୍ଷା ଅନୁଷ୍ଠାନରେ ବହୁ ପଦପଦବୀରେ ଥାଇ ସୂରୁରୁ ରୂପେ ନିଜର କାର୍ଯ୍ୟ ନିର୍ବାହ କରିଆସୁଥିଲେ ।


ଫାଇଲ୍ ଫଟୋ

ଗତକାଲି ମଧ୍ୟ ରାତ୍ରିରେ ସେ ଶୋଇବା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରି ପରିବାର ଲୋକଙ୍କୁ ଜଣାଇବାପରେ ହଠାତ୍ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା । ଖବର ପାଇ ପ୍ରାତଃଝରୁ ଗ୍ରାମ ସମେତ ଟାଙ୍ଗୀ ଚୌଦ୍ୱାର ଅଞ୍ଚଳର ବହୁ ଶୁଭେଶୁ ତାଙ୍କ ଘର ନିକଯରେ ଭିଡ ଜମାଇଥିଲେ । ମୃତ୍ୟୁ ଖବର ପାଇ ଟାଙ୍ଗୀ-ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, କଟକ ଜିଲ୍ଲା କଂଗ୍ରେସ ସଭାପତି ମାନସ ଚୌଧୁରୀ, ହିନ୍ଦ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ଇମ୍ପାର ଲୋକସମ୍ପକ ଧ୍ରୁବ ଚରଣ ରାଉତଙ୍କ ସମେତ ଶତାଧିକ ଲୋକ ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇଥିଲେ । ଶେଷରେ ଗ୍ରାମ ମଷାଣୀରେ ଶେଷ କୃତ୍ୟ ସମ୍ପର୍ଣ୍ଣ କରିବା ସହ ତାଙ୍କର ଜ୍ୟେଷ୍ଠ ପୁତ୍ର ଗୌରୀଶ ପ୍ରସାଦ ବରାଳ, ଗୋଟିଏ ଝିଅ ଓ ୩ ପୁତ୍ର ଉପସ୍ଥିତ ରହିଥିଲେ ।

ଅଳତଳଙ୍ଗରେ ଅମୃତ ସରୋବର ଯୋଜନାର ଶୁଭ ପ୍ରଦାନ

ନିଆଳି, (ଭାସ୍କର ନ୍ୟୁଜ୍) : ନିଆଳି ବ୍ଲକ୍ ଦେବୀ କନ୍ଦଳ ଦ୍ୱୀପାଞ୍ଚଳ ଅନ୍ତର୍ଗତ ରାଣୀଓଳା ପଞ୍ଚାୟତର ଅଳତଳଙ୍ଗ ଗ୍ରାମରେ ଭାରତ ସରକାର ଓ ଓଡ଼ିଶା ସରକାର ଙ୍କ ମିଳିତ ଉଦ୍ୟମରେ ପରିଚାଳିତ ଅମୃତ ସରୋବର ଯୋଜନାର ଶୁଭ ପ୍ରଦାନ କରାଯାଇଛି । ୨ ଏକରରୁ ଉର୍ଦ୍ଧ୍ୱ ପରିମିତ ଅନାବାଦୀ ଯାଗାରେ ଆଜି ବ୍ଲକ୍ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ସଭ୍ୟା ସୌଦାମିନୀ ମହାପାତ୍ର, ସରପଞ୍ଚ ତ୍ରୀନାଥ ମହାନ୍ତି, ସୁରେନ୍ଦ୍ର ପଟ୍ଟନାୟକ, ପ୍ରଶାନ୍ତ ସ୍ୱାଇଁ, ଜି.ଆର୍.ଏସ୍ ଅଭିମନ୍ୟୁ ସମିତି ସଭ୍ୟା ମନୀଷା ସ୍ୱାଇଁ, ପ୍ରମୁଖ ଯୋଗଦେଇ ନଡିଆ ବାଡେଇ ପ୍ରକଳ୍ପର ଶୁଭ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ସରପଞ୍ଚ ତଥା ବିଜେଡି ଜିଲ୍ଲା ସମ୍ପାଦକ ସରୋଜ କୁମାର ସ୍ୱାଇଁ, ନରେନ୍ଦ୍ର ରାଉତରାୟ, ସୁନାକର ମହାନ୍ତି, ଅଭିମନ୍ୟୁ ସ୍ୱାଇଁ, ଶୁଭମନ୍ୟୁ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ପ୍ରକଳ୍ପ କାର୍ଯ୍ୟର ସଫଳତା କାମନା କରିଥିଲେ ।

ବଧୂଙ୍କ ସନ୍ଦେହଜନକ ମୃତ୍ୟୁ, ପରିବାର ସଦସ୍ୟ ଆଣିଲେ ହତ୍ୟା ଅଭିଯୋଗ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ୍ ଦେବୀ-କନ୍ଦଳ ଦ୍ୱୀପାଞ୍ଚଳ ଅନ୍ତର୍ଗତ ରାଣୀଓଳା ପଞ୍ଚାୟତର ରାଇଚାଦୋଳ ଗ୍ରାମରେ ଦେଢ ବର୍ଷ ତଳେ ନିମାପଡା ଥାନା ଚାଉଳବସ୍ତ ଗ୍ରାମର ଝିଅ ତ୍ରୀବାକର ଜେନାଙ୍କ ପୁଅ ରଶ୍ମିରଞ୍ଜନ ଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ । ମାତ୍ର ବିବାହର ୨ ମାସ ପର ଠାରୁ ଯୌତୁକ କଥାକୁ କେନ୍ଦ୍ର କରି ଜେନା ପରିବାରର ଦେଢଶୁର, ଯା ଓ ଶାଶୁ ବୋହୁ ଦ୍ୱୀପାଙ୍କୁ ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦେଇ ଆସୁଥିଲେ । ଗତକାଲି ବିଳମ୍ବିତ ରାତିରେ ଦ୍ୱୀପାକୁ ମାରିଦେଇ ଆତ୍ମହତ୍ୟାର ରୂପ ଦେଇଥିବା ନେଇ ଝିଅ ଘର ପରିବାର ନିଆଳି ଥାନାରେ ଅଭିଯୋଗ କରିଛନ୍ତି । ନିଆଳି ପୋଲିସ୍ ଆଇ.ଆଇ.ସି ବିଜୟ କୁମାର ମଲ୍ଲିକ, ସଦର ଏସ୍.ଡି.ପି.ଓ ସୁବାସ କୁମାର ପଣ୍ଡା ଓ କସର୍ଦା ଫାଣ୍ଡି ଅଧିକାରୀ ସୁନିଲ କୁମାର ପତି ପ୍ରମୁଖ ସାଇ□ଫିକ୍ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଯବତ କରିବା ସହ ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ପଠାଇଛନ୍ତି । ନିଆଳି ପୋଲିସ୍ ଦ୍ୱୀପା ଙ୍କ ସ୍ୱାମୀ ରଶ୍ମିରଞ୍ଜନ କୁ ଅଟକ ରଖିଥିବା ବେଳ